

୨୦୦ ଟେଷ୍ଟ ୱିକେଟ୍ କ୍ଲବରେ ବୁମରା | ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 276 | ଭାଗ ୩୨ | ସଂଖ୍ୟା ୨୭୬ | Bhubaneswar | Monday 30 December 2024 | Page 8 Rs. 4.00 | ଭୁବନେଶ୍ୱର ସୋମବାର ୩୦ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଘାଟିରୁ ବସ୍ ଖସି ୪ ପର୍ଯ୍ୟଟକ ମୃତ



ବୋରିଗୁମ୍ମା, ୨୯।୧୨ (ସଂଚାର ବ୍ୟୁରୋ): ନୂଆବର୍ଷ ପୂର୍ବରୁ ବଡ଼ ଅଘଟଣ ଘଟିଛି। କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଗୁପ୍ତେଶ୍ୱର ଶୈବପୀଠ ନିକଟ ଡକରି ଘାଟିର ସୁକୁନାଳ ନିକଟରେ ରବିବାର ଭୋରରୁ ଏକ ପର୍ଯ୍ୟଟକ ବସ୍ ଓଲଟି ପଡ଼ିବାରୁ ନାବାଳିକା ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ଛୁଆ ମଧ୍ୟ ଅଛନ୍ତି। ଆହତଙ୍କୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ➪ପୃଷ୍ଠା-୬

### ଏବର୍ଷର ସବୁଠୁ ବଡ ବିମାନ ଦୁର୍ଘଟଣା
## ୧୭୯ ଜଣଙ୍କ ମୃତ୍ୟୁ



ସିଓଲ,୨୯।୧୨: ଦକ୍ଷିଣ କୋରିଆର ମୁଆନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ୧୭୯ ଜଣଙ୍କ ମୃତ୍ୟୁ ଘଟିଛି। ଜେଜୁ ଏୟାରଲାଇନ୍ସର ଏହି ବିମାନରେ ୧୭୫ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟଙ୍କୁ ମିଶାଇ ମୋଟ ୧୮୧ ଜଣ ଥିଲେ। ତେବେ ଏହି ଭୟଙ୍କର ଦୁର୍ଘଟଣାର କାରଣ ଖୋଜୁଛନ୍ତି ଦକ୍ଷିଣ କୋରିଆ ତଦନ୍ତକାରୀ ସଂସ୍ଥା। ସୌଭାଗ୍ୟ ବଶତଃ ଦୁଇ ଜଣ ବଞ୍ଚିଯାଇଥିବା ଜଣାପଡିଛି। ଜେଜୁ ଏୟାର ବୋଇଂ ୭୩୭-୮୦୦ ବିମାନଟି ବ୍ୟାଙ୍ଗକକରୁ ଫେରୁଥିବା ବେଳେ ଏହା ଦକ୍ଷିଣ କୋରିଆର ମୁଆନ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ସାଢ଼େ ୮ଟାରେ ଲ୍ୟାଣ୍ଡିଂ କରିବାର ଥିଲା। ➪ପୃଷ୍ଠା-୬

## ଦରଦୀ ମୋହନ
# ଚାଷୀଙ୍କ ଅଭିଯୋଗ ଶୁଣିଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ



ବୀମା ଆବେଦନ ଅବଧି ଦିନେ ବଢ଼ିଲା

ନୟାଗଡ଼/ଗଜପତି/ବ୍ରହ୍ମପୁର, ୨୯।୧୨ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଘଟିଥିବା ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ ପାଇଁ ନୟାଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ଗସ୍ତ କରି ସବୁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ନିଶ୍ଚୟ ସହାୟତା ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମଧ୍ଯ କ୍ଷତିଗ୍ରସ୍ତ ଜିଲ୍ଲା ଗୁଡ଼ିକ ବୁଲି ଦେଖିଥିଲେ। ଗସ୍ତ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ଛତ୍ରପୁର ଠାରେ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତି ସମ୍ବନ୍ଧରେ ସମୀକ୍ଷା କରି ବୀମା ଭୁକ୍ତ ଚାଷୀ ମାନଙ୍କ ପାଇଁ କ୍ଷୟକ୍ଷତି ସଂପର୍କରେ ଜଣାଇବା ସମୟ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରିଛନ୍ତି । ଏହି ସମୟ ରବିବାର ପର୍ଯ୍ୟନ୍ତ ଥିବା ବେଳେ ଏହା ଆସନ୍ତା କାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରାଜ୍ୟର କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଗୁଡିକର ➪ପୃଷ୍ଠା-୬

### କୃଷକ ହେଉଛନ୍ତି ସମାଜର ଅନ୍ନଦାତା: କେଭି

କଟକ/କୁଜଙ୍ଗ : ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜଗତସିଂହପୁର ଜିଲ୍ଲାର ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଏହାସହିତ କୁଜଙ୍ଗ ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ଫସଲ ହାନି ଏକ ବିରଳ ଘଟଣା ବୋଲି ମନ୍ତବ୍ୟ ଦେଇ ସେ କହିଥିଲେ, କୃଷକ ହେଉଛନ୍ତି ସମାଜର ଅନ୍ନଦାତା। କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ଉପଯୁକ୍ତ ➪ପୃଷ୍ଠା-୬





### ଦୁର୍ଦ୍ଦିନରେ ଚାଷୀଙ୍କ ସହ ଚଟାଣ ପରି ଠିଆ ହୋଇଛନ୍ତି ସରକାର: ପ୍ରଭାତୀ

ଭଦ୍ରକ : ଭଦ୍ରକ ଓ ବାଲେଶ୍ୱର ଯାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ସମୀକ୍ଷା କରିଛନ୍ତି। ଅଦିନିଆ ବର୍ଷା ସମଗ୍ର ଓଡ଼ିଶାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଧାନ ଅମଳ ସମୟରେ ଲଗାଣ ବର୍ଷା ଯୋଗୁଁ ଧାନ ଗଜା ହୋଇ ବିଲରେ ହିଁ ନଷ୍ଟ ହୋଇଯାଇଛି। କ୍ଷୟକ୍ଷତି ସଂକ୍ରାନ୍ତରେ ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରାଯିବ ଓ ଏନେଇ ସମୀକ୍ଷା କରାଯିବ। ଚାଷୀଙ୍କ ଏଭଳି ଦୁର୍ଦ୍ଦିନରେ ସରକାର ଚଟାଣ ଭଳି ତାଙ୍କ ସହିତ ଠିଆ ହୋଇ ରହିଛି ବୋଲି ପ୍ରକାଶ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ ଏହି ଦୁଇ ଜିଲ୍ଲାର ବିଭିନ୍ନ ➪ପୃଷ୍ଠା-୬

## ଭୋଟ କେଲିଏ କୁଛ୍ଭି କରେଗା



ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷରେ ଫସଲ ହାନୀରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଖକୁ ଯାଉଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଯିଏ ୨୪ ବର୍ଷର ଶାସନ କାଳ ମଧ୍ୟରେ ମୁଖ୍ୟତଃ ଆକାଶମାର୍ଗରୁ ବାତ୍ୟା, ବନ୍ୟା ଓ ମରୁଡ଼ି ପ୍ରଭାବିତ ଅଞ୍ଚଳ ବୁଲି ଦେଖନ୍ତି ସେ ପୁଣି ହେଲିକପ୍ଟରରୁ ଓହ୍ଲାଇ ଫସଲ ହାନୀ ଦେଖିବେ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବେ। ଏକଥା ରାଜନୈତିକ ମହଲରେ ଯେତିକି ଚର୍ଚ୍ଚିତ, ସାଧାରଣରେ ମଧ୍ୟ ସେତିକି ଆଲୋଚନାର ଖୋରାକ ଯୋଗାଇଛି। ଲଭ୍ କେଲିଏ କୁଛଭି କରେଗା ଭଳି କ୍ଷମତାରୁ ଯିବା ପରେ ଏବେ ଲୋକଙ୍କ ପାଖରେ ପହଁଚିବାକୁ ଏହା ଏକ ରାଜନୈତିକ ଷ୍ଟଣ୍ଟ ବୋଲି କୁହାଯାଉଛି।

୧୯୯୭ ଡିସେମ୍ବରରେ ବିଜୁ ଜନତା ଦଳର ଗଠନ ହେଲା। ୧୯୯୯ ମହାବାତ୍ୟାରେ ଛାରଖାର ହୋଇଗଲା ଉପକୂଳ ଓଡିଶା। ସେ ସମୟରେ ନବୀନ ବିଜେପି ସହ ମେଣ୍ଟ କରି ନୂଆ ନୂଆ ରାଜନୀତିକୁ ଆସି କେନ୍ଦ୍ରରେ ମନ୍ତ୍ରୀ ହୋଇଥାନ୍ତି। ତେଣୁ ସେ ସମୟରେ ସେ ଥରେ ମହାବାତ୍ୟା ପ୍ରଭାବିତ ଅଂଚଳକୁ ଯାଇଥିଲେ। ତା ପରେ ଫନି ପ୍ରଭାବିତ ପୁରୀ ଯାଇଥିଲେ। ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ ଆଉ କେବେ ନବୀନ ବାତ୍ୟା, ବନ୍ୟା କି ମରୁଡ଼ି ବେଳେ ସିଧାସଳଖ ଲୋକଙ୍କ ପାଖକୁ ଯିବାର ନଜିର ନାହିଁ। ବିରୋଧୀ ଦଳ ନେତା ହେବା ପରେ ପ୍ରଥମ ଥର ନବୀନ ଫସଲ ହାନୀ ହୋଇଥିବା ଅଞ୍ଚଳକୁ ଯାଇ ଚାଷୀଙ୍କୁ ଭେଟିବାକୁ ଯୋଜନା କରୁଛନ୍ତି। ନବୀନଙ୍କ ବିପର୍ଯ୍ୟୟ ସମୀକ୍ଷା ଓ ରିଲିଫ କେବଳ ଆକାଶମାର୍ଗରୁ ଓ ସଚିବାଳୟରେ ତାଙ୍କ କାର୍ଯ୍ୟାଳୟରୁ ହୋଇଥାଏ। ଅବଶ୍ୟ ଏକଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ, ପ୍ରାକ ପ୍ରସ୍ତୁତି ଓ ବିପର୍ଯ୍ୟୟ ମୁକାବିଲାରେ ଓଡିଶା ନିଜସ୍ୱ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକୁ ବିଶ୍ୱ ପ୍ରଶଂସା କରିଛି। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ଦୁଇ ଜଣ ମନ୍ତ୍ରୀ ଫସଲହାନୀ ହୋଇଥିବା ➪ପୃଷ୍ଠା-୬

## ମାତୃଭୂମି ପ୍ରତି ସମର୍ପିତ ରହିବାର ବାର୍ତ୍ତା ଦେଉଛି ଶିଖ୍ ସମାଜ

- ଶିଖ୍ ବନ୍ଧୁମାନଙ୍କ ଦଳରେ ଯୋଗଦାନ ବିଜେପିକୁ ସୁଦୃଢ଼ କରିବ
- ସୈନିକ ନିର୍ମାଣ ଓ ବ୍ୟବସାୟକୁ ଆଗକୁ ନେବାରେ ଶିଖ୍ ସମାଜର ବଡ ଯୋଗଦାନ
- ଗୁରୁଦ୍ୱାରକୁ ଯିବା ମୋର ସୌଭାଗ୍ୟ



ସମ୍ବଲପୁର, ୨୯।୧୨ (ସଂଚାର ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମରେ ଏବଂ ସ୍ୱାଧୀନତା ପରେ ଶିଖ୍ ସମାଜର ଦେଶ ପାଇଁ ଅନେକ ଯୋଗଦାନ ରହିଛି। ଦେଶରେ ସୈନିକ ତିଆରି କରିବା ହେଉ କିମ୍ବା ବ୍ୟବସାୟକୁ ଆଗକୁ ନେବାରେ, ଶିଖ୍ ସମାଜର ବଡ ଯୋଗଦାନ ରହିଛି ବୋଲି ରବିବାର ସମ୍ବଲପୁରରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ମିଶ୍ରଣ ପର୍ବରେ ଶିଖ୍ ସମାଜର ଅନେକ ନାଗରିକମାନଙ୍କୁ ଦଳରେ ସ୍ୱାଗତ କରି ସେ କହିଛନ୍ତି ଅନେକ ସମୟରେ ଗୁରୁଦ୍ୱାରକୁ ଦର୍ଶନ ପାଇଁ ଯିବା ଏବଂ ସେବାରେ ସମୟ ଅତିବାହିତ କରିବା ମୋର ➪ପୃଷ୍ଠା-୬

### ଡାକ୍ତରୀ ଛାତ୍ରଙ୍କୁ ମାଡ଼
## ୪ ଡାକ୍ତର ବହିଷ୍କୃତ

ବ୍ରହ୍ମପୁର, ୨୯।୧୨ (ସଂଚାର ବ୍ୟୁରୋ): ଏମ୍‌କେସିଜି ମେଡିକାଲ କଲେଜର ପିଜି ହଷ୍ଟେଲରେ ଡାକ୍ତରୀ ଛାତ୍ରଙ୍କୁ ମାଡ଼ ମାମଲାରେ ଜଣେ ଚୁକ୍ତିଭିତ୍ତିକ ସହକାରୀ ପ୍ରଫେସର ସମେତ ୪ ଡାକ୍ତରଙ୍କୁ ବହିଷ୍କାର କରାଯାଇଛି। ଏମ୍‌କେସିଜି ମେଡିକାଲ କଲେଜ ଡିନ୍ ଓ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ରବିବାର ନିର୍ଦ୍ଦେଶ ଜାରି କରାଯାଇଛି।ବହିଷ୍କୃତ ୪ ଡାକ୍ତର ହେଉଛନ୍ତି- ଅସ୍ଥିଶଲ୍ୟ ବିଭାଗର ସହକାରୀ ପ୍ରଫେସର ଡାକ୍ତର ପୁରୁଷୋତ୍ତମ ସ୍ୱାଇଁ, ଅସ୍ଥିଶଲ୍ୟ ବିଭାଗର ଚୁକ୍ତିଭିତ୍ତିକ ସିନିୟର ରେସିଡେଣ୍ଟ ଡାକ୍ତର ଆର୍ଯ୍ୟନ କୁମାର ମହାନ୍ତି ଓ ଡାକ୍ତର ➪ପୃଷ୍ଠା-୬

## ନେତା ନିଯୁକ୍ତି ପାଇଁ ବିଜେଡିରେ ଲଢେଇ ଆରମ୍ଭ





- ନିଜ ପ୍ରାର୍ଥୀଙ୍କ ପାଇଁ ଅରୁଣ-ଅତନୁ ମୁହାଁମୁହିଁ
- ପଛରେ ପଡ଼ିଛନ୍ତି ମହିଳା ନେତ୍ରୀ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଆସନ୍ତା ବର୍ଷ କଲେଜଗୁଡିକରେ ଛାତ୍ର ସଂସଦ ନିର୍ବାଚନ ହେବାନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସଙ୍କେତ ଦେବାପରେ ଏବେ ନିଜର ଛାତ୍ର ଓ ଯୁବ ଶାଖାର ନବକଳେବର ପାଇଁ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି । ତେବେ ନିଜ ନିଜ ସମର୍ଥକଙ୍କୁ ଏହି ଦୁଇ ଶାଖାର ମୁଖିଆ ପଦରେ ବସାଇବା ପାଇଁ ବିଧାୟକ ଡକ୍ଟର ଅରୁଣ ସାହୁ ଓ ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁହାଁମୁହିଁ ହୋଇଥିବାବେଳେ ଆଉ କିଛି ଆଶାୟୀ ନିଜ ନିଜ ସ୍ତରରେ ଲବି ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ନିଜର ଛାତ୍ର ଓ ଯୁବ ଶାଖାକୁ ଅଧିକ ଶକ୍ତିଶାଳୀ କରିବାପାଇଁ ବିଜେଡି ତାହାର ଫର୍ମାଟ ବଦଳାଇବାକୁ ଯାଉଛି । ଅର୍ଥାତ୍ ଏହି ଦୁଇ ମୁଖ୍ୟ ପଦରେ ଆଉ ବିଧାୟକମାନେ ରହିବେ ନାହିଁ । ବର୍ତ୍ତମାନ ଛାତ୍ର ବିଜେଡିର ମୁଖ୍ୟ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଥିବାବେଳେ ଯୁବ ବିଜେଡି ମୁଖ୍ୟ ରହିଛନ୍ତି ବିଧାୟକ ବ୍ୟୋମକେଶ ରାୟ । ତେଣୁ ଏହି ଦୁଇଜଣଙ୍କୁ ହଟାଇ ସେମାନଙ୍କ ସ୍ଥାନରେ ଅଣବିଧାୟକଙ୍କୁ ବସାଇବାପାଇଁ ସଜବାଜ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ବିଧାୟକ ଅରୁଣ ସାହୁ ନିଜର ଏକାନ୍ତ ଅନୁଗତ ଚିନ୍ମୟ ସାହୁଙ୍କୁ ଯୁବ ବିଜେଡିର ମୁଖିଆ ପଦରେ ଅଭିଷିକ୍ତ କରିବାକୁ ଚାହୁଁଥିବାବେଳେ ରାଜେଶ ସ୍ୱାଇଁଙ୍କୁ ଛାତ୍ର ବିଜେଡିର ମୁଖିଆ କରିବାକୁ ଲବି ଆରମ୍ଭ କରିଛନ୍ତି । ଉଭୟ ହେଉଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି । ସେହିଭଳି ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୁବ ବିଜେଡିର ମୁଖିଆ ପଦରେ ନିଜ ଅନୁଗତ ରଣଜିତ ମହାପାତ୍ରଙ୍କୁ ବସାଇବାକୁ ଚାପ ଦେବା ଆରମ୍ଭ କରିଛନ୍ତି ।

ସେହିଭଳି ଛାତ୍ର ➪ପୃଷ୍ଠା-୬

# ଏବେ ବି ମାତିଛନ୍ତି 'ବିଜେଡି' ଲୁଟେରା



### କାହା ଚାପରେ ଚାପି ହୋଇଛି ୨୯୯ କୋଟିର ଜରିମାନା ?

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଂଚଳରେ ବିଜେଡି ସରକାରରେ ବେଆଇନ କଳାପଥର ଲୁଟ ପାଇଁ ଗୋଟିଏ ପରେ ଗୋଟିଏ ପାହାଡ ମାଟିରେ ମିଶି ଯାଇଛି । ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ସହ ମଣିଷ, ଜୀବ ଜଗତ ଏବଂ ପରିବେଶର ଅପୂରଣୀୟ କ୍ଷତି ହୋଇଛି । ସରକାର ବଦଳିବା ପରେ ଏଥିନେଇ ହୋଇଥିବା ବହୁକୋଟି ଟଙ୍କାର ଜରିମାନା ଫାଇଲ ଖୋଲା ହୋଇ ସାର୍ଟିଫିକେଟ କେସ କରାଗଲା । ଅତ୍ୟଧିକ ଖନନ ତଥା ବେଆଇନ ଖଣି ଲୁଟ ନେଇ ସରକାର ଆକ୍ସନ ମୁଡରେ ଆସିଥିଲେ । ଏଭିତରେ ଦୁଇମାସ ବିତିଥିଲେ ମଧ୍ୟ ବିଜେଡି ସରକାରରେ ହୋଇଥିବା ୨୯୯ କୋଟିର ଜରିମାନା ଆଦାୟ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି।

ଧର୍ମଶାଳା ତହସିଲରେ ବିଭିନ୍ନ ପାହାଡ ପର୍ବତରେ ପୂର୍ବ ସରକାରରେ ହୋଇଥିବା ମହାଲୁଟ ଜାତୀୟ ସ୍ତରରେ ପ୍ରସଙ୍ଗ ହୋଇଥିଲା । ଏଥିପାଇଁ ଜଙ୍ଗଲ, ପାହାଡ, ପର୍ବତ ଓ ପରିବେଶ ଧ୍ୱଂସାଭିମୁଖୀ ହେଲା । ଦୀର୍ଘଦିନର ଲଢେଇ ପରେ ୧୯ ଲିଜଧାରୀଙ୍କ ଠାରୁ ବେଆଇନ ପଥର ଖନନ ନେଇ ୩୧୩ କୋଟି ୪୦ ଲକ୍ଷ ୭୧ ହଜାର ୨୬୦ ଟଙ୍କାର ଜରିମାନା ଆଦାୟ ପାଇଁ ସ୍ଥିର ହୋଇଥିଲା । ସରକାର ବଦଳିବା ପରେ ଏହି ଅର୍ଥ ଆଦାୟ ପାଇଁ ସତୀଶ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ➪ପୃଷ୍ଠା-୬

### ଟ୍ରାଙ୍କୁଲାଇଜ୍ ହେଲା ଜିନତ



ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ବହୁ ଲୁଚକାଳି ଖେଳ ପରେ ଟ୍ରାଙ୍କୁଲାଇଜ୍ ହୋଇଛି ବାଘୁଣୀ ଜିନତ। ଗତ ୧୦ ତାରିଖରୁ ସେ ଶିମିଳିପାଳ କୋର ଏରିଆରୁ ଖସିଯାଇ ଝାଡଖଣ୍ଡ ପଳାଇଥିଲା। ସେଠାରୁ ➪ପୃଷ୍ଠା-୬

## ବଣଭୋଜି କରୁଛନ୍ତି ଜେଲ ଡିଆଇଜି

- ଏଡିଜିଙ୍କ ତଦନ୍ତ ନିର୍ଦ୍ଦେଶକୁ ଫୁ'
- ଭୁବନେଶ୍ୱରରେ ତଣ୍ଟି କାଟିଲେ
- କେନ୍ଦୁଝରରୁ ଛୁ' ମାରିଲେ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଦୁର୍ବଳ ହେବାରେ ଲାଗିଛି କାରାଗାରର ସୁରକ୍ଷା ବ୍ୟବସ୍ଥା। ଅନ୍ତେବାସୀଙ୍କ ସୁରକ୍ଷା ନେଇ ଉଠିଲାଣି ପ୍ରଶ୍ନ । ହତ୍ୟା ଅଭିଯୁକ୍ତ ବିପିନ ଦେହୁରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜେଲ ଏଡିଜି ଅମିତାଭ ଠାକୁର। ସପ୍ତାହକ ଭିତରେ ତଦନ୍ତ ରିପୋର୍ଟ ଦେବାକୁ ସେ ଡ଼ିଆଇଜି ଗରିବ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିତାପର ବିଷୟ, ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଡିଆଇଜି ତଦନ୍ତ କରିବା ବଦଳରେ ପିକ୍‌ନିକ୍ ମନାଉଥିବା ଜଣାପଡିଛି । ଯାହାକୁ ନେଇ ବିଭାଗ ଭିତରେ ଆରମ୍ଭ ହୋଇଛି ତୁତୁ ମେମେ। ସୂଚନା ମୁତାବକ, ରାଜଧାନୀ ଉପକଣ୍ଠ ଜାମୁଝରି ମୁକ୍ତାକାଶ ଜେଲ ପରିସରରେ ଘଟିଥିଲା ଏଭଳି ଅଭାବନୀୟ ଘଟଣା । ତଣ୍ଟିକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବିପିନ ଦେହୁରୀ। ବିପିନ ଜୁଲାଇ ମାସରେ କେନ୍ଦୁଝର ଜେଲରୁ ଏହି ଜେଲକୁ ଆସିଥିଲେ। କେନ୍ଦୁଝର ରେ ଦୀର୍ଘ ୧୦ ବର୍ଷ ରହିବା ପରେ ସୁଧାର ଆସିବାରୁ ତାଙ୍କୁ ➪ପୃଷ୍ଠା-୬



### କାନ ଡେରିଆ

ପ୍ରଶାସନ ପରା ଶାସନ କରିଲା
ଗେଣ୍ଡା ସରକାରେ ରହି
ଏବେ ଆଉ ତାଙ୍କ ବ୍ରେନ ଖଟୁନି
ଡାକିଲେଣି ତ୍ରାହି ତ୍ରାହି
କୋଟିପତି ସବୁ ଜେ.ଇ !
ଯିଏ ଯେତେ ବେଶୀ ଚାଟୁ କରୁଥିଲା
ଧନ ବଢ଼ାଇଲା ସେଇ ।

■ ଦେବାଶିଷ

## ମନ୍‌କୀ ବାତ୍‌ରେ ଗୋଲାମୁଣ୍ଡା ଚାଷୀ



ନୂଆଦିଲ୍ଲୀ,୨୯।୧୨: ଆଜିର ଆଧୁନିକ ଯୁଗରେ ଯୁବ ଗୋଷ୍ଠୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଚାଷୀମାନେ ଟମାଟୋ କଲରା ଆଦି ଚାଷ କରି ସ୍ୱାବଲମ୍ବୀ ହେବା ଅନ୍ୟ ରାଜ୍ୟକୁ ପରିବା ରପ୍ତାନୀ କରି ଆର୍ଥିକ ସ୍ଥିତି ମଜଭୁତ କରିପାରିଛନ୍ତି। ଯେଉଁଥି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍‌କୀ ବାତ୍‌ରେ ଗୋଲାମୁଣ୍ଡାର ଚାଷ ସ୍ଥାନ ପାଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କଳାହାଣ୍ଡି ଜିଲ୍ଲାର ଜଣେ ଚାଷୀଙ୍କ ପ୍ରୟାସ ପ୍ରଶଂସନୀୟ ହୋଇପାରିଛି। କମ୍ ପାଣି ଏବଂ କମ୍ ସଂସାଧନ ସତ୍ତ୍ୱେ ସଫଳତାର ନୂତନ କାହାଣୀ ଲେଖୁଛି। ଏହା ହେଉଛି କଳାହାଣ୍ଡିର 'ସବ୍‌ଜି କ୍ରାନ୍ତି'। ସମୟ ଥିଲା ଯେଉଁଠି କୃଷକ ପଳାୟନ କରିବାକୁ ବାଧ୍ୟ ହେଉଥିଲା ଆଜି ସେହି ଅଞ୍ଚଳ ପରିବା ଭଣ୍ଡାରରେ ପରିଣତ ହୋଇଛି। ଏ ପରିବର୍ତ୍ତନ କିପରି ଆସିଲା? ଏହାର ଆରମ୍ଭ ମାତ୍ର ୧୦ ଜଣ କୃଷକଙ୍କ ଗୋଟିଏ ଛୋଟିଆ ସମୂହ ଦ୍ୱାରା ହୋଇଥିଲା। ସେମାନେ ମିଳିମିଶି କିଷାନ୍ ଉତ୍ପାଦକ ସଂଗଠନ ସ୍ଥାପନ କରିଥିଲେ। ଚାଷରେ ଆଧୁନିକ କୌଶଳ ପ୍ରୟୋଗ କରିବା ଆରମ୍ଭ କଲେ ଏବଂ ଆଜି ସେମାନଙ୍କର ଏହି ଏଫ୍‌ପିଓ କୋଟି କୋଟି ଟଙ୍କାର କାରବାର କରୁଛି। ଆଜି ୨୦୦ରୁ ଅଧିକ କୃଷକ ➪ପୃଷ୍ଠା-୬

# ଅଧର୍ମ ବିତ୍ତ, ଗଲାବେଳେ ଯାଏ ମୂଳ ସହିତ

### ଓସିଏ ସଭାପତି ପଦ ଛାଡ଼ିଲେ ବବି



କଟକ,୨୯।୧୨ (ସଂଚାର ବ୍ୟୁରୋ): ଇଲେକ୍ସନକୁ ସିଲେକ୍ସନର ରୂପ ଦେଇ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ)ର ସଭାପତି ହୋଇଥିଲେ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ। ନିଜକୁ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି କହୁଥିଲେ। ହେଲେ ଏବେ ସେଠି ତାଙ୍କ କଥା କେହି ଶୁଣିବାକୁ ନାହାଁନ୍ତି। ମୁଖ ଲଜ୍ଜା ଲୁଚାଇବାକୁ ସଭାପତି ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି।

ବବି ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବ। ନିର୍ବାଚନ ପର୍ଯ୍ୟନ୍ତ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଦାୟିତ୍ୱ ସମ୍ଭାଳିବେ।

ଅକ୍ଟୋବର ୨୮, ୨୦୨୨ ରେ ଓସିଏର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ବବି ଦାସ। ସେ ସମୟରେ ବବି ଦାସଙ୍କ ମୁଣ୍ଡକୁ ଏତେ କ୍ଷମତା ନିଶା ଚଢ଼ିଥିଲା ଯେ, ସେ ଧରାକୁ ସରା ମଣୁଥିଲେ। ସରକାରୀ ଦଳର ସାଙ୍ଗଠନିକ ସମ୍ପାଦକ ଭାବେ ସେ କହୁଥିଲେ କଟକ ବାରବାଟି ଷ୍ଟାଡିୟମରେ କ୍ରିକେଟ ମ୍ୟାଚ ହବ ଆଉ ପଡିଆରେ ବବି ଦାସ ବୁଲିବନି। ଏହି ଗର୍ବ ଓ ଅହଂକାର ସାବ୍ୟସ୍ତ କରିବାକୁ ସେ ଓସିଏକୁ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ଭୟ ଦେଖାଇ ନିର୍ବାଚନରେ ତାଙ୍କ ବିପକ୍ଷରେ କାହାକୁ ଛିଡା କରାଇଦେଲେନି। ଯେଉଁମାନେ ଓସିଏ ସଭାପତି ପଦ ପାଇଁ ବର୍ଷ ବର୍ଷ ଧରି ରେସରେ ଥିଲେ ଆଉ ନିଜ ନିଜ ସଂଗଠନ କରିଥିଲେ, ସେମାନେ ଭୟରେ ଓହରିଯାଇଥିଲେ। ବିପକ୍ଷରେ କେହି ଜଣେ ହେଲେ ପ୍ରାର୍ଥୀ ନ ଦେବାରୁ ତାଙ୍କ ଇଲେକ୍ସନକୁ ସିଲେକ୍ସନର ରୂପ ଦିଆଯାଇଥିଲା। ଆଶାୟୀଙ୍କୁ ଭୟ ଦେଖାଇବାକୁ ନିଜକୁ ନବୀନଙ୍କ ପ୍ରତିନିଧି ବୋଲି କହୁଥିଲେ। ହେଲେ କ୍ଷମତା ନିଶାରେ ଚୁର ବବି ଦାସ ବେଶି ସମୟ ସେ କ୍ଷମତା ଉପଭୋଗ କରିପାରିଲେନି। ସରକାର ବଦଳିବା ପରେ ତାଙ୍କ ହାତ ମଧ୍ୟ ବନ୍ଧା। ବାଧ୍ୟ ହୋଇ ଓସିଏ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।



## ବିଦାୟ ୨୦୨୪

**ଦେବେନ୍ଦ୍ର ନାୟକ**

ଆସିଅଛି ଯିଏ ଦିନେ ଚାଲିଯିବ
ଏକଥା ନିଶ୍ଚୟ ସତ୍ୟ
ବିଦାୟ ହେ ଦୁଇ ହଜାର ଚବିଶି
ହୋଇବ ତୁମେ ଅତୀତ।
କାହା ପାଇଁ ତୁମେ ଦେବତା ସାଜିଲ
କାହାପାଇଁ ହେଲ ଯମ
ତୁମକୁ ପାଇ କେ ବର୍ଷେ ଖୁସି ହେଲା
ହେଲା କିଏ ଭିନ୍ନ କ୍ଷମ।
ଇତିହାସ ହୋଇ ରହିଯିବ ତୁମ
ସମୟର ଶ୍ରେଷ୍ଠ କଥା
ସୁଖ ହେଉ ଅବା ହୋଇଥାଉ ଦୁଃଖ
ସଭିଙ୍କ ପାଇଁ ଏ ବାର୍ତ୍ତା।
ବାର ମାସେ ତେର ପରବକୁ ନେଇ
ରଚିଗଲ ଇତିହାସ
ଶରୀର ଛାଡ଼ିଲେ କେତେ ଆତ୍ମା ପୁଣି
ରହିଗଲା ଅବଶୋଷ।
ଜନ୍ମ ଦେଇ କେତେ ସରଳ ଆତ୍ମାଙ୍କୁ
ମାତୃତ୍ୱ କରିଲେ ଲାଭ
ମାଆ ସଙ୍ଗେ ଛୁଆ ନେଇ ଦେଲଦୁଃ
ଆତ୍ମୀୟଙ୍କ ଦୁଃଖ ଭୋଗ।
ଚାଷୀ ଭାଇ ମନେ ଦେଇଗଲ ଦୁଃଖ
ବାତ୍ୟା ଲଘୁଚାପ ଆଣି
ବିଦାୟ ହେ ଦୁଇ ହଜାର ଚବିଶି
ପଚିଶିକୁ ଡାକ ପୁଣି।
ଦୁଇ ହଜାର ପଚିଶିକୁ କହିବ
ନ ଦେବ ଦାରୁଣ ଦୁଃଖ
ସକାରାତ୍ମକ ଭାବନା ନେଇ ଆସିବ
ସଭିଙ୍କୁ ବାଣ୍ଟିବ ସୁଖ।
କୁ ଦୃଷ୍ଟି କୁ ବାକ୍ୟ ଦୁଷ୍କର୍ମ କାରୀଙ୍କୁ
କରିବ ନିଧନ ନିତ୍ୟ
ପାପୀ ଙ୍କୁ ବିନାଶି ସାଧୁଙ୍କୁ ପାଳନା
ସତ୍ୟ ଯୁଗକୁ ସ୍ୱାଗତ।
ସବୁ ନକାରାତ୍ମକ ଭାବ ଦୂରେଇ
ଆଣିବ ଶାନ୍ତି ବାରତା
ଶିବ ପରମାତ୍ମା ଦେବେ ସୁଖ ଶାନ୍ତି
ନ ରଖି କାହାର ଚିନ୍ତା।
**ମିଟୁଆଣୀ,ଠାକୁରମୁଣ୍ଡା, ମୟୂରଭଞ୍ଜ।**

## ଖ୍ରୀଷ୍ଟମାସ ବଡ଼ ଦିନ

**ବାସନ୍ତୀ ଲତା ଜେନା**

ଡିସେମ୍ବର ମାସ ପଚିଶୀ ତାରିଖ
ବଡ଼ ଦିନ ଆସି ଥାଏ
ପ୍ରଭୁ ଯୀଶୁଖ୍ରୀଷ୍ଟ ଶୁଭ ଜନ୍ମ ଦିନ
ଖ୍ରୀଷ୍ଟଧର୍ମୀ ପାଳି ଥାଏ କ୍ଷ୧କ୍ଷ
ବେଥଲମ୍ ସହର ମେଣ୍ଢା
ଶାଳଟିରେ
ତ୍ରାଣ କର୍ତ୍ତା ଜନ୍ମ ନେଲା
ପିତା ଜୋସେଫ ମାତା ମେରୀ କୋଳ
ଆନନ୍ଦେ ପୂରି ଉଠିଲା କ୍ଷ୨କ୍ଷ
ଦିବ୍ୟ ଆଲୋକରେ ଆଲୋକିତ ହୋଇ
ମେଣ୍ଢାଶାଳ ଝଲସିଲା
କରୁଣା ସାଗର ବିପଦ ଭଞ୍ଜନ
ଏଞ୍ଜେଲ ଜାଣଇ ଥିଲା କ୍ଷ୩କ୍ଷ
ଖ୍ରୀଷ୍ଟ ଧରମର ପ୍ରବର୍ତ୍ତକ ଥିଲେ
ଆର୍ତ୍ତ ତ୍ରାଣ ଯୀଶୁ ଖ୍ରୀଷ୍ଟ
ଦୟା ଧର୍ମ କ୍ଷମା ସତ୍ୟ ନିଷ୍ଠା ଗୁଣେ
ଖଣ୍ଡନ ସଭିଙ୍କ ରିଷ୍ଟ କ୍ଷ୪କ୍ଷ
କେତେ ଅସହିଷ୍ଣୁ ମିଥ୍ୟାପବାଦରେ
ରାଜ ଦ୍ରୋହି କରି ଦେଲେ
ଦୋଷ ନ ଥାଇ ବି କ୍ରୁଶ ବିଦ୍ଧ ହେଲେ
ହସି ହସି ପ୍ରାଣ ଦେଲେ କ୍ଷ୫କ୍ଷ
ଈଶ୍ୱରେ ପ୍ରାର୍ଥନା ପ୍ରଭୁ ଯୀଶୁ କଲେ
ଅବୋଧ କ୍ଷମା କରିବ
କଣ କରୁଛନ୍ତି ନ ଜାଣନ୍ତି ସେତ
ଦୋଷ ତାଙ୍କ ନ ଧରିବ କ୍ଷ୬କ୍ଷ
ବରଷକେ ଥରେ ବଡ଼ ଦିନ ଆସେ
ଆନନ୍ଦ ଉଲ୍ଲାସ ଦିନ
ସବୁରି ମନରେ ଖୁସିର ଜୁଆର
ମଙ୍ଗଳ ଶୁଭ ଲଗନ କ୍ଷ୭କ୍ଷ
ଖ୍ରୀଷ୍ଟୀୟାନ ମାନେ ନବ ବସ୍ତ୍ର ପିନ୍ଧି
ଗୀର୍ଜାକୁ ଯାଇଣ ଥାନ୍ତି
ପୂଜା ପ୍ରାର୍ଥନରେ ସମୟ ବିତାନ୍ତି
ସ୍ନେହ ଶ୍ରଦ୍ଧା ବାଣ୍ଟିଥାନ୍ତି। ୮କ୍ଷ
ଆଲୋକ ମାଳରେ ଗୀର୍ଜାକୁ ସଜାନ୍ତି
ଉପହାର ଦେଇ ଥାନ୍ତି
ପରସ୍ପର ମଧ୍ୟେ ମିଠା ବାଣ୍ଟି ଥାନ୍ତି
ଆଲିଙ୍ଗନ କରି ଥାନ୍ତି କ୍ଷ୯କ୍ଷ
କ୍ରିସ୍ ମାସ ଗଛ ଘରକୁ ଆଣନ୍ତି
ଦୋକାନରେ ସଜାଅନ୍ତି
ପରମ୍ପରା କ୍ରମେ କାଗଜ ଗୋଲାପ
ରଙ୍ଗୀନ୍ ଝରା ଲଗାନ୍ତି କ୍ଷ୧୦କ୍ଷ
ଯାକ ଯମକରେ ପାଳନ ହୁଅଇ
ଯେବେ ଆସେ ବଡ଼ ଦିନ
ସଦ୍ଭାବନା ସୃଷ୍ଟି ଭାଇଚାରା ସୃଷ୍ଟି
ଐକ୍ୟ ବଦ୍ଧ ହୁଏ ମନ କ୍ଷ୧୧କ୍ଷ
ଶାନ୍ତି ମୈତ୍ରୀ ପ୍ରୀତି ଭରିଦିଅ ଯୀଶୁ
ପ୍ରେମର ବାରତା ଦେଇ
କୃପା ଢାଳି ଦିଅ ଏ ମହୀ ମଣ୍ଡଳେ
ଏତିକି କରୁଣା ସାଇଁ କ୍ଷ୧୨କ୍ଷ
**ଗାନ୍ଧୀନଗର, ନବରଙ୍ଗପୁର**



## ବନ୍ଧୁତ୍ୱ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ହୃଦ ଅନୁଭବେ ବାରି ହୋଇଯାଏ
ବନ୍ଧୁତ୍ୱର ମୂଲ୍ୟାୟନ
ଦୁଃଖ ବିପଦରେ ପାଖରେ ଥାଏ ସେ
କରେ ସେ ଶୁଭଚିନ୍ତନ...
ବନ୍ଧୁତ୍ୱରେ ଥାଏ ବିଶ୍ୱାସ ଭରସା
ନ ଥାଏ ମନେ ଛଳନା
ଦୁଃଖ ସମୟରେ ସହଯୋଗ କରେ
ନ କରି କିଛି ବାହାନା...
ବନ୍ଧୁତାରେ ଥାଏ ଶ୍ରଦ୍ଧା ଓ ସମ୍ମାନ
ତ୍ୟାଗ ଆଉ ସମର୍ପଣ
ଯାହା ପାଖେ ଥାଏ ବିଶାଳ ହୃଦୟ
ବନ୍ଧୁତା ଚିର ଅକ୍ଷୁର୍ଣ୍ଣ...
ବନ୍ଧୁତା ଏକ ମହତ ଭାବନା
ମିଳେ ମାନସିକ ବଳ
ହୃଦୟ ମନ୍ଦିରେ ପ୍ରିୟ ବନ୍ଧୁ ହୋଇ
ରହିଯାଏ ଚିରକାଳ...
ବନ୍ଧୁତ୍ୱ ଏକ ସ୍ୱର୍ଗୀୟ ସମ୍ପଦ
ଆତ୍ମାର ମହାମିଳନ
ସ୍ନେହ ମମତାର ମଧୁର ସମ୍ପର୍କ
ଅତୁଟ ପ୍ରେମ ବନ୍ଧନ କ୍ଷକ୍ଷ
**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**





## ଯେବେ ଖରାପ ସମୟ ଆସେ

**ଜୟଶ୍ରୀ ପଟ୍ଟନାୟକ**

କିଛି ଲୋକ ଦେଉଥାନ୍ତି ତାଳି କିଛି ଗାଳି
ଭଲ କଥା ବି ଖରାପ ବାସେ
କିଛି ଦିଅନ୍ତି ସାନ୍ତ୍ୱନା କିଛି ନିନ୍ଦା
ଯେବେ ଖରାପ ସମୟ ଆସେ।୦

ସେତ ଭାଗ୍ୟ ବିଡମ୍ବନା ଲାଗେ ସତେ
ଅନୁକୂଳ ହେଲା ପ୍ରତିକୂଳ
ନିଜଲୋକ ଆଚରନ୍ତି ଅଭିନୟ
ପର ପୁଛନ୍ତି ଦୁଃଖ ସକଳ
ଆଖି କୋଣୁ ଲୁହ ଜକେଇ ଆସେ
ଯେବେ ଖରାପ ସମୟ ଆସେ।୧

କିଛି ଲୋକ କହୁଥାନ୍ତି ଆହା ପଦେ
କେହି କେହି ଭଲ ହେଲା
କିଏ କରୁଥାଏ ଗାଳି ମନ୍ଦ ଆଉ
କିଏ ପଚାରେ କେମିତି ହେଲା
ବୁଦ୍ଧି ବିନାଶର ବାଟ ଦିଶେ
ଯେବେ ଖରାପ ସମୟ ଆସେ।୨

ଲାଗେ ଈଶ୍ୱରକି ହସୁଛନ୍ତି ଓଠେ
ନିର୍ଦ୍ଦୟ ହୋଇଲେ ସେଇକ୍ଷଣେ
ଜୀବନଟା ଦୁଃଖ ପାଉ ପାଉ ସତେ
ହାତ ଧରି ନେଲେ ତତକ୍ଷଣେ
ପଡ଼ିଲା କି ପିଣ୍ଡ ରାହୁ ଦୋଷେ
ଯେବେ ଖରାପ ସମୟ ଆସେ।୩
**ଗଙ୍ଗନଗର ଛକ, ଭୁବନେଶ୍ୱର**
**ମୋବାଇଲ୍: ୭୯୭୮୧୧୦୪୭୪**



## ହେ ନୂତନ ବର୍ଷ

**ସ୍ୱାଗତିକା ସାହୁ**

ହେ ନୂତନ ବର୍ଷ, ସମୟର ବ୍ୟବସ୍ଥିତ ଘୂର୍ଣ୍ଣନରେ
ଆସ ନେଇ ଅମଳିନ ପ୍ରୀତିବାସ୍ନା ର ମହକ
ତୁମେତ ମଧୁର ମୂର୍ଚ୍ଛନାର ଭାବ ଗୀତି
ଅନୁପମ ରୂପକଳ୍ପ ଆକାଂକ୍ଷାର ଆଦ୍ୟାବିନ୍ଦୁ
ଅଜସ୍ର ଆତ୍ମୀୟତାର ଛୁଆଁ ରେ
ଭରିଦେବ ନୂତନ ଉଦ୍ଦୀପନା, ଉନ୍ମାଦନା
ଦିବ୍ୟ ମନସ୍କର ଇଚ୍ଛା ବର୍ଷାଟେ ହୋଇ
ପ୍ରଭୁ ଛାଇଁ ଯାଅ ସମଗ୍ର ପୃଷ୍ଟେ ..
ଅବ୍ୟକ୍ତ ଭାବନାରେ ଅଙ୍କା କେତେ ଚିତ୍ର
ଚେତନାର ସମ୍ଭାରେ, ସ୍ମରେ ତୁମକୁ ସାଇ
ଭୂଲି ମୁହୂର୍ମୁହୂ ଜନ୍ମଣାର ଗାଥା
ଆଉ ମୃତ୍ୟୁ ରୂପକ ଆଲିଙ୍ଗନ...

ମଲା ଇଚ୍ଛାଙ୍କୁ ନିଦରୁ ଉଠାଇ
ଆଶା, ଏକ ଅପରୂପ ନୂତନ ବେଳାକୁ
କାକରର ଶିକ୍ତ ଧାରରେ ପାଦ ଥାପି ଆସ
ମୃଦୁ୍ୟ ହାସର ଅନୋଡା ଢଙ୍ଗରେ
ନେଇ ଶାଶ୍ୱତର ସୁଲଗ୍ନ ବେଳାକୁ
ଝଲସି ଉଠେ କୋଣାନୁ କୋଣା
ଏକ ନୂତନ ସିନ୍ଦୁରିତ ସୂର୍ଯ୍ୟୋଦୟ
ତୁମ ସ୍ୱାଗତରେ ଚିକ ମିକ ଆଲୋକର ମାଳା
ଆତସବାଜି ରେ ପ୍ରକମ୍ପିତ ଏ ଧରା

ସ୍ନିଗ୍ଧ ପରଶେ ଛୁଇଁ ଦିଅ
ହୋଇ ସୁଖର ବାଦଲ...
କାଳ ବକ୍ଷରେ ନିରର୍ଥକ ହେବା ପୂର୍ବରୁ
ଭରିଦିଅ ଭକ୍ତି ଭାବନାର ପ୍ରାବଲ୍ୟ
ପ୍ରତି ହୃଦେ ବିଛୁରିତ କର
ଅପୂର୍ବ ଦିବ୍ୟ ଭାବ ତରଙ୍ଗ
ବାନ୍ଧି ଦିଅ ଏ ଧାରାକୁ ପ୍ରେମର
ଶିକ୍ତ କୋମଳ ଶିକୁଳିରେ
ଚେତନାରେ ଅଙ୍କୁରିତ ହେଉ
ଅନାଶକ୍ତର ସମୁଚିତ ସମ୍ପର୍କ
ପାଦ ରହୁ ପୁଣ୍ୟର ପବଛରେ
ପ୍ରତିପ୍ରାଣେ ଭରୁ ସଦ୍ଭାବନା ସଂସ୍କାର
ମୁକ୍ତି ସନ୍ମତି ବୋଧ୍ ନିର୍ବାଣର ସ୍ୱର...
ଲେଖନୀର ଅମୃତ କାବ୍ୟକରେ ରହୁ
ବିଭୁ ସମର୍ପିତ ମାର୍ମିକ ଆହ୍ୱାନ...
**ଉମରକୋଟ, ନବରଙ୍ଗପୁର**

# ଅବସୋସ

**ପୁଷ୍ପଲତା ମିଶ୍ର**



ବୋଷ କ୍ଲିନିକ୍ରୁ ବାହାରି ମିତା ଦେଖେ ତ ସୂର୍ଯ୍ୟ ଆସି ମୁଣ୍ଡ ଉପରେ ସମୟ ବୋଧେ ବାରଟା ବାଜିବ। ଏତେ ବାଟ ଖରାରେ ଚାଲି ଚାଲି ଯିବ ମିତା। ଶୀଘ୍ର ମେଡ଼ିସିନ ନେଇ ଘରକୁ ଯିବାକୁ ହବ ଛୁଆଟିକୁ ଭୀଷଣ ଜ୍ୱର ବଡ଼ ପୁଅ, ଝିଅଙ୍କ ପାଖରେ ସାନ ପିଲାଟିକୁ ଛାଡ଼ି ଘରେ ତାଲା ଦେଇ ଆସି ଥିଲି ମେଡ଼ିସିନ ନେବାକୁ। ଇଏ ପୁର ରେ ଯାଇଛନ୍ତି ସାତ ଦିନ ବାହାର କୁ, ଏହି ସମୟ ରେ ଛୁଆ ଟି ର ଦେହ ଖରାପ କଣ କରିବ ମିତା ଗୋଳ ମାଳ ହେଇ ଯାଉଛି ତାର ମୁଣ୍ଡ। ହଠାତ୍ ମିତା ଦେଖିଲା ସାମ୍ନା ରୁ ଗୋଟିଏ ରିକ୍ସା ଆସୁଛି ମନ ରେ ସାହସ ଆସିଲା ଭଗବାନ ଙ୍କୁ କୋଟି ପ୍ରଣାମ ଜଣାଇଲା। ଯେତେବେଳେ ମଣିଷ ଏକା ହେଇଯାଏ ସେତେବେଳେ ଭଗବାନ ଯାହାକୁ ହେଲେ ପଠେଇ ଦିଅନ୍ତି, ଭଗବାନ ଙ୍କ ଉପରେ ଆଶା ଭରଷା ରଖିଥିବା ମିତା ହାରି ଯିବ ବା କେମିତି? ସାମ୍ନା ରୁ ଆସୁଥିବା ରିକ୍ସା କୁ ଡାକିଲା ମିତା, ଏ ରିକ୍ସା ବାପୁଜୀ ନଗର ଯିବୁ କି? ଶୁଣି ନ ଶୁଣିଲା ପରି ରିକ୍ସା ପଳେଇ ଯାଉ ଥିଲା, ମିତା ରାଗିଗଲା ଓ ବିରକ୍ତ ହୋଇ କହିଲା କେଡ଼େ ଅଭଦ୍ର ମ କିଛି ନ କହି ପଳେଇ ଯାଉଛି। ଅଭଦ୍ର।ମି କଥା ଶୁଣି ଅଟକି ଗଲା ରିକ୍ସା କହିଲା ଆସନ୍ତୁ ମ୍ୟାଡାମ ନେଇ ଯିବି ବସନ୍ତୁ ରିକ୍ସା ରେ.......। ଆରେ ଚିହ୍ନା ପାଟି ଶୁଭୁଚି, ମୁହଁ କୁ ଗାମୁଛା ରେ ଘୋଡ଼େଇ ଲୁଚେଇ ଥାଏ ଅଜୁ !ସେ ମ୍ୟା। ଡା। ମ ଙ୍କୁ ଆଗରୁ ଚାହିଁ ପାରିଛି, ମିତା କହିଲା ଦେଖାଅ ତୁମ ମୁହଁ ଗାମୁଛା ରେ ମୁହଁ ଘୋଡାଇଛ କାହିଁକି ?ଯଦି ମୁହଁ ନ ଦେଖାଇବ ତେବେ ମୋର ରିକ୍ସା ରେ ଯିବା ଦରକାର ନାହିଁ, ମୁଁ ଚାଲି ଚାଲି ପଳେଇବି।

ଶାନ୍ତ ସରଳ ସ୍ୱାଭିମାନ ଅଜୁ ମୁହଁ ରୁ ଗାମୁଛା କାଢି ଦେଲା, ଚମକି ପଡ଼ିଲା ମିତା ତାର ଅନୁମାନ ସତ।ଆରେ ଅଜୁ ତୁମେ ? ଏ ରିକ୍ସା ଓ ଅଜୁ କୁ ଦେଖି ମିତା ର ମୁଣ୍ଡ ଗୋଳ ମାଳ ହୋଇଗଲା। ଫେରି ଗଲା ମିତା କିଛି ବର୍ଷ ପଛ କୁ...... ମିତା ର ବି. ଏ ପରୀକ୍ଷା ଚାରିଦିନ ଥାଏ, ମିତା ର ବାହାଘର ହେଇଗଲା।ସେ ବି. ଏ ପରୀକ୍ଷା ଦେଇ ପାରିଲା ନାହି, ଯେଉଁଦିନ ମିତା ର ଚତୁର୍ଥୀ ସେହି ଦିନ ଥିଲା ମିତା ର ବି. ଏ ପରୀକ୍ଷା ର ପ୍ରଥମ ଦିନ, ବନ୍ଧୁ ବାନ୍ଧବ, ଭୋଜି ଭାତରେ ତା ଶାଶୁ ଘର ଗହଳ ଚହଳ ସେ କେମିତି ବା କହିବ ସେ ପରୀକ୍ଷା ଦବାକୁ ଯିବ ବୋଲି, ମନ କୁ ବୁଝାଇ ଦେଲା ମିତା ଏଇବି ଗୋଟିଏ ପରୀକ୍ଷା ନୂଆ ପରିବାର ନୂଆ ଲୋକ ଙ୍କ ସହିତ କିପରି ଚଳିବ ଏହି ଚିନ୍ତା ତାକୁ ଘାରୁ ଥାଏ। ମିତା ଜାଣିଛି କେମିତି ପର ଲୋକଙ୍କୁ ଆପଣାର କରିବାର ମହାମନ୍ତ୍ର। ତଥାପି ମନରେ ଭୟ ସଂଚାର ହେଉଥାଏ। କଲେଜ ରେ ପଢିବା ବେଳେ ସମସ୍ତ ଙ୍କ ର ପ୍ରିୟ ପାତ୍ରୀ ଥିଲା ମିତା ! ବି. ଏ ପରୀକ୍ଷା ଦେଇ ନ ପାରି ଥିବା ମିତା ଭୁଲି ଗଲା ଶାଶୁ ଘର ର ପରିବେଶ ଭିତରେ .......। ବି. ଏ ପରୀକ୍ଷା ରୁ ବଞ୍ଚିତ ମିତା ପିଲା ତିନୋଟି ହେବା ପରେ ତା ମନ ରେ ଦୁଃଖ ଥାଏ, ଅନୁ ଶୋଚନା ବି ଥାଏ ସେ ଗ୍ରାଜୁଏଟ ନୁହେଁ। ଖବର କାଗଜ ରୁ ସେ ଖୋଜି ଚାଲେ ଛୋଟ ଛୋଟ ବିଜ୍ଞାପନ କୁ ଆନ୍ଧ୍ରା କୋର୍ଷ ତିନି ମାସ ରେ ବି. ଏ ପାଶ ଏହାକୁ ନିଜ ନୋଟ ରେ ଲେଖି ରଖେ, କିନ୍ତୁ ବିଶ୍ୱାସ କରି ପାରେନି

ମିତା ତିନି ବର୍ଷ ର କୋର୍ଷ ତିନି ମାସ ରେ କେମିତି ଏହା ସମ୍ଭବ ?

ସଦା ଚୁଲ ବୁଲି କାର୍ଯ୍ୟ ରତ ମିତା ଘରେ ବସି ରହିବ ବା କିପରି

ଖୋଜି ଚାଲିଲା କିଛି କାମ ଶେଷ ରେ ଗୋଟିଏ ଇନ୍ସୁରାସ କମ୍ପାନୀ ରେ କାମ ଯୋଗାଡ଼ କଲା। ଦିନେ ଥରେ ସେ ଏଜେଣ୍ଟ ସହ ବି . ଜେ. ବି କଲେଜ ର ଇଂରାଜୀ ଅଧ୍ୟାପକ ଙ୍କ ଘର କୁ ଯାଇ ଥିଲେ ଜୀବନ ବୀମା ର ଫାଇଦା ବିଷୟ ରେ ବୁଝାଇବାକୁ।

ମିତା ର ବୁଝାଇବା ଶୈଳୀ କୁ ଦେଖି ଅଧ୍ୟାପକ ପଚାରିଲେ ମ୍ୟାଡାମ ଆପଣ କଣ ଗ୍ରାଜୁଏଟ ? ମିତା ର ମନ ବିଚଳିତ ହେଇଗଲା ମିଛ କହିବା ମିତା ଶିଖିନି ସତ କହିବାକୁ କଷ୍ଟ ଲାଗୁଛି ତାହା ସତ୍ୱେ ମନ ଦୁଃଖ ରେ କହିଲା ନା, ସାର ମୁଁ ଇଣ୍ଟରମିଡିଏଟ !! ସାର୍ ବୁଝି ପାରିଲେ ମିତା ର ମନ ଭାବକୁ ଆଉ ପଚାରିଲେ ତୁମର + ୩ ପଢିବାକୁ ଇଚ୍ଛା ଅଛି କି ? ପାଣି ରେ ବୁଡି ଯାଉଥିବା ଲୋକ କୁଟା ଖିଅ କୁ ଆଶ୍ର। କଲା ଭଳି ମିତା କହି ଉଠିଲା ସାର ମୁଁ କିଛି ସୁବିଧା ପାଉନି, ଆନ୍ଧ୍ରା କୋର୍ଷ ଠିକଣା ଲେଖି ରଖିଛି ସେଥିରେ ମୋର ଭରଷା ଆସୁନି ! ଅଧ୍ୟାପକ ମହାଶୟ ଠିକଣା ବତାଇ ଦେଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପତ୍ର ମାଧ୍ୟମ କୋର୍ଷ କୁ ସେତେବେଳେ ଡି.ସି.ସି ଥିଲା ଏବେ ଏହା ଡି . ଡି.ସି ହୋଇଛି। ସେହିଠାରେ ମିତା ର ଦେଖା ହୋଇଥିଲା ଅଜୟ ସାମଲ ଓରଫ ଅଜୁ ସହ।କେତେ ଥର ଅଜୁ ମିତା ଘରକୁ ଆସିଛି ଗୋଟିଏ ସାନ ଭାଇ ଓ ଗୋଟିଏ ବନ୍ଧୁ ର ଅଧିକାର ନେଇ,

ଖାଇବା ପିଇବା ବହି ନେଇ ପଢ଼ି ଫେରେଇ ବି ଦିଏ କେବେ କାହିଁକି ଅଜୁ ବି କହିବି ତା ଜୀବନ ରେ ଏତେ ଦୁଃଖ ଅଛି ବୋଲି ମିତା ବି ସେମିତି କିଛି ପଚାରିନି, ପଚାରିବାର ସେମିତି କିଛି ପରିସ୍ଥିତି ଆସିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ରେ ପଢିବା ବେଳେ କ୍ଲାସ ରୁମ୍ ରେ ମଜା କରୁଥିବା ଅଜୁ ଆଉ ଆଜିର ରିକ୍ସା ଚାଳକ ଅଜୁ ମଧ୍ୟ ରେ ଆକାଶ ପାତାଳ ପ୍ରଭେଦ।ଶ୍ରେଣୀ ଗୃହ ରେ ଖୁସି ମିଜାଜ୍ ର ଥିଲା ଅଜୁ।ପାଠ ପଢା ସହିତ ମଜା କରିବା ଥିଲା ତାର ସହଜାତ ପ୍ରକୃତି, ପତ୍ର ମାଧ୍ୟମ ପାଠ ପଢା ରେ ବୟସ ର ସୀମା ନ ଥିଲା।ଅଧିକ ବୟସ ର ଲୋକ ମାନେ ଅଛନ୍ତି ଯିଏ କି ଚାକିରିରେ ପ୍ରମୋଶନ ପାଇଁ ଆସି ପଢୁଛନ୍ତି।ମିତା ତାର ସାନ ପିଲା ଟିକୁ ନେଇ ପାଖରେ ବସି କ୍ଲାସ କରେ, ଏହାକୁ ଥଟ୍ଟା କରି ଅଜୁ ସାର ମାନଙ୍କୁ ପଚାରେ ଏଠି ବୟସ ର ସୀମା କେତେ ବର୍ଷରୁ ଆରମ୍ଭ ଆଉ କେତେ ବର୍ଷ ରେ ଶେଷ, ମିତା ଏକା ନୁହେଁ ଆଉ କେତେ ଜଣ ମଧ୍ୟ ତାଙ୍କର ଟିକି ପିଲାଙ୍କୁ ଆଣି ଶ୍ରେଣୀ ଗୃହ ରେ ବସନ୍ତି। ଏକା ବେଳକେ ଆମେ କହି ଉଠୁ ବୟସ ଖୋଜିବା ଦରକାର ନାହିଁ ପାଠ ପଢିବା ପାଇଁ ଆସିଛ ପାଠ ପଢ, ଏହିଭଳି ଅଜୁ ଥିଲା ଖୁସି ମିଜାସ ର.......। ମିତା ରିକ୍ସା ରେ ନ ବସି ଅଜୁ କୁ କହିଛି କୁହ ଅଜୁ ତୁମେ ଆଉ ଏ ରିକ୍ସା .....।ତୁମର ଉତ୍କଳ ବିଶ୍ୱବିଦ୍ୟାଳୟର ଡିଗ୍ରୀ ସାର୍ଟିଫିକେଟ କଣ ହେଲା ଏ ସବୁ ? ଅଜୁ କହିଲା ମ୍ୟାଡାମ ଭିଷଣ ଖରା ହେଉଛି ଆଗ ରିକ୍ସା ରେ ବସ ମୁଁ କହୁଛି ...। ଡି.ସି.ସିରେ ପଢ଼ିବା ବେଳେ ମାଆ ବାଲି ସିମେଣ୍ଟ କାମକରେ ବାପା ରିକ୍ସା ଚଳାଇ ମତେ ପାଠ ପଢାଉ ଥିଲେ। ହଠାତ୍ କାମ ଉପରେ ମାଆ ମୁଣ୍ଡ ବୁଲାଇ ପଡ଼ିଗଲା ଯେ ଆଉ ଆଖି ଖୋଲିଲା ନାହି ମ୍ୟାଡାମ ମୁଁ ମତୃହରା ହୋଇଗଲି। ଏ ଅଫିସ ରୁ ସେ ଅଫିସ ଦୌଡ଼ିଲି ମ୍ୟାଡାମ ଚାକିରି ଖଣ୍ଡେ ପାଇଁ, ସବୁ ଠାରୁ ନିରାଶ ରେ ଫେରିଲି, କେହି ସାର୍ଟିଫିକେଟ ଦେଖୁ ନାହାନ୍ତି ଖୋଜୁଛନ୍ତି ମୋଟ ଅଙ୍କ ର କିଳାପତି ଯିଏ ଯେତେ ଦେଲା ସେ ସେତେ ଶୀଘ୍ର ଚାକିରି ପାଇଲା। ହଠାତ୍ ବାପା ଙ୍କ ଦେହ ଖରାପ ହେଲା ଜ୍ୱର ନ କମିବାରୁ କ୍ୟାପିଟାଲ ହସ୍ପିଟାଲ ରେ ଡାକ୍ତର ଙ୍କୁ ଦେଖାଇଲି, ଡାକ୍ତର ସେଠାରେ ପରୀକ୍ଷା ନିରୀକ୍ଷା କରି କହିଲେ ବାପା ଙ୍କୁ ଯକ୍ଷ୍ମା ହେଇଛି। ବାପା ଙ୍କୁ ଭଲ କରିବା ପାଇଁ ମୋଟା ଅଙ୍କ ର ଟଙ୍କା ଦରକାର ମୁଁ ଏତେ ଟଙ୍କା ଆଣିବି କୋଉଠୁ ? ଡାକ୍ତର ଔଷଧ ଟିପା ଧରେଇ ଘରକୁ ବିଦା କରିଦେଲେ। ମୁଁ ବାପାଙ୍କ ଏହି ରିକ୍ସାକୁ ଚଲେଇବାକୁ ଆଦରି ନେଇଛି ମ୍ୟାଡାମ ! ରିକ୍ସା ରୁ ଯାହା ଦୁଇ ପଇସା ମିଳେ ସେଥିରେ ମୁଁ ବାପା ଙ୍କୁ ଦୁଇ ଓଳି ଖାଇବା ଓ ଔଷଧ ଦେଇ ପାରୁଛି। ଏତେ କଷ୍ଟ କରି ପାଠ ପଢାଇ ଥିଲେ ଭଲ ଚାକିରି

କଲେ ସେମାନେ ଶାନ୍ତି ରେ ଓ ଖୁସିରେ ରହିବେ, ବାପା ଙ୍କ ର ବୈତରଣୀ ଭଳି ଆଶା ଆଶା ରେ ହିଁ ମଉଳି ଗଲା ରହିଗଲା ମନରେ ଖାଲି ଅବସୋସ ! ଅବସୋସ!!ଅବସୋସ !!!

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

# ଭୂତ ଗଛ

**ପବିତ୍ର ବେହେରା**



ମଣିଷ ଜୀବନ ଅସୀମ ଅନୁଭବର କଥା। କେତେ ଯେ ଘାତ-ପ୍ରତିଘାତ ବହୁ ଅଭାବ ଓ ଅନୁଭୂତି ରେ ମଣିଷ ଜୀବନ ପରିପୂର୍ଣ୍ଣ। ଜୀବନର ଗଭୀର, ନିବିଡ଼ ଅନୁଭୂତିକୁ ଅବଲମ୍ବନ କରି ରମେଶ ଖୋଜିଛି ଏକ ରହସ୍ୟକୁ। ଦିନ ଚାଲିଯାଏ, କାହା ପାଇଁ ଦିନ ବସି ରହେ ନାହିଁ।ରମେଶ ତା'ର ଧାନ କ୍ଷେତରେ କାମ କରେ। ନିଜର ସବୁଜିମା ଭରା ଶସ୍ୟଶ୍ୟାମଳାପୂର୍ଣ୍ଣ କ୍ଷେତକୁ ବହୁତ ଭଲପାଏ। ସେଥିପାଇଁ ତ ରାତ୍ରିରେ ନିର୍ଜନ ପ୍ରହରରେ ମଧ୍ୟ ସେ କ୍ଷେତରେ କାମ କରି ରାତି କାଟେ। ନିଜର ସାମାନ୍ୟ ସମ୍ପତ୍ତିକୁ ରକ୍ଷା କରିବା ପାଇଁ ସେଠି ସେ ଏକ ଛୋଟ ଆଶ୍ରୟସ୍ଥଳ ନିର୍ମାଣ କରିଛନ୍ତି। ଜ୍ୟୋସ୍ନା ରାତ୍ରିର ମୃଦୁ ପବନର ଆଲିଙ୍ଗନରେ ଧାନ କ୍ଷେତ ଝଲସି ଉଠୁଥିଲା, କିନ୍ତୁ ରମେଶଙ୍କ ହୃଦୟ ଭାରାକ୍ରାନ୍ତ ହୋଇ ଉଠୁଥିଲା। ଫସଲ ଅମଳ ସମୟ ପାଖେଇ ଆସୁଥିବା ବେଳେ ଏବଂ ମନରେ ବର୍ଷା ମେଘ ଫାଟିବାର ଆଶଙ୍କା ଥିବାରୁ ତାଙ୍କ ଉପରେ ଧ୍ୱଂସାବଶେଷର ଭୟ ଘୂରିବୁଲୁଥିଲା। ଦିନେ ସେ କାଠ ବିମ୍ ଉପରେ ହାତୁଡ଼ି ମାରିବା ମାତ୍ରେ, ଫସଲର ଝୁଲିବା ଶାନ୍ତ ହେବାକୁ ଲାଗିଲା। ଏହା ପରେ ରମେଶ ଲକ୍ଷ୍ୟ କଲେ ଯେ ଏକ ପ୍ରାଚୀନ ଗଛ ତାଙ୍କ କ୍ଷେତର ଧାରରେ ଏକୁଟିଆ ଠିଆ ହୋଇଛି। ଏହା ରାତିର ଆକାଶରେ ଏକ ଅଲୌକିକ ଚମକ ସହିତ ଚମକୁଥିବା ପରି ଲାଗୁଥିଲା। "ଭୂତ ଗଛ" ବିଷୟରେ କୃଷକମାନଙ୍କ ମଧ୍ୟରେ କୁହାଯାଇଥିବା କାହାଣୀକୁ ମନେ ପକାଇ ତାଙ୍କ ସ୍ପନ୍ଦନ ଦ୍ରୁତ ଗତିରେ ବଢ଼ିବାକୁ ଲାଗିଲା, ଗୋଟେ ଗଛ ଯାହା ଦୀର୍ଘ ଦିନ ଧରି ହଜିଯାଇଥିବା ଜଣେ ବୃଦ୍ଧ କୃଷକଙ୍କ ଦୁଃଖକୁ ଆଶ୍ରୟ ଦେଇଥିଲା।

"ମୋ ପାଖକୁ ଆସ", ଏଭଳି ଏକ ଆଶ୍ଚର୍ଯ୍ୟଜନକ ସ୍ୱର ପତ୍ରଗୁଡ଼ିକ ମଧ୍ୟଦେଇ ଶୁଣା ଗଲା। ରମେଶ କିଛି ସମୟ ପାଇଁ ଅଟକିଗଲା। ଯେପରିକି ଏହା ଏକ ମଣିଷର ସ୍ୱର ସେ ଏହା ଶୁଣିଲେ ନା କେବଳ ସ୍ୱପ୍ନ ଥିଲା? ପୁଣି ସ୍ୱର ଉତ୍ତୋଳନ କଲା, ଧୀର କିନ୍ତୁ ମର୍ମସ୍ପର୍ଶୀ। ତାଙ୍କ ପ୍ରବୃତ୍ତିର ବିପରୀତ, ସେ ଆଗକୁ ବଢ଼ିଲେ, ତାଙ୍କର ହୃଦୟ ଉଭୟ ଭୟ ଏବଂ କୌତୁହଳରେ ଥରୁଥିଲା।

"କିଏ କଥା କହୁଛି? ରମେଶ ପ୍ରଶ୍ନ କଲେ।

"ମୁଁ ହେଉଛି ଭୂତ ଗଛ", ଏହା ଉତ୍ତର ଦେଲା, ପବନରେ ବହୁଥିବା ସ୍ୱର, ତାଙ୍କ ଭିତରେ ଗଭୀର ପ୍ରତିଧ୍ୱନିତ ହେଲା। "ମୁଁ ଏକଦା ଆପଣଙ୍କ ଭଳି ଜଣେ କୃଷକ ଥିଲି। ମୋ ସ୍ୱପ୍ନ ମଧ୍ୟ ମାଟି ସହ ଜଡ଼ିତ ଥିଲା।

"କ" ଣ ହେଲା? " : ରମେଶ।

"ମୁଁ ଏଇ ସୂର୍ଯ୍ୟ ତଳେ କେତେ ପରିଶ୍ରମ କରୁଥିଲି, ଆଶାରେ ମୋ ଫସଲକୁ ପୋଷଣ କରୁଥିଲି", ଗଛଟି ଦୀର୍ଘଶ୍ୱାସ ଛାଡ଼ିଲା। "କିନ୍ତୁ ଗୋଟିଏ ଦୁର୍ଭାଗ୍ୟପୂର୍ଣ୍ଣ ଋତୁରେ, ପ୍ରବଳ, ଅବ୍ୟାହତ ବର୍ଷା ହେଲା । ମୋର କ୍ଷେତ କାଦୁଅରେ ପରିଣତ ହେଲା, ଏବଂ ମୋର ଶସ୍ୟ ଶୁଖିଗଲା। ମୁଁ ନିରାଶ ହୋଇ ଶେଷକୁ ସାହାଯ୍ୟ ମାଗିଥିଲି, ମୋ ଜୀବନକୁ ପୁନର୍ବାର ଆରମ୍ଭ କରିବା ପାଇଁ ସରକାରଙ୍କୁ ଏକ ଋଣ ପାଇଁ ଅନୁରୋଧ କଲି, କିନ୍ତୁ ମୋର ଚିତ୍କାର ଶୁଣାଗଲା ନାହିଁ। " ସତେ ଯେମିତି ମୁଁ ହୋଇଗଲି ନିରୁପାୟ। ଆଶା ହୀନ ମଣିଷଟିଏ।

"ଆପଣ କ" ଣ କଲେ?

"ଦିନ ଗୁଡ଼ିକ ସପ୍ତାହରେ ପରିଣତ ହେଲା, ଏବଂ ନିରାଶା ମୋ ହୃଦୟକୁ ଭାଙ୍ଗି ପକାଇଲା। ମୋ ପରିବାର କଷ୍ଟ ଭୋଗୁଥିଲା, ଏବଂ ମୁଁ ଆଉ ସହ୍ୟ କରିପାରିଲି ନାହିଁ। ଗୋଟିଏ ରାତିରେ, ମୁଁ ଏହି ଗଛରେ ଏକ ଦଉଡ଼ି ବାନ୍ଧି ମୋ ଜୀବନ ଶେଷ କଲି। " ସ୍ୱର ଥରି ଉଠିଲା। "ବର୍ତ୍ତମାନ ମୁଁ ଏହି ସ୍ଥାନର ଏକାକୀ ଅଧିକାରୀ।ବାଧ୍ୟ ନୁହେଁ, କି ଭକ୍ଷକ ନୁହେଁ କିନ୍ତୁ ନିରାଶାର ରକ୍ଷକ।"

ଚନ୍ଦ୍ରର ଆଲୋକ ଚମକି ଉଠିଲା, ସେମାନଙ୍କ ଚାରିପାଖରେ ଭୟଙ୍କର ଛାୟା ପଡ଼ିଲା। ରମେଶ ନିଃଶ୍ୱାସ ପ୍ରଶ୍ୱାସ ନେଲେ। "କିନ୍ତୁ ତୁମେ କାହିଁକି ରହିବ? କାହିଁକି ଶାନ୍ତି ପାଇବେ ନାହିଁ? "

"ମୁଁ ପାରିବି ନାହିଁ", ଗଛଟି ଦୁଃଖରେ କହିଲା। "ମୁଁ ସବୁଦିନ ପାଇଁ ଏହି ଦୁଃଖରେ ଫସି ରହିଛି, କେହି ମୋ ନିବେଦନ ନ ଶୁଣିବା ପର୍ଯ୍ୟନ୍ତ ଆଗକୁ ବଢ଼ିପାରୁନାହିଁ। ତୁମେ କୃଷକ ଜୀବନର ଦୁର୍ବଳତାକୁ ଶୁଣିବ ଏବଂ ମନେ ରଖିବ। ମାଟି କେବଳ ଶକ୍ତି ପାଇଁ ଉତ୍ପାଦନ କରେ ନାହିଁ; ଏହା ଦୟା ଏବଂ ବୁଝାମଣାକୁ ମଧ୍ୟ ଆବଶ୍ୟକ କରେ। "

ଏହା ଜାଣିବା ପରେ ରମେଶ ଥରି ଉଠିଲେ। ଏହା ଜଣେ ବିସ୍ମୃତ କୃଷକଙ୍କ ସାଧାରଣ କାହାଣୀ ନଥିଲା; ଏହା ଏକ ଶିକ୍ଷା ଥିଲା, ଏକ ଦୁଃଖଦ ଘଟଣାରୁ ଏକ ଶିକ୍ଷା ଥିଲା। "ମୁଁ କ" ଣ କରିପାରିବି? " "ସେ ପଚାରିଲା, ତା 'ସ୍ୱର ଥରୁଥିଲା।"

"ଅନ୍ୟମାନଙ୍କୁ ମୋ କାହାଣୀ କୁହନ୍ତୁ। ମୋ ଦୁଃଖରେ ଭାଗ ନିଅନ୍ତୁ। କୌଣସି କୃଷକଙ୍କୁ ନିରାଶାର ସମ୍ମୁଖୀନ ହେବାକୁ ଛାଡ଼ି ଦିଆଯାଉ ନାହିଁ। ଆପଣଙ୍କ ସମ୍ପ୍ରଦାୟ ସହିତ ଏକ ଚୁକ୍ତି କରନ୍ତୁ ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ। କେବଳ ସେତେବେଳେ ମୋର ଆତ୍ମା ଶାନ୍ତି ପାଇପାରିବ। ସୂର୍ଯ୍ୟୋଦୟର ପ୍ରଥମ ଆଲୋକ ଦିଗନ୍ତରେ ପ୍ରବେଶ କଲାବେଳେ ରମେଶ ଭୂତ ବୃକ୍ଷ ସମ୍ମୁଖରେ ଠିଆ ହୋଇଥିଲେ, ଯାହା ତାଙ୍କ ଭିତରେ ଏକ ନୂତନ ସଂକଳ୍ପ ପ୍ରଜ୍ୱଳିତ କରୁଥିଲା। ସେ ଗମ୍ଭୀରତାର ସହ ମୁଣ୍ଡ ହଲାଇଲେ। "ମୁଁ ତୁମର ସ୍ମୃତିକୁ ସମ୍ମାନ କରିବି"। ପବନରେ ଝୁଲି ଉଠିଲା ଗଛଟି, ଧାନ କ୍ଷେତରେ ସ୍ୱସ୍ତିର ଏକ ମୃଦୁ ନିଃଶ୍ୱାସ ପ୍ରତିଧ୍ୱନିତ ହେଉଥିଲା। ସୂର୍ଯ୍ୟ ଉଦୟ ହେବା ସହିତ, ବିଶ୍ୱକୁ ଆଲୋକିତ କରି, ଗଛର ଚମକ ମ୍ଳାନ ହୋଇଗଲା। କିନ୍ତୁ ରମେଶ ଭଲ ଭାବରେ ଜାଣିଥିଲେ। ସେ ଜମିର ହୃଦୟ ଯନ୍ତ୍ରଣା ଏବଂ ଜଣେ କୃଷକଙ୍କ ସ୍ଥାୟୀ ଆତ୍ମାକୁ ଦେଖିଥିଲେ ଯିଏ ପ୍ରକୃତରେ କେବେ ଛାଡି ନଥିଲେ। ସେହି ଦିନଠାରୁ, ସେ ସମସ୍ତଙ୍କୁ ଭୂତ ବୃକ୍ଷର କାହାଣୀ କହି ସୁନିଶ୍ଚିତ କରିଥିଲେ ଯେ ତାଙ୍କ ଗାଁର କେହି ଯେପରି ଆଉ ଏକୁଟିଆ ରହିବେ ନାହିଁ। ଏବଂ ରାତିରେ, ଯେତେବେଳେ ପବନ କ୍ଷେତରେ ଘୁରି ବୁଲୁଥିଲା, ଗ୍ରାମବାସୀଙ୍କୁ କାହାଣୀ କହୁଥିଲା, ସେ ଶପଥ କରି ପାରୁଥିଲା ଯେ ସେ ପତ୍ରର କୋମଳ ଗୁଞ୍ଜରଣ ଶୁଣିଛି, ଏହା ଏକଦା ଯିଏ ଥିଲେ ତାଙ୍କୁ ତାଙ୍କର ନୀରବ ପ୍ରତିଶ୍ରୁତି ଥିଲା।

**ସମ୍ପାଦକ, ସାହିତ୍ୟ ଜୀବନ**
**ସମ୍ବଲପୁର, ମୋବାଇଲ୍:୭୭୫୧୦୭୫୩୫୦**

# ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ଜୟଯାତ୍ରା

## ପ୍ରଥମଥର ପାଇଁ ଏଲଇଡ଼ି ପରଦାରେ ହେବ ସିଧାପ୍ରସାରଣ

**ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ):** ଆସନ୍ତା ୩ ଜାନୁଆରୀ, ୨୦୨୫ ରିଖ ଠାରୁ ୧୩ ଜାନୁଆରୀ, ୨୦୨୫ ରିଖ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲାରେ ଧନୁଯାତ୍ରା ମହୋତ୍ସବ-୨୦୨୫ ପାଳିତ ହେବ। ଆମ ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟର ପ୍ରତୀକ ଭାବେ ଧନୁଯାତ୍ରା ମହୋତ୍ସବକୁ ଦିବ୍ୟ, ଭବ୍ୟ ଏବଂ ଆଡ଼ମ୍ବରର ସହ ପାଳନ କରିବା ସହ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଅନେକ ପଦକ୍ଷେପମାନ ଗ୍ରହଣ କରାଯାଇଛି, ଯାହାର ସବିସ୍ତୃତ ବିବରଣୀ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରଦାନ କରିଥିଲେ। ଶ୍ରୀ ସୂରଜ କହିଥିଲେ ଯେ, ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ଜୟଯାତ୍ରା। ଏହି ଯାତ୍ରା ସମୟରେ ବରଗଡ଼ର ବିଭିନ୍ନ ଅଞ୍ଚଳ ମଥୁରା ନଗରୀ, ଗୋପପୁର, କଂସଙ୍କ ଦରବାର ଆଦିରେ ରୂପାନ୍ତରିତ ହୋଇଥାଏ। ଧନୁଯାତ୍ରା ମହୋତ୍ସବ-୨୦୨୫ କୁ ଦିବ୍ୟ, ଭବ୍ୟ ଏବଂ ଆଡ଼ମ୍ବରର ସହ ପାଳନ କରାଯିବା ସହ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଅନୁଷ୍ଠାନିକ ଭାବେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧନୁଯାତ୍ରା ପାଇଁ ୧ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ଅନୁଦାନ ରାଶିକୁ ପୂର୍ବରୁ ପ୍ରଦାନ କରାଯାଉଥିବା ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବାଦ, ଧନୁଯାତ୍ରାର ସିଧାପ୍ରସାରଣ, ଧନୁଯାତ୍ରା ନିମନ୍ତେ ସ୍ୱତନ୍ତ୍ର ୱେବସାଇଟ କରିବା ଏବଂ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ ୫୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯିବାର ନିଷ୍ପତ୍ତି ନିଆଯାଇଛି।ଏଥିସହ ଧନୁଯାତ୍ରାରେ ଭାଗନେଉଥିବା ପ୍ରାୟତଃ ୧୭୦ ଜଣ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। ପୂର୍ବବର୍ଷ ମାନଙ୍କରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା ବହୁ ଅଭିନେତାମାନଙ୍କୁ ମଧ୍ୟ ସମ୍ମାନିତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଧନୁଯାତ୍ରାର ବ୍ୟାପକ ପ୍ରଚାର-ପ୍ରସାର ନିମନ୍ତେ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମଥର ପାଇଁ ଏଲ. ଇ. ଡ଼ି. ପରଦା ମାଧ୍ୟମରେ ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ପ୍ରମୁଖ ସ୍ଥାନ ମାନଙ୍କରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଧନୁଯାତ୍ରା ଚାଲୁଥିବା ସମୟରେ ପ୍ରବାସୀ ଭାରତୀୟ ଦିବସ ମଧ୍ୟ ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ଏବଂ ଦେଶ ବାହାରୁ ଆସୁଥିବା ବ୍ୟକ୍ତିମାନେ ମଧ୍ୟ ଏଲ. ଇ. ଡ଼ି ପରଦାରେ ଧନୁଯାତ୍ରାର ପ୍ରସାରଣ ହେବା ଫଳରେ ଏହି ଭବ୍ୟ ଯାତ୍ରାର ଐତିହ୍ୟ ଏବଂ ବିଶେଷତ୍ୱ ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି ଲକ୍ଷ୍ୟ ରଖା ଯାଇଛି । ଏଥିସହିତ ଧନୁଯାତ୍ରା ମହୋତ୍ସବ-୨୦୨୫ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ ମଧ୍ୟ କରାଯାଉଛି ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ପ୍ରାମାଣିକ ଦସ୍ତାବିଜ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ ଯାହା ଦ୍ୱାରା କି ସମସ୍ତ ଜନସାଧାରଣମାନେ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ।ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଧନୁଯାତ୍ରାକୁ ୟୁନେସ୍କୋ ଇନଟାଞ୍ଜିବୁଲ୍ କଲଚରାଲ୍ ହେରିଟେଜ୍‌ର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଏକ ବିଶେଷଜ୍ଞ କମିଟି ମଧ୍ୟ ଗଠନ କରାଯିବ। ବିଶିଷ୍ଟ ଧାରାବାହିକରେ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ତଥା ସାଂସଦ ଅରୁଣ ଗୋଭିଲ ଓ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିବା ଅଭିନେତା ନୀତିଶ ଭାରଦ୍ୱାଜ, ମଥୁରାର ସାଂସଦ ହେମାମାଳିନୀଙ୍କୁ ମଧ୍ୟ ଧନୁଯାତ୍ରାରେ ଆମନ୍ତ୍ରିତ କରାଯିବ । ଏଥିସହ ଧନୁଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ପ୍ରଶାସନିକ ଏବଂ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

- ଭାଗନେଉଥିବା ପ୍ରାୟତଃ ୧୭୦ ଜଣ କଳାକାରଙ୍କୁ ୧୦ ହଜାର ସମ୍ମାନ ରାଶି
- ଜାତୀୟ ନାଟ୍ୟ ବିଦ୍ୟାଳୟ ଟିମ୍ ପକ୍ଷରୁ ଧନୁଯାତ୍ରା ଉପରେ ନିର୍ମାଣ କରାଯିବ ପ୍ରାମାଣିକ ବୃତ୍ତଚିତ୍ର





ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସୀଙ୍ଗିତଳିଆ, ଜଗତସିଂହପୁରର ଛାତ୍ର ଛାତ୍ରୀ ବିଧାନସଭା ପରିଭ୍ରମଣରେ ଆସିଥିବାବେଳେ ବିଧାନସଭାର ସଚିବ ଦାଶରଥି ଶତପଥୀ ଓ ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀମାନେ ଉପସ୍ଥିତ

# ନନ୍ଦନକାନନରେ ନୂଆ ଅତିଥି

## ଜନ୍ମ ନେଲା ସିମ୍ପାଞ୍ଜି ଶାବକ



**ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ):** ନୂଆବର୍ଷକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ବର୍ଷର ଶେଷ ମୁହୂର୍ତ୍ତରେ ଜୀବଜନ୍ତୁ ପ୍ରେମିକଙ୍କ ପାଇଁ ରବିବାର ଆସିଛି ଏକ ଖୁସି ଖବର। ଭୁବନେଶ୍ୱର ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ଶାବକକୁ ଜନ୍ମ ଦେଇଛି ମା' ସିମ୍ପାଞ୍ଜି। ଫଳରେ ନନ୍ଦନକାନନରେ ସିମ୍ପାଞ୍ଜିଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ବର୍ତ୍ତମାନ ମା' ଏବଂ ଛୁଆଙ୍କୁ ଅଲଗା ରଖାଯାଇଛି। ଏପରିକି ଏକ ଡାକ୍ତରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ ମା' ଏବଂ ଛୁଆଙ୍କୁ ଯତ୍ନ ନିଆଯାଉଥିବା ସୂଚନା ମିଳିଛି। ସୂଚନା ଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ୧୯୯୪ରେ ସିଙ୍ଗାପୁରରୁ ଏକ ମାଈ ଏବଂ ଅଣ୍ଡିରା ସିମ୍ପାଞ୍ଜି ଅଣାଯାଇଥିଲା। ୨୦୧୧ରେ ସେମାନେ ଦୁଇଟି ଶାବକ ଜନ୍ମ ଦେଇଥିଲେ।

# ଡିଭାଇଡରରେ ପିଟି ହୋଇ ହାଇୱାକୁ ଧକ୍କାଦେଲା ସ୍କର୍ପିଓ; ୨ ମୃତ



**ରାଉରକେଲା,୨୯।୧୨(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ୧୪୩ ନମ୍ବର ଜାତୀୟ ରାଜପଥରେ ଘଟିଛି। ଡିଭାଇଡରରେ ପିଟି ହୋଇ ହାଇୱାକୁ ଧକ୍କାଦେଲା ସ୍କର୍ପିଓ। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ମେଡ଼ିକାଲ୍ ବେଡ଼୍‌ରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ରାଉରକେଲାରେ ଏକ ଠାକ ସଂସ୍ଥାରେ କାମ କରନ୍ତି ବିପିନ୍ ସେଠୀ, ପବିତ୍ର ସାହୁ, ଶେଖ ରାମଜାନ ଓ ଆଦିତ୍ୟ ସାହୁ। ଆଜି ରବିବାର ଥିବାରୁ ଅପରାହ୍ନରେ ୪ ଜଣ ସାଙ୍ଗ ମିଶି ଏକ ସ୍କର୍ପିଓରେ ଖଣ୍ଡାଧାର ଅଭିମୁଖେ ଯାଉଥିଲେ। ତେବେ ୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ନିକଟରେ ସ୍କର୍ପିଓଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ସମ୍ମୁଖରୁ ଆସୁଥିବା ହାଇୱାକୁ ଧକ୍କା ଦେଇଥିଲା। ସମସ୍ତେ ଗାଡ଼ି ଭିତରେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଏନେଇ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ୪ ଜଣଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଗାଡ଼ି ଚାଳକ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବିପିନ୍ ସେଠୀଙ୍କୁ ମୃତ ଘୋଷଣା କରିଥିଲେ। ଏବେ ପବିତ୍ର ସାହୁଙ୍କର ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା ଚାଲିଥିବା ବେଳେ ଶେଖ୍ ରାମଜାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଜେପି ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି।

# କୁଦୋପାଲିର ଇତିହାସ ପଢ଼ିବ ବିଶ୍ୱ

## ବଳିଦାନ ଓ ବୀରଗାଥା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିବ




**ସମ୍ବଲପୁର,୨୯।୧୨(ସଂଚାର ବ୍ୟୁରୋ):** ୧୮୫୭ର ସମ୍ବଲପୁର କୁଦୋପାଲି ଘଟଣା କୌଣସି ଗୁଣରେ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ଘଟଣା ଠାରୁ କମ ନଥିଲା ବୋଲି ରବିବାର ସମ୍ବଲପୁର ଠାରେ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭'' ଇଂରାଜୀ ପୁସ୍ତକ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କୁଦୋପାଲି ଘାଟିରେ ଶହୀଦ ହୋଇଥିବା ବୀର ଛବିଳ ସାଏ ତଥା ୫୭ ଜଣ ଶହୀଦଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାର ଅବ୍ୟବହିତ ପୂର୍ବରୁ ଆଜି ଗଣମାନ୍ୟ ବ୍ୟକ୍ତିବିଶେଷଙ୍କ ଗହଣରେ ପୁସ୍ତକର ଇଂରାଜୀ ସଂସ୍କରଣକୁ ଉନ୍ମୋଚନ କରି ଗୌରବାନ୍ୱିତ ହୋଇଥିବା କହିଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶ ମାନଙ୍କ ସହ ଅଦମ୍ୟ ସାହସର ସହ ଲଢ଼ି ୫୩ ସହଯୋଗୀ ସଂଗ୍ରାମୀ ଶହୀଦ ହୋଇଥିଲେ ଓ ପରେ ୪ ଜଣଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା। ସମ୍ବଲପୁର ମାଟିରେ ସଂଗଠିତ ଏହି କୁଦୋପାଲି ମହାସଂଗ୍ରାମରେ ଖିଣ୍ଡା, କୁଲାବିରା, ଘେଁସ, ଲଖନପୁର ଆଦି ଅଞ୍ଚଳର ଅନେକ ପରିବାର ସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଛନ୍ତି। ମାତ୍ର ଏହି ଇତିହାସ ଅନେକଙ୍କ ପାଇଁ ଅଜଣା ଥିଲା। ଗତବର୍ଷ ଡିସେମ୍ବର ୩୦ରେ କୁଦୋପାଲି ଠାରେ 'ବୀର ଛବିଳ ସାଏ ସ୍ମୃତି କମିଟି' ପକ୍ଷରୁ ବୀର ଛବିଳ ସାଏ ଓ ୫୭ ଜଣ ଶହୀଦଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ବିଷୟରେ ସେ ଅବଗତ ହେବା ସହ କୁଦୋପାଲିର ଇତିହାସ ଉପରେ ଗବେଷଣା ସହ ତାହାକୁ ପୂର୍ଣ୍ଣାଙ୍ଗ ପୁସ୍ତକର ରୂପ ଦେବା ପାଇଁ ଆଇସିଏଚଆର୍ ଓ ଏନବିଟିକୁ ଦାୟିତ୍ୱ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ସେହି କ୍ରମରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। କୁଦୋପାଲିର ବୀରମାନଙ୍କ ସ୍ମୃତିରେ ଏଭଳି ଏକ ଐତିହାସିକ ପୁସ୍ତକ ସଙ୍କଳନ ଓ ପ୍ରକାଶନ ପାଇଁ ଶ୍ରୀ ପ୍ରଧାନ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏବଂ ଆଇସିଏଚଆର ଏବଂ ପୁସ୍ତକ ପ୍ରକାଶନ କରିବାରେ ସହଯୋଗୀ ହୋଇଥିବା ସମସ୍ତଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଆଗାମୀ ଦିନରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଏନବିଟି ତରଫରୁ ଆୟୋଜିତ ହେଉଥିବା ସର୍ବବୃହତ ପୁସ୍ତକ ମେଳା ଅବସରରେ ଲୋକାର୍ପିତ ଏହି ପୁସ୍ତକର ହିନ୍ଦୀ ସଂସ୍କରଣ କରିବା ପାଇଁ ଯୋଜନା ରହିଛି। ପୁସ୍ତକଟିକୁ ଓଡ଼ିଆ ସମେତ ୧୦ଟି ପ୍ରମୁଖ ଭାରତୀୟ ଭାଷାରେ ପ୍ରକାଶିତ କରିବା ପାଇଁ ଏନବିଟିକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଆଜିର ପୁସ୍ତକ ଦ୍ୱାରା କୁଦୋପାଲିର ବଳିଦାନ ଓ ବୀରଗାଥା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିବ।

# ବନ୍ଧା ହେଲା ରୋଡ ରୋମିଓ



**ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଆଶିଷ ମହାନ୍ତିଙ୍କ ଏତଲା ଆଧାରେ ଖଣ୍ଡଗିରୀ ଥାନା ପୁଲିସ ମାମଲା ରୁଜୁ କରିବା ସହ ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା.୨୧ ରିଖ ସନ୍ଧ୍ୟା ୫ ଟା ସମୟରେ ଅଭିଯୁକ୍ତ ମାନସ ଅଭିଯୋଗକାରୀଙ୍କର ସମ୍ପର୍କୀୟ ଭଉଣୀ ଙ୍କୁ ହଇରାଣ କରୁଥିବା ନେଇ ଖବର ପାଇବା ପରେ ସେ ତୁରନ୍ତ ଫାୟାର ଷ୍ଟେସନ୍ ନିକଟକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ଜଣକ ଆଶିଷ ଙ୍କ ଭଉଣୀ ଙ୍କୁ ବଳପୂର୍ବକ ରାସ୍ତା ରେ ଅଟକାଇ ଟଣାଓଟରା କରିବା ସହ ତାଙ୍କର ଲକେଟ ଓ ସୁନା ଚେନ ଟିକୁ ଛିନତାଇ କରୁଥିବାର ଦେଖିବାକୁ ପାଇଥିଲେ । ଏହା ଦେଖିବା ପରେ ଆଶିଷ ଅଭିଯୁକ୍ତଙ୍କୁ ବିରୋଧ କରିଥିଲେ । ଏଥିରେ ଅଭିଯୁକ୍ତ ଜଣକ ରାଗିଯାଇ ଆଶିଷ ଙ୍କୁ କାମୁଡିବା ସହ ଏକ ଇଟା ରେ ଗୁରୁତର ଆକ୍ରମଣ କରିଥିଲେ ଓ ଧମକ ଦେଇ ଘଟଣା ସ୍ଥଳ ରୁ ଚାଲି ଯାଇଥିଲେ । ଏନେଇ ମାମଲା ରୁଜୁ ହେବା ପରେ ଖଣ୍ଡଗିରୀ ପୁଲିସ ତଦନ୍ତ କରିବା ସହ ଚଢଉ ଜରିଆରେ ଅଭିଯୁକ୍ତ ଙ୍କୁ ଗିରଫ କରି ଥାନା କୁ ଆଣିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ସଂଦେହରେ ହାତୀ ମୃତ୍ୟୁ



**ଅନୁଗୋଳ ,୨୯।୧୨(ସଂଚାର ବ୍ୟୁରୋ):** ବନଖଣ୍ଡ ଅନୁଗୋଳ ରେଞ୍ଜ ପୁପୁଣ୍ଡା ନିକଟରେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ମୃତ ହାତୀଟିକୁ ଆନୁମାନିକ ୨୦ବର୍ଷ ହୋଇଥିବା ସୂଚନା ଦେଇଛି ବନବିଭାଗ। ଗତକାଲି ହାତୀଟିକୁ ପୁପୁଣ୍ଡା ଅଞ୍ଚଳରେ ଠାବ କରାଯାଇଥିବା ବେଳେ ଆଜି ସକାଳେ ସେ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ ବନବିଭାଗ କର୍ମଚାରୀ। ଏ ନେଇ ସେମାନେ ତୁରନ୍ତ ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରିଥିଲେ। ହାତୀଟିର ଶରୀରରେ ତିନିଟି ସ୍ଥାନରେ କ୍ଷତ ଦେଖିବାକୁ ମିଳିଥିବା ବେଳେ କେଉଁ କାରଣରୁ ତା'ର ମୃତ୍ୟୁ ଘଟିଛି, ସେ ନେଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇପାରିବ ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।



# ବିଦେଶ ଯାଉଛି ପଟ୍ଟଚିତ୍ର ଶାଢ଼ି

**ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ):** ଗୁରୁ ନିରଞ୍ଜନ ମହାପାତ୍ରଙ୍କ ରଙ୍ଗତୁଳିରେ ପଟ୍ଟଚିତ୍ର କଳା । ବିଦେଶର ଯୁବପିଢ଼ିଙ୍କ ପସନ୍ଦ ପାଲଟିଛି ତାଙ୍କ କଳାକୃତି । ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତିପୁରୀ ଗାଁରୁ ବିଦେଶ ଯାଉଛି ପଟଚିତ୍ର ଶାଢ଼ୀ । ବିବାହ ପୋଷାକରେ ମଧ୍ୟ ଅନେକ ସୁନ୍ଦର କଳାକୃତି ଆଙ୍କୁଛନ୍ତି । ଗୁରୁ ନିରଞ୍ଜନ ମହାପାତ୍ରଙ୍କ ହାତ ତିଆରି ରଙ୍ଗ ତୁଳିର ଚିତ୍ର କେବଳ ଜିଲ୍ଲାରେ ନୁହେଁ ଆମ ଦେଶ ସହିତ ବିଦେଶରେ ବି ରହିଛି ଅନେକ ଚାହିଦା। ସେଥିପାଇଁ ତ ଦରିଆ ସେପାରିରୁ ଗୁରୁଙ୍କ ହାତ ତିଆରି ପଟଚିତ୍ରକୁ ବିଦେଶର ଯୁବପିଢ଼ି ଅନେକ ପସନ୍ଦ କରୁଛନ୍ତି । ଆମେରିକା, ଲଣ୍ଡନ, ସିଙ୍ଗାପୁର ସମେତ ଭାରତର ପ୍ରତେକ ରାଜ୍ୟରୁ ଆସୁଛି ଅର୍ଡର । ଗାମୁଛା, ଶାଢ଼ି, ଲେହେଙ୍ଗା, ଚୁଡ଼ିଦାର, ସାଲୱାରରେ ଭାରତର ସଂସ୍କୃତିକୁ ତୁଳିରେ ଆଙ୍କୁଛନ୍ତି ଗୁରୁ ନିରଞ୍ଜନ ମହାପାତ୍ର । ଚିତ୍ରକଳା ମାଧ୍ୟମରେ ପୁରୁଣା ପରମ୍ପରା ଓ ଐତିହ୍ୟର ଗାଥାକୁ ପ୍ରଦର୍ଶନ କରୁଛନ୍ତି କଳାକାର । ଗୋଟିଏ ଗୋଟିଏ ଶାଢ଼ି ପେଣ୍ଟିଙ୍ଗ ପାଇଁ ୨୦ ହଜାରରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଏଥିପାଇଁ ୧୦ ଦିନ ଲାଗୁଥିବା ବେଳେ ୭ ଜଣ ପିଲା କାମ କରନ୍ତି ।

# ବୀମା କ୍ଷତିପୂରଣ-ପାଇବା ନେଇ ଚାଷୀ ସନ୍ଦେହରେ

**ଭୁବନେଶ୍ୱର,୨୯।୧୨:** ଅଦିନିଆ ବର୍ଷାରେ ଉଜୁଡି ଯାଇଥିବା ଧାନ ଫସଲର କ୍ଷତିପୂରଣ ରାଶି ଦେବାପାଇଁ ବୀମା କମ୍ପାନୀମାନେ ଯେଉଁସବୁ ସର୍ତ୍ତ ଲଗାଇଲେଣି ସେଥିରେ କ୍ଷତିପୂରଣ ପାଇବା ନେଇ ଚାଷୀମାନେ ସନ୍ଦେହରେ ରହିଲେଣି। ବୀମା କମ୍ପାନୀମାନଙ୍କ ବିଭିନ୍ନ ସର୍ତ୍ତ ଦେଖି ଚାଷୀମାନେ ମୁଣ୍ଡରେ ହାତ ଦେଇଦେଲେଣି। ରାଜ୍ୟ ସରକାର ଚାଷୀଙ୍କ ଫସଲର ବୀମା ପ୍ରିମିୟମ ଦେଇଛନ୍ତି। ଚାଷୀମାନେ କେବଳ ଏ ବାବଦରେ ୧ଟଙ୍କା ପ୍ରଦାନ କରିଛନ୍ତି। ହେଲେ କ୍ଷତିପୂରଣ ରାଶି ପାଇବାକୁ ହେଲେ କ'ଣ କରିବାକୁ ପଡ଼ିବ ତାହା ଅନେକ ଚାଷୀ ଜାଣିନାହାନ୍ତି। ଏବେ ଅଦିନିଆ ବର୍ଷାରେ ଧାନଫସଲ ଉଜୁଡି ଯିବାପରେ ବୀମା କମ୍ପାନୀର ଅଧିକାରୀମାନେ ଆସି ଚାଷୀଙ୍କୁ ଏକ ପ୍ରକାର ପାଠ ପଢ଼ାଇବାରେ ଲାଗିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବୀମା କମ୍ପାନୀର ସର୍ତ୍ତ ହେଉଛି କେବଳ କଟା ହୋଇ ବିଲରେ ପଡ଼ିଥିବା ଧାନ ଅଦିନିଆ ବର୍ଷାରେ ନଷ୍ଟ ହେଲେ ତାହାର କ୍ଷତିପୂରଣ ମିଳିବ। ଯଦି ଏହି ଧାନକୁ ଚାଷୀମାନେ ବିଲରୁ ଅନ୍ୟ ସ୍ଥାନକୁ ବୋହି ନେଇଥିବେ କିମ୍ବା ପାଣିରୁ ଛାଣିଥିବେ ତେବେ କ୍ଷତିପୂରଣ ରାଶି ମିଳିବ ନାହିଁ। ସେହିଭଳି ପାଚିଲା ଧାନ କ୍ଷେତରେ ପାଣି ପଶି ତାହା ନଷ୍ଟ ହୋଇଗଲେ ମଧ୍ୟ କ୍ଷତିପୂରଣ ମିଳିବନାହିଁ। ଏପରିକି ପାଚିଲାଧାନ କଟାନହୋଇ ପାଣିରେ ବୁଡି ଗଜା ହେଲେ ତାହାର କ୍ଷତିପୂରଣ ବି କମ୍ପାନୀ ଦେବନାହିଁ। ଯେଉଁମାନଙ୍କର ଧାନ କଟାହୋଇ ବିଲରେ ପଡ଼ିଥିଲା ଓ ଅଦିନିଆ ବର୍ଷାରେ ଓଦା ହୋଇଥିଲା ବର୍ଷାଛାଡିବା ପରେ ପରେ ଚାଷୀମାନେ ତୁରନ୍ତ ତାହାକୁ ଶୁଖିଲା ସ୍ଥାନକୁ ବୋହି ଆଣିଛନ୍ତି। ସେହିଭଳି ପାଣିରେ ବୁଡିଥିବା ଧାନଗଛକୁ ମଧ୍ୟ ଚାଷୀମାନେ କାଟି ଉଚ୍ଚା ସ୍ଥାନକୁ ଆଣିଥିଲେ। ଏବେ ଏହିସବୁ ନଷ୍ଟ ଧାନର କ୍ଷତିପୂରଣ ରାଶି ମିଳିବନାହିଁ ବୋଲି ବୀମା କମ୍ପାନୀ କର୍ତ୍ତୃପକ୍ଷ ସଫା ସଫା ଶୁଣାଇ ଦେଲେଣି। ଏହାକୁ ନେଇ ଆଜି ପୁରୀ ଜିଲ୍ଲାରେ ଚାଷୀ ଓ ବୀମା କମ୍ପାନୀ ଅଧିକାରୀ ମୁହାଁମୁହିଁ ହୋଇଥିବାର ସୂଚନା ମିଳିଛି। ସେହିଭଳି ଫସଲ କ୍ଷତିର ୭୨ଘଣ୍ଟା ମଧ୍ୟରେ ବୀମା କମ୍ପାନୀକୁ ଖବର ଦେବାପାଇଁ ସରକାର ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। ହେଲେ ବର୍ଷା ଛାଡିବାପରେ ଯେଉଁ ଚାଷୀମାନେ ଧାନଗଛକୁ ଶୁଖିଲା ସ୍ଥାନକୁ ନେଇ ଆସିଛନ୍ତି ସେମାନେ ଏବେ କ'ଣ କରିବେ ଜାଣିପାରୁ ନାହାନ୍ତି। ସେହଭଳି ବୀମା କମ୍ପାନୀକୁ ଅବଗତ ପାଇଁ ଯେଉଁ ଶୁଳ୍କମୁକ୍ତ ଟେଲିଫୋନ୍ ନମ୍ବରଟି ଦିଆଯାଇଛି ତାହା ଅନେକ ସମୟରେ ଧରୁନାହିଁ। ଗୋଟିଏ ସମୟରେ ହଜାର ହଜାର କ୍ଷତିଗ୍ରସ୍ତ ଚାଷୀ ଫୋନ୍ କରୁଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଅନ୍ୟ ପକ୍ଷରେ ରକ୍ଷକ ଆପ୍‌ରେ ଜଣାଇବାପାଇଁ ବି କୁହାଯାଇଛି। ହେଲେ ନଷ୍ଟ ହୋଇଯାଉଥିବା ଧାନକୁ ଖରାରେ ଶୁଖାଇ ଅମଳରେ ଚାଷୀ ବ୍ୟସ୍ତ ଥିବାରୁ ଆପ୍ ଖୋଲି ଅଭିଯୋଗ କରିବା ଗାଁ ଗହଳର ଅନେକ ଚାଷୀଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ଚାଷୀମାନେ ବୀମା ପ୍ରିମିୟମ ବାବଦରେ ୧ଟଙ୍କା ଦେଉଥିବା ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ଦେଇଛନ୍ତି। ଏ ବାବଦରେ କମ୍ପାନୀମାନେ ଶହ ଶହକୋଟି ଟଙ୍କା ନେଇଛନ୍ତି। ତେଣୁ ଫସଲ କ୍ଷତିଗ୍ରସ୍ତ ହେଲାପରେ କମ୍ପାନୀ ନିଜ ପକ୍ଷରୁ ଆସି କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚିବା ଉଚିତ୍ ବୋଲି ଚାଷୀମାନେ ମତ ଦେଉଛନ୍ତି। ତେବେ ସୂଚନା ପାଇ ବୀମା କମ୍ପାନୀ ଅଧିକାରୀମାନେ ଆସି ଯେଉଁସବୁ ସର୍ତ୍ତ ଦର୍ଶାଉଛନ୍ତି ତାହାଦ୍ୱାରା ରାଜ୍ୟର ୯୯ ପ୍ରତିଶତ କ୍ଷତିଗ୍ରସ୍ତ ଚାଷୀ ବୀମା କ୍ଷତିପୂରଣ ପାଇବା ସମ୍ଭବପର ନୁହେଁ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ମତ ଦେଉଛନ୍ତି। (ତଥ୍ୟ)



# ଫିଟ୍ ଇଣ୍ଡିଆ ସାଇକେଲ୍ ଶୋଭାଯାତ୍ରା




**କଟକ,୨୯।୧୨(ସଂଚାର ବ୍ୟୁରୋ):** ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଜାତୀୟ ଉତ୍କର୍ଷ କେନ୍ଦ୍ର ଜଗତପୁର ଏବଂ କଟକ ଆଠଗଡ଼ର ଏକଲବ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଆଠଗଡ଼ ଏକଲବ୍ୟ ଏକାଡେମୀ ଠାରୁ ଆରମ୍ଭ ହୋଇ ଗୋପାଳପୁର ଗ୍ରାମ ଓ ଜାଗିପଡ଼ା ପିଏଚସି ଦେଇ ପୁଣି ପ୍ରାରମ୍ଭ ସ୍ଥାନରେ ଶେଷ ହୋଇଥିଲା। ଏଥିରେ ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଅଂଶଗ୍ରହଣ କରିଥିଲେ। ଏକଲବ୍ୟ ଏକାଡେମୀର ଅଧ୍ୟକ୍ଷ ରସାନନ୍ଦ ରାଉତ, କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ସେଠୀ, କ୍ରୀଡ଼ାବିତ ଦିନେଶ କୁମାର ସାହୁ, ସ୍ୱେଚ୍ଛାସେବୀ ରାକେଶ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିଥିଲେ।

# ଜମି ପଟ୍ଟା ମିଳିବାପରେ ବଣ୍ଡାଘାଟିରେ ଉତ୍ସବର ମାହୋଲ

**ମାଲକାନଗିରି,୨୯।୧୨(ସଂଚାର ବ୍ୟୁରୋ):** ବଣ୍ଡା ଘାଟିରେ ପଟ୍ଟା ଅଧିକାର । ଆଦିମ ଜନଜାତିକୁ ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ପାଇଁ ପଟ୍ଟା ମିଳିବା ପରେ ଏ ହେଉଛି ଉତ୍ସବର ଚିତ୍ର । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ପାରମ୍ପରିକ ବାଦ୍ୟ ମହୁରି ଓ ନାଚଗୀତରେ ଝୁମୁଛନ୍ତି ଆଦିମ ଜନଜାତିର ଲୋକ । ଅଣ୍ଡ୍ରାହଲ ଓ ମୁଦୁଲିପଡା ଆଦି ୨ ପଞ୍ଚାୟତର ହଜାର ହଜାର ଲୋକେ ଏକାଠି ହୋଇ ବିରାଟ ବଡ ଶୋଭାଯାତ୍ରାରେ ସୀତାକୁଣ୍ଡ ଠାରୁ କନ୍ୟାଶ୍ରମ ପର୍ଯ୍ୟନ୍ତ ନାଚଗୀତରେ ସାମିଲ ହୋଇଛନ୍ତି । ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବଣ୍ଡାଘାଟିରେ ଗୋଷ୍ଠିଗତ ପଟ୍ଟା ପ୍ରଦାନ କରିଥିଲେ ।

# ଜିରୋ ନାଇଟ୍ ପାଇଁ ପୁଲିସର ଜିରୋ ଟଲେରାନ୍ସ

## ଟୁଇନ୍ ସିଟିରେ ସୁରକ୍ଷା କଡ଼ାକଡ଼ି

**ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ):** ବର୍ଷ ୨୦୨୪ ବିଦାୟ ନେବାକୁ ଆଉ ମାତ୍ର ଦୁଇ ଦିନ ବାକି। ନୂଆବର୍ଷକୁ ସ୍ୱାଗତ ସହ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ସବୁଆଡ଼େ ଜୋରଦାର ଚାଲିଛି ପ୍ରସ୍ତୁତି। ଏହି ପ୍ରସ୍ତୁତି ଭିତରେ ଟୁଇନ୍ ସିଟି ସମେତ ବିଭିନ୍ନ ସହରରେ ବଢ଼ିଲାଣି ସୁରକ୍ଷା ବ୍ୟବସ୍ଥା। ଜିରୋ ନାଇଟ୍ ବେଳେ ଜିରୋ ଟଲେରାନ୍ସ ନୀତି ଆପଣାଇଥିବା ପୁଲିସ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ବିରୋଧୀ ଅଭିଯାନକୁ ଜୋରଦାର କରିବ। ସେପଟେ ପୁରୀରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହ ୩୧ ଓ ୧ ତାରିଖ ପାଇଁ ଜାରି ହୋଇଛି ଟ୍ରାଫିକ୍ କଟକଣା। ଜିରୋ ନାଇଟ୍ ପାଇଁ ପୁଲିସର ଜିରୋ ଟଲେରାନ୍ସ। ସେଲିବ୍ରେସନ କର, କିନ୍ତୁ ସୀମା ଭିତରେ। ନୂଆବର୍ଷ ପାଳନ ଭିତରେ କେହି ଭୁଲି ନଯାଆନ୍ତୁ ନିୟମ। ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ଉପରେ ପୁଲିସର ଆଖି। ବାର, ପବ୍ ଓ ହୋଟେଲରେ କଡ଼ାକଡ଼ି ହେବ ଚେକିଂ। ଜିରୋ ନାଇଟ୍ ପୂର୍ବରୁ ଟୁଇନ୍ ସିଟିରେ ସୁରକ୍ଷାକୁ କଡ଼ାକଡ଼ି କରିଛି କମିଶନରେଟ ପୁଲିସ। ଜୋରଦାର ହେବ ନାଇଟ୍ ଚେକିଂ, ବ୍ଲକିଂ, ନାକାବନ୍ଦୀ ସହ ମଦୁଆ ଧରପଗଡ଼ ଅଭିଯାନ। ୩୧ ସନ୍ଧ୍ୟାରୁ ଆହୁରି କଡ଼ାକଡ଼ି ହେବ ଯାଞ୍ଚ। ମଦ ପିଇ ଗାଡ଼ି ଚଳାଇଲେ ବାନ୍ଧିବ ପୁଲିସ। ସେହିପରି ରୋଡ୍ ରୋମିଓଙ୍କ ଉପରେ ତୀକ୍ଷଣ ନଜର ରହିବ। ସେମାନଙ୍କ ପାଇଁ ଜିରୋ ଟଲେରାନ୍ସ ନୀତି ଆପଣାଇଛି କମିଶନରେଟ ପୁଲିସ। ଟୁଇନ୍ ସିଟିରେ କିଛି ହୋଟେଲ ଓ ଖୋଲା ସ୍ଥାନରେ ଜିରୋ ନାଇଟ ସେଲିବ୍ରେସନ ପାଇଁ ଅନୁମତି ମିଳିଛି। ଏନେଇ ଅବକାରୀ ବିଭାଗ ସହ ଆଲୋଚନା କରିଛି କମିଶନରେଟ ପୁଲିସ। କଟକରେ ମୁତୟନ ରହିବେ ୮ ପ୍ଲାଟୁନ୍ ଫୋର୍ସ। ରାତି ୧୨ଟା ପରେ ଜିରୋ ନାଇଟ୍ ସେଲିବ୍ରେସନରେ ମାତିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି କଟକ ଡିସିପି। ସେପଟେ ନୂଆବର୍ଷ ପାଇଁ ପୁରୀରେ ବଢ଼ିଲାଣି ଭିଡ଼। ଶ୍ରୀକ୍ଷେତ୍ରକୁ ଛୁଟିଲାଣି ରାଜ୍ୟ ତଥା ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଦର୍ଶନ ବ୍ୟବସ୍ଥା କରିଛି ଶ୍ରୀମନ୍ଦିର ପ୍ରଶାସନ। ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ମାର୍କେଟ୍ ଛକ ଯାଏ ବ୍ୟାରିକେଡ୍ କରାଯାଇଛି। ୩୧ ଓ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଭକ୍ତ। ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ୩୧ ଓ ୧ ତାରିଖ ପାଇଁ ପୁରୀରେ ଜାରି ହୋଇଛି ସ୍ୱତନ୍ତ୍ର ଟ୍ରାଫିକ କଟକଣା। ମେଡିକାଲ ଛକରୁ ଶ୍ରୀମନ୍ଦିର ନୋ ଭେହିକିଲ୍ ଜୋନ୍ ହେବ। ସହରର ମୁଖ୍ୟ ପ୍ରବେଶ ପଥରେ କଡ଼ାକଡ଼ି ହେବ ଚେକିଂ। ଭୁବନେଶ୍ୱର ପଟୁ ଆସୁଥିବା ଚାରି ଚକିଆ ଗାଡ଼ି ଜେଲ ରୋଡ଼ରେ ପାର୍କିଂ କରିବେ। କୋଣାର୍କ ପଟରୁ ଆସିଲେ ତାଳବଣିଆ ଓ ବ୍ରହ୍ମଗିରି ପଟରୁ ଆସୁଥିବା ଗାଡ଼ି ଷ୍ଟର୍ଲିନ କିମ୍ବା ଯାତ୍ରୀକାରେ କରିବେ ପାର୍କିଂ।

ଜୀବନ ଅମୃତ ଅନୁଚିନ୍ତା

ଭକ୍ତିର ଶକ୍ତି-ଈଶ୍ୱରଙ୍କ ପ୍ରତି ବିଶ୍ୱାସ ହିଁ ଭକ୍ତିର ଆଧାର। ଯାହାର ବିଶ୍ୱାସ ଶକ୍ତିର ଦୁରୁପଯୋଗ- ମଣିଷର ଶକ୍ତି କହିଲେ ଏହାର ଧନ,ଜ୍ଞାନ ଏବଂ ମାନକୁ ବୁଝାଏ। ଏହା ହେଉଛି ଭୌତିକ ଶକ୍ତି। ଏହାର ସଦୁପଯୋଗ କଲେ ମଣିଷ ଐଶ୍ୱରିକ ଶକ୍ତି ପ୍ରାପ୍ତ ହୁଏ। କିନ୍ତୁ ଏହାର ଦୁରୁପଯୋଗ ଆସୁରିକ ଶକ୍ତିକୁ ସୃଷ୍ଟି କରେ।

SANCHAR
ସଂଚାର



# ନୂଆ ବାଣିଜ୍ୟିକ କ୍ଷେତ୍ର

ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ୍ୟ ବଢ଼ୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି। ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ବିଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିଛି। ଡିଆରଡିଓ ଏବଂ ହାଲ ଭଳି ରାଷ୍ଟ୍ରାୟତ୍ତ ସଂସ୍ଥା ଏହା ଦ୍ୱାରା ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା। ନିକଟରେ ଭାରତ ସରକାରଙ୍କ ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ପ୍ରାୟ ୨୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ରାଷ୍ଟ୍ରାୟତ୍ତ କମ୍ପାନି ହାଲ୍ ନିର୍ମାଣ କରିବ। ଏହା ଫଳରେ ସ୍ୱଦେଶୀ ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲାଭବାନ ହେବ।

# ସମ୍ବିଧାନର ବର୍ଷ ଥିଲା ୨୦୨୪



## ଗୋପାଳ ମହାପାତ୍ର

ବର୍ଷ ୨୦୨୪ ସମ୍ବିଧାନ ବର୍ଷ ଭାବେ ମନେରହିବ। ଏହିବର୍ଷ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତୀ ପାଇଁ ମନେରହିବ ନାହିଁ ବରଂ ମନେରହିବ ସମ୍ବିଧାନ ପାଇଁ ସଂସଦରେ ଦୁଇଦିନର ବିଶେଷ ଚର୍ଚ୍ଚାପାଇଁ। ପ୍ରଥମଥର ପାଇଁ ସମ୍ବିଧାନ ରାଜନୀତିର ପ୍ରସଙ୍ଗ ହୋଇଥିଲା। ସମ୍ବିଧାନ ଉପରେ ରାଜନୀତି ହେବା ଭାରତ ପାଇଁ ଏକ ଶୁଭଙ୍କର ଘଟଣା ବୋଲି କୁହାଯାଇପାରେ। ୨୦୨୫ରେ ଯେ ସମ୍ବିଧାନକୁ ନେଇ ଚର୍ଚ୍ଚା ଥମିବ ସେ କଥା ଜଣାପଡୁନାହିଁ ବରଂ ଏହି ଚର୍ଚ୍ଚା ଅଧିକ ବ୍ୟାପକ ହୋଇପାରେ। କଥାଟା କେମିତି କେମିତି ଲାଗୁଛି ନିଶ୍ଚୟ। ଗଣତାନ୍ତ୍ରିକ ରାଜନୀତିର କ୍ଷୟ କାରଣରୁ ଆମର ଭାଷାଜ୍ଞାନ ମଧ୍ୟ କମିଗଲାଣି। ଆମେ ଅନେକ ସମୟରେ କହୁଛେ ଯେ କୌଣସି ଭଲ ପ୍ରସଙ୍ଗକୁ ନେଇ ରାଜନୀତି କରାନଯାଉ। ଏକଥା ମଧ୍ୟ ସତ୍ୟ ଯେ ଗଣତନ୍ତ୍ରରେ ଯେଉଁ ପ୍ରସଙ୍ଗକୁ ନେଇ ରାଜନୀତି ହେବନାହିଁ, ହୋ ହାଲ୍ଲା ହେବ ନାହିଁ ସେହି ପ୍ରସଙ୍ଗ ଉପରେ କୌଣସି ନିଷ୍କର୍ଷ ବାହାରିବ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଷ ଭଳି ପ୍ରସଙ୍ଗ ଉପରେ ରାଜନୀତି, ବୟାନବାଜି ଚାଲିବ ନାହିଁ ଓ ଏସବୁ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ହେବ ନାହିଁ ସେତେବେଳେ ପର୍ଯ୍ୟନ୍ତ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେବେ ନାହିଁ। ୨୫ ବର୍ଷ ପୁର୍ବେ ସମ୍ବିଧାନ ପ୍ରଣୟନର ସ୍ୱର୍ଣ୍ଣଜୟନ୍ତୀ ପାଳନ କରାଯାଇଥିଲା। ବୋଧହୁଏ ଦେଶର ଅନେକ ନାଗରିକଙ୍କୁ ଏ ବାବଦରେ ଜଣାନଥିଲା ଓ ସାଧାରଣ ଲୋକେ ମଧ୍ୟ ଏଭଳି ଅନେକ କଥାକୁ ଜାଣିବାକୁ ଚାହାନ୍ତି ନାହିଁ। ଲୋକଙ୍କର ଏଭଳି ଉଦାସୀନତାର ଫାଇଦା ଉଠାଇ ସରକାର ସେତେବେଳେ ସମ୍ବିଧାନର କାର୍ଯ୍ୟର ସମୀକ୍ଷା ପାଇଁ ଏକ ରାଷ୍ଟ୍ରୀୟ ଆୟୋଗ (କମିଶନ) ଗଠନ କରିଥିଲେ। ସେହି ଆୟୋଗର ଅଧ୍ୟକ୍ଷ ଥିଲେ ବିଚାରପତି ଭେଙ୍କଟଚେଲେୟା। କମିଶନ ସମ୍ବିଧାନର ମୂଳ ଢାଞ୍ଚାର କୌଣସି ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରିନଥିଲେ କିନ୍ତୁ କମିଶନଙ୍କ ସମୟରେ ଏକ ଗଳାବାଟ ଖୋଲିଯାଇଥିଲା। ଏହି ପରିପ୍ରେକ୍ଷିରେ ୨୦୨୪ରେ ସମ୍ବିଧାନକୁ ନେଇ ରାଜନୀତି କରାଯିବା ଏପରିକି ସଂସଦ ଏକ ଆଖଡ଼ାଶାଳାରେ ପରିଣତ ହେବା ଭଳି ଘଟଣା ଘଟିଥିଲା। ସମ୍ବିଧାନକୁ ନେଇ ଚର୍ଚ୍ଚା ସ୍ୱାଗତଯୋଗ୍ୟ କିନ୍ତୁ ସଂସଦରେ ଧସ୍ତାଧସ୍ତି ଭଳି ଘଟଣା ନିନ୍ଦନୀୟ ନିଶ୍ଚୟ।

ନିଃସନ୍ଦେହ ଯେ ବର୍ଷ ୨୦୨୪ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ଲୋକସଭା ନିର୍ବାଚନ। ନିର୍ବାଚନରେ ମଧ୍ୟ ସମ୍ବିଧାନ ଏକ ପ୍ରସଙ୍ଗ ହୋଇଥିଲା। ନିର୍ବାଚନ ପ୍ରଚାର ବେଳେ ସମ୍ବିଧାନ କଥାକୁ ବିରୋଧିମାନେ ଉଠାଇଥିଲେ। ନିର୍ବାଚନ ପରେ ମଧ୍ୟ ସମ୍ବିଧାନକୁ ନେଇ ବିଶ୍ଳେଷଣ ଏବଂ ଆଲୋଚନା ରାଜନୀତିରେ 'ସମ୍ବିଧାନ' ପ୍ରସଙ୍ଗକୁ ଉଜ୍ଜୀବିତ କରି ରଖିଥିଲା। ବିଜେପି ଯେତେବି ସ୍ପଷ୍ଟିକରଣ ଦେଉ ବା କଥାକୁ ଘୋଡାଇବା ପାଇଁ ଚାହୁଁ ନା କାହିଁକି ଏକଥା ସତ୍ୟ ଯେ ୨୦୨୪ର ନିର୍ବାଚନରେ ବିଜେପିର "୪୦୦ପାର" ସ୍ଲୋଗାନ କୁ ଝଟକା ଦେଇଛି ସମ୍ବିଧାନ। ୪୦୦ ପାଖାପାଖି ସାଂସଦ ଜିତିବା ପରେ ବିଜେପି ସମ୍ବିଧାନରେ କେତେକ ସଂଶୋଧନ କରିଥାନ୍ତା। ଏହାକୁ ସଂଶୋଧନ ନୁହେଁ ବରଂ ଦେଶରେ ଜରୁରୀ କାଳୀନ ପରିସ୍ଥିତି ବେଳେ ହୋଇଥିବା ସମ୍ବିଦାନର ୪୨ ତମ ସଂଶୋଧନ ଆଧାରରେ ସମ୍ବିଧାନର ପୁନଃ ଲିଖନ ଭଳି ହୋଇଥାନ୍ତା। କିଛି ସଂଶୋଧନ ମାଧ୍ୟମରେ ବିଜେପି ଭାରତୀୟ ରାଜନୀତିରେ ତାର ବର୍ଚ୍ଚସ୍ୱକୁ ଏକ ସ୍ଥାୟୀ ରୂପ ଦେବାକୁ ଚାହୁଁଥିଲା। ଏକଥା ମଧ୍ୟ ସତ୍ୟ ଯେ ସମ୍ବିଧାନ ବଞ୍ଚାଅ ସ୍ଲୋଗାନ ଇଣ୍ଡିଆ ମେଣ୍ଟ ପାଇଁ କିଛି ପରିମାଣରେ ଲାଭଦାୟକ ହୋଇଥିଲା। ଏହି ବର୍ଷ ହୋଇଥିବା ନିର୍ବାଚନରେ ସମ୍ବିଧାନର ପ୍ରଶ୍ନ (ପ୍ରସଙ୍ଗ) ଭୋଟର ମାନଙ୍କର ଏକ ବଡ଼ ଭାଗ ଯେଉଁମାନେ ଜନଜୀବନ ସହ ଜଡିତ ପ୍ରସଙ୍ଗକୁ ନେଇ ଅସନ୍ତୁଷ୍ଟ ମଧ୍ୟରେ ଥିଲେ ସେମାନେ ବିରୋଧି ଦଳକୁ ସମର୍ଥନ କରିଥିଲେ। ହୋଇପାରେ ନିଜର ଭୋଟକୁ ସମ୍ବିଧାନ ସହ ଯୋଡିବା ପାଇଁ ଚାହିଁଥିବା ଭୋଟରଙ୍କ ସଂଖ୍ୟା କମ୍ ହୋଇପାରେ କିନ୍ତୁ ବିଜେପିକୁ ଏହା ଏକ ଧକ୍କା ଥିଲା। ଏହି ଅପ୍ରତ୍ୟାସିତ ଧକ୍କାର ବିଶ୍ଳେଷଣ କଲେ ସମ୍ବିଧାନ ହିଁ କାରକ ବୋଲି ସ୍ପଷ୍ଟ।

ନିର୍ବାଚନ ପରେ ବିଜେପିର ଫଳାଫଳକୁ ନେଇ କରାଯାଇଥିବା ସମୀକ୍ଷାରେ ମଧ୍ୟ ଏକଥା ଆଲୋଚନା କରାଯାଇଥିଲା। ଯଦି ୨୦୨୪ ନିର୍ବାଚନ "ଇଣ୍ଡିଆ ସାଇନିଙ୍ଗ"କୁ ଖାରଜ କରିଦେଇଛି ବୋଲି କହିବା ତେବେ ୨୦୨୪କୁ ସମ୍ବିଧାନ ବଦଳାଇବାର ପ୍ରସ୍ତାବକୁ ଖାରଜ କରି ଦିଆଯାଇଥିବା ବର୍ଷ ଭାବେ ମଧ୍ୟ ଦେଖାଯାଇପାରେ। ଏଇଥିପାଇଁ ସମ୍ବିଧାନ ସହ ଜଡିତ ଆଲୋଚନା/ତର୍ଜମା ନିର୍ବାଚନ ପରେ ମଧ୍ୟ ଜାରି ରହିଛି। ସଂସଦର ଉଭୟ ସଦନ (ଲୋକସଭା ଓ ରାଜ୍ୟ ସଭା)ରେ ସମ୍ବିଧାନକୁ ନେଇ ପ୍ରଶ୍ନ ଉଠିଛି। ଶାସକ ଦଳ ଏଥିରୁ ବୁଝିଯାଇଛି ସମ୍ବିଧାନ ଉପରେ ଆକ୍ରମଣ ରାଜନୈତିକ ପରିଦୃଷ୍ୟରେ ମହଙ୍ଗା ପଡ଼ିପାରେ। ମନରେ ଯାହାବି ଥାଉ ନା କାହିଁକି ଶାସକ ସମ୍ବିଧାନ ଆଗରେ ନଇଁବାକୁ ବାଧ୍ୟ। ଅନ୍ୟ ପକ୍ଷରେ ବିରୋଧି ମାନେ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ସମ୍ବିଧାନକୁ ମୁଖ୍ୟ ପ୍ରତୀକ ଭାବରେ ବ୍ୟବହାର କଲେ। ଜାତିଭିତ୍ତିକ ଜନଗଣନାର ଦାବି ହେଉ ବା ସଂରକ୍ଷଣରେ ବର୍ଗୀକରଣ ପ୍ରସଙ୍ଗ ହେଉ, ଇଭିଏମ୍ ର ବିରୋଧ ହେଉ ବା ଆଦାନୀ ପ୍ରସଙ୍ଗ ହେଉ ଏବେ ସବୁ ପ୍ରଶ୍ନ ସମ୍ବିଧାନ ସହ ଯୋଡି ହୋଇ ଯାଉଛି। ସମ୍ବିଧାନକୁ ନେଇ ଆଲୋଚନା କେବଳ ଶାସକ ଓ ବିରୋଧିଙ୍କ ମଧ୍ୟରେ ସିମୀତ ହୋଇ ରହିନାହିଁ। ଦେଶର ଅନେକ ସଂଗଠନ ଏବଂ ବ୍ୟକ୍ତିବିଶେଷ ସମ୍ବିଧାନ ବଞ୍ଚାଅ ପ୍ରସଙ୍ଗର ଅଂଶ ପାଲଟିଗଲେଣି। ସମ୍ବିଧାନ ପୁସ୍ତକ ହାତରେ ଧରିଥିôବା ରାହୁଳ ଗାନ୍ଧୀଙ୍କ ଫଟୋ ୨୦୨୪ର ବର୍ଷର ଛବି ଭାବରେ ମଧ୍ୟ ମନେ ରହିବ।

ଆଶା କରାଯାଉଛି ୨୦୨୫ରେ ସମ୍ବିଧାନକୁ ନେଇ ରାଜନୀତି ଚାଲିବ ଏବଂ ଚାଲିବା ଉଚିତ୍ ମଧ୍ୟ। କିନ୍ତୁ ବିତିଯାଇଥିବା ବର୍ଷ ୨୦୨୪ ଆଲୋଚନା ୩ଟି ଶିକ୍ଷା ଦେଇଛି। ପ୍ରଥମଟି ହେଉଛି ସବୁବେଳେ ସମ୍ବିଧାନ ବଞ୍ଚାଅ ସ୍ଲୋଗାନ ଦେଇ ବିରୋଧି ବିଜେପିକୁ ନିର୍ବାଚନରେ ହରାଇ ପାରିବେ ନାହିଁ। ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରୁ ଏକଥା ସାବ୍ୟସ୍ତ ହୋଇ ଯାଇଛି। ଗୋଟିଏ କଥାକୁ ବାରମ୍ବାର ଦୋହରାଇଲେ ତାର ଗୁରୁତ୍ୱ କମିଯାଏ କଥା ସତ୍ୟ ପାଲଟିଛି। ଦ୍ୱିତୀୟ ହେଉଛି ସମ୍ବିଧାନକୁ ପ୍ରସଙ୍ଗ କରି ହୋହାଲ୍ଲା କଲେ ଚଳିବ ନାହିଁ ବରଂ ସମ୍ବିଧାନର ଆଦର୍ଶକୁ ଅନ୍ତିମ ବ୍ୟାକ୍ତିର ସୁଖ ଦୁଃଖ ସହ ଯୋଡିବାକୁ ହେବ। ମହିଳା, ଗରୀବ, ଦଳିତ, ଆଦିବାସୀ, ସଂଖ୍ୟା ଲଘୁଙ୍କ ଆକାଂକ୍ଷା ସହ ସମ୍ବିଧାନକୁ ଯୋଡିବାକୁ ହେବ। ତୃତୀୟ ହେଉଛି ସମ୍ବିଧାନକୁ ଏକ ଦସ୍ତାବେଜରେ ସିମୀତ ରଖିବା ଠିକ୍ ନୁହେଁ। ସମ୍ବିଧାନ ଏକ ଦସ୍ତାବେଜ ନୁହେଁ। ଏହା ଏକ ଦର୍ଶନ ଅଟେ, ଭାରତର ଭବିଷ୍ୟତର ମାର୍ଗଦର୍ଶକ। ସମ୍ବିଧାନ ବଞ୍ଚାଅ ସ୍ଲୋଗାନକୁ ଭାରତର ସ୍ୱଧର୍ମକୁ ବଞ୍ଚାଇବା ପାଇଁ ଲଢ଼େଇରେ ପରିବର୍ତ୍ତନ କରାଯିବା ଉଚିତ୍।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪



# ନୂତନ ବର୍ଷର ଆଧ୍ୟାତ୍ମିକ ବାର୍ତ୍ତା



## ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଟ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ୍ୟ ଅତି ସଂକ୍ଷିପ୍ତ। ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ। ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ। କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ। ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯ୍ୟାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ। ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି। ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡ଼ିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡ଼ିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡ଼ିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ। ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି। ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା, ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ '

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି। ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭିର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି।ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି।ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ। ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ। ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି। ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଟ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି। ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି। ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ। ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା

ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ। ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା।

ଗୋପାଳପୁର, ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

# ବର୍ଷ ଶେଷର ଖୁସି



## ଦିପ୍ତିମୟୀ ନାୟକ

ଯେତେବେଳେ ବର୍ଷ ସରି ସରି ଆସେ ସେତେବେଳେ ଅନେକ କଥା ମନକୁ ମନ ଆପେ ଆପେ ଚାଲିଆସେ। କାରଣ କିଛି ଜଣ ଏହି ବର୍ଷଟିକୁ ଖରାପ କହୁଥିବାବେଳେ ଆଉ କିଛି ଜଣ ଭଲ କହିଥାନ୍ତି। ସତ କହିବାକୁ ଗଲେ ୨୦୨୪କୁ ଯିଏ ଯେମିତି ଅନୁଭବ କରିଥାନ୍ତି ସେମିତି କହିଥାନ୍ତି। ଏହି ୨୦୨୪ କେବେ କାହାକୁ ସଫଳତା ଦିଗକୁ ଟାଣି ନେଇଛି ତ ପୁଣି ଆଉ କେବେ କାହାକୁ ଅଶାନ୍ତ ଦୁଃଖର ସାଗର ଭିତରକୁ ଠେଲି ଦେଇଛି। ତେବେ ସୁଖ ଦୁଃଖ ସଂସାର ଭିତରେ ଏସବୁ ଗୋଟେ ଗୋଟେ ସାଧାରଣ କଥା। କାରଣ ଆଜିର ମଣିଷ ବୁଝିଯାଇଛି ଦୁଃଖରେ ରହି କେମିତି ହସିବାକୁ ପଡେ। ହୁଏତ କିଛି ଲୋକ ନିଜକୁ ଦୁର୍ବଳ ଭାବନ୍ତି ହେଲେ ସେହି ଦୁର୍ବଳତା ହିଁ ସେମାନଙ୍କୁ ଅନେକ ସମୟରେ ଅନେକ କଷ୍ଟ ଦେଇଥାଏ। ତେବେ ସମୟର ତାଳେ ତାଳେ ଅଭୁଲା ଦିନ ସବୁ ମନେ ରୁହେ। ଦୁଃଖ ଭିତରେ ଅନେକ ଯନ୍ତ୍ରଣା ଲୁଚି ରହିଥାଏ। କେବେ ସେ ନିଜ ଆତ୍ମୀୟଙ୍କୁ ହରାଇ ବିକଳ ହୋଇ ଚିତ୍କାର କରୁଥାଏ ତ ଆଉ କେତେବେଳେ କେଉଁ ମୁହୂର୍ତ୍ତର ସୁଖକୁ ଅନୁଭବ କରି ସବୁ ଦୁଃଖ ଦୂର ହୋଇଗଲା କହି ଖୁସିରେ ହସିଦେଉଥାଏ। କିନ୍ତୁ କଷ୍ଟ ସରିନଥାଏ ହେଲେ ପୁଣି ନୂଆବର୍ଷକୁ ଅପେକ୍ଷା ଥାଏ। କାଳେ କିଛି ଭାଗ୍ୟର ପରିବର୍ତ୍ତନ ହୋଇଯିବକି। ଯଦିଓ ଆଉ କେଇଟା ଦିନରେ ବର୍ଷ ଶେଷ




ହୋଇଯିବ କିନ୍ତୁ ଏହି ମଣିଷର କିଛି ନୂଆ ଆଶାକୁ ନେଇ ଅପେକ୍ଷା ରହିଯିବ। କାରଣ ପ୍ରତ୍ୟେକ ମଣିଷ ଚାହାଁନ୍ତି ନିଜର ସଫଳତା। ଆଉ ଏହି ସଫଳତା ସେତେବେଳେ ମିଳିବ ଯେତେବେଳେ ଏହି ଦୁଃଖ ହିଁ ମଣିଷକୁ ଜୀବନ ଜିଇଁବା ଶିଖେଇଦେବ। ତେବେ ଆପଣ ଭାବୁଥିବେ ଦୁଃଖ କିଭଳି ଜୀବନ ଜିଇଁବା ଶିଖେଇବ କାରଣ ସଫଳତା ପାଇବାକୁ ହେଲେ ମଣିଷକୁ ସର୍ବପ୍ରଥମେ କଷ୍ଟ କରିବାକୁ ପଡିବ। ତେବେ କଷ୍ଟ କରିଦେଲେ କେବଳ ହେବନି କାହିଁକି ନା ଅନେକ ସମୟରେ ନିଜ ପରିଶ୍ରମ ମଧ୍ୟ ନିଜ ସାଥ ଦିଏନି ଯେତେବେଳେ ନିଜ ମାନସିକ ସ୍ଥିତି ଠିକ ରୁହେନି। ଏହି ମଣିଷର ମାନସିକ ସ୍ଥିତି ସେତେବେଳେ ଠିକ ରହିବ ଯେତେବେଳେ ଏହି ମଣିଷ ମାନସିକ ଚିନ୍ତାରୁ ମୁକ୍ତି ପାଇବ। ଯେଉଁଠି ମାନସିକ ଚିନ୍ତାରୁ ମୁକ୍ତି ନଥାଏ ସେଠି ସଫଳତା ନଥାଏ।

ତେବେ ବର୍ଷ ଶେଷର ଖୁସି ମନାନ୍ତୁ। ନିଜ ଆତ୍ମୀୟ ମାନଙ୍କ ସହ ସମୟ ବିତାନ୍ତୁ। ସବୁବେଳେ ନିଜ ମାନସିକ ଚିନ୍ତାରୁ ଦୂରେଇ ରୁହନ୍ତୁ। ନୂଆ ଆଶା, ନୂଆ ଅପେକ୍ଷା, ନୂଆ ସୁଯୋଗ, ନୂଆ ଚିନ୍ତାଧାରାକୁ ନେଇ ସବୁବେଳେ ନିଜ ଦିନ ଆରମ୍ଭ କରନ୍ତୁ। ହୁଏତ ସମୟର ପରିବର୍ତ୍ତନ ହେବ କିନ୍ତୁ ସ୍ମୃତି ସବୁବେଳେ ନୂଆ ରହିବ। ଆମେମାନେ ଏବେ ଏୟା ଭାବିବା ଉଚିତ ଯେ, ହୁଏତ ବର୍ଷ ସରୁଛି କିନ୍ତୁ ଖୁସି ସରୁନି।

ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

### ରାହୁଲଙ୍କ ଅଭିଯୋଗର କଡ଼ା ଜବାବ ଦେଲେ ହରଦୀପ

# ନରସିଂହ ରାଓଙ୍କୁ କଂଗ୍ରେସ ଉପଯୁକ୍ତ ସମ୍ମାନ ଦେଇ ନ ଥିଲା

## ୧୯୮୪ ଶିଖ ବିରୋଧୀ ଦଙ୍ଗାରେ କଂଗ୍ରେସ ସମ୍ପୃକ୍ତ ଥିଲା





**ନୂଆଦିଲ୍ଲୀ,୨୯।୧୨:** ବିଜେପି ଜଣେ ପୂର୍ବତନ ଶିଖ ପ୍ରଧାନମନ୍ତ୍ରୀଙ୍କୁ ଅପମାନିତ କରିଛି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଅଭିଯୋଗର କଡ଼ା ଜବାବ ଦେଇଛି ବିଜେପି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରି କଂଗ୍ରେସକୁ ୧୯୮୪ ଶିଖ ବିରୋଧୀ ଦଙ୍ଗା ସମ୍ପର୍କରେ ମନେ ପକାଇ ଦେଇଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଶେଷ କୃତ୍ୟ ବେଳେ ଅବ୍ୟସ୍ଥା ଅଭିଯୋଗ କରି ରାହୁଲ ଏହି ମନ୍ତବ୍ୟ ଦେଇଥିଲେ। ଏହାର ଜବାବ ଦେଇ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରି କହିଛନ୍ତି ଯେ, ୧୯୮୪ରେ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଯେଉଁ ଶିଖ ବିରୋଧୀ ଦଙ୍ଗା ହୋଇଥିଲା ସେଥିରେ ହଜାର ହଜାର ନିରୀହ ଶିଖ ଧର୍ମାବଲମ୍ବୀଙ୍କ ଜୀବନ ଯାଇଥିଲା। ଅନେକ ମହିଳା ଓ ଶିଶୁ ମଧ୍ୟ ପ୍ରାଣ ହରାଇଥିଲେ। ଏଥିରେ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ଥିଲା। ୨୦୦୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓଙ୍କ ପରଲୋକ ବେଳେ କଂଗ୍ରେସ କିପରି ତାଙ୍କୁ ଅସମ୍ମାନିତ କରିଥିଲା ସେ ସମ୍ପର୍କରେ ମଧ୍ୟ ହରଦୀପ ମନେ ପକାଇ ଦେଇଛନ୍ତି। ମନମୋହନଙ୍କୁ ସମ୍ମାନୀତ କରିବାରେ ବିଜେପି ବା ନରେନ୍ଦ୍ର ମୋଦି ସରକାର କେବେ ବି ଅବହେଳା କରି ନାହାଁନ୍ତି। ତାଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଛି ଏବଂ ତାଙ୍କ ସ୍ମୃତିପୀଠ ଲାଗି କେନ୍ଦ୍ର ସରକାର ସ୍ଥାନ ଚିହ୍ନଟ କରିଛନ୍ତି ବୋଲି ସେ କହିଛନ୍ତି। ଡକ୍ଟର ମନମୋହନ ସିଂହଙ୍କ ଦେହାନ୍ତ ପରଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟ ବୈଠକ ଡାକି ଶୋକ ପ୍ରସ୍ତାବ ଗୃହୀତ କରାଇଥିଲେ। ମୋଦି ସରକାରଙ୍କ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓ ଏବଂ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁକାର୍ଜୀଙ୍କ ଭାରତ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି। କିନ୍ତୁ କଂଗ୍ରେସ ପି ଭି ନରସିଂହ ରାଓଙ୍କ ମରଶରୀରକୁ ମଧ୍ୟ ଏଆଇସିସି ମୁଖ୍ୟାଳୟକୁ ଆସିବା ଲାଗି ଅନୁମତି ଦେଇନଥିଲା। ତାଙ୍କ ବିୟୋଗରେ କଂଗ୍ରେସ କାର୍ଯ୍ୟକାରୀ କମିଟି ପକ୍ଷରୁ ଶୋକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇନଥିଲା। ମନମୋହନଙ୍କ ଚିତା ଭସ୍ମ ବିସର୍ଜନ ବେଳେ କଂଗ୍ରେସର ଜଣେ ହେଲେ କେହି ଉପସ୍ଥିତ ନଥିଲେ।

# ଯମୁନାରେ ହେଲା ମନମୋହନଙ୍କ ଅସ୍ଥି ବିସର୍ଜନ



**ନୂଆଦିଲ୍ଲୀ, ୨୯।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର ଗତଶନିବାର ସକାଳେ ଦିଲ୍ଲୀର ନିଗମବୋଧ ଘାଟରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ ସମ୍ପନ୍ନ ହୋଇଯାଇଛି। ମନମୋହନଙ୍କ ଚିତାରେ ତାଙ୍କ ବଡ଼ଝିଅ ଉପିନ୍ଦର ସିଂହ ମୁଖାଗ୍ନି ଦେଇଥିଲେ। ରବିବାର ଡିସେମ୍ବର ୨୯ ତାରିଖରେ ଯମୁନା ନଦୀ କୂଳରେ ସିଂହଙ୍କ ଅସ୍ଥିର ବିସର୍ଜନ କରାଯାଇଛି। ଏହାର ଏକ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯାହାକୁ ଦେଖି ଦେଶବାସୀ ଭାବୁକ ହୋଇଯାଉଛନ୍ତି। ଦିଲ୍ଲୀର ନିଗମବୋଧ ଘାଟରେ ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂହ, ବିଜେପି ସଭାପତି ଜେପି ନଡ୍ଡା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ବହୁ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଭୁଟାନର ରାଜା ଜିଗ୍ମେ ଓ୍ୱାଙ୍ଗଚୁକ୍ ଏବଂ ମରିସସ୍ର ବୈଦେଶିକ ମନ୍ତ୍ରୀଙ୍କ ଭଳି ବିଦେଶୀ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର ସମୟରେ ଦିଲ୍ଲୀର ନିଗମବୋଧ ଘାଟରେ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଶୋକ ପାଳନକୁ ଅବଜ୍ଞା

## ଛାତ୍ରୀମାନଙ୍କ ସହ ମିଶି ଝୁମିଲେ ଶିକ୍ଷୟିତ୍ରୀ

**ନୂଆଦିଲ୍ଲୀ, ୨୯।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ପରଲୋକରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ।ଗତକାଲି ଦିଲ୍ଲୀର ନିଗମବୋଧ ଘାଟରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ ଡ. ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଯାଇଛି। ମନମୋହନଙ୍କ ବିୟୋଗରେ ଜାନୁଆରି ପହିଲା ପର୍ଯ୍ୟନ୍ତ କେନ୍ଦ୍ର ସରକାର ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଏହି ସମୟରେ ସାରା ଦେଶରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ ବୋଲି ସୂଚିତ କରାଯାଇଛି। ଏଭଳି ସମୟରେ ମଧ୍ୟପ୍ରଦେଶର ଏକ ସ୍କୁଲରୁ ଶିକ୍ଷୟିତ୍ରୀ ଓ କିଛି ଛାତ୍ରୀମାନେ ମିଶି ନୃତ୍ୟ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ନେଇ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରଯାଉଛି। ଭାଇରାଲ ହୋଇଥିବା ଭିଡିଓରେ କସ୍ତୁରବା ଗାନ୍ଧି କନ୍ୟା ବିଦ୍ୟାଳୟର ହଷ୍ଟେଲରେ ଶିକ୍ଷୟିତ୍ରୀମାନଙ୍କୁ ଛାତ୍ରୀମାନଙ୍କ ସହ ମିଶି ନାଚୁଥିବା ଦେଖିବାକୁ ମିଳୁଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଣ ଦର୍ଶାଅ ନୋଟିସ ଜାରି କରିଛି। ଉତ୍ତର ଆସିବା ପରେ ଦୋଷୀଙ୍କ ବିରୋଧରେ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସ୍ଥିର କରାଯିବ।

## ଗଞ୍ଜେଇ ସହ ଧରାପଡ଼ିଲେ ବିଧାୟିକାଙ୍କ ପୁଅ

**କୋଚି, ୨୯।୧୨:** ଗଞ୍ଜେଇ ସହ ଧରାପଡିଲେ ବିଧାୟକଙ୍କ ପୁଅ। ଗଞ୍ଜେଇ ରଖିବା ଅଭିଯୋଗରେ କେରଳରେ ପୁଲିସ ବିଧାୟକଙ୍କ ପୁଅ ସମେତ ୯ ଜଣଙ୍କୁ ଗିରଫ କରିଥିଲା। ତେବେ ବର୍ତ୍ତମାନ ତାଙ୍କ ପୁଅ ଗଞ୍ଜେଇ ସହିତ ଗିରଫ ହୋଇଥିବା ଖବରକୁ ବିଧାୟିକା ୟୁ ପ୍ରତିଭା ଖଣ୍ଡନ କରିଛନ୍ତି। ତାଙ୍କ ପୁଅକୁ ଗଞ୍ଜେଇ ସହ ଗିରଫ କରାଯାଇନଥିବା ସେ କହିଛନ୍ତି। ସୋସିଆଲ ମିଡିଆରେ ତାଙ୍କ ପୁଅ ମଧ୍ୟ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। କେରଳର କାୟମକୁଲମ ନିର୍ବାଚନ ମଣ୍ଡଳିର ବିଧାୟିକା ୟୁ ପ୍ରତିଭା ଫେସବୁକ ଲାଇଭରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ସାଙ୍ଗସାଥୀଙ୍କ ସହ ବସିଥିବା ବେଳେ ଅବକାରୀ ବିଭାଗର ଅଧିକାରୀମାନେ ଆସି ତାଙ୍କୁ ପଚରାଉଚରା କରିଥିଲେ। କିନ୍ତୁ ଖବର ଆସିଲା ଯେ ମୋ ପୁଅକୁ କୁଆଡେ ଗଞ୍ଜେଇ ସହ ଧରାପଡିଛି। ସେ ଆହୁରି କହିଛନ୍ତି, ଯଦି ଏହି ଖବର ସତ ତେବେ ମୁଁ କ୍ଷମା ମାଗିବାକୁ ପ୍ରସ୍ତୁତ। ଯଦି ଏହା ସତ ନୁହେଁ ତେବେ ଗଣମାଧ୍ୟମ ସର୍ବସାଧାରଣରେ କ୍ଷମା ମାଗିବା ଉଚିତ୍। ଗଣମାଧ୍ୟମ ତାଙ୍କୁ ହଇରାଣ କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

## ପର୍ଣ୍ଣ ଫିଲ୍ମ ଦେଖୁଥିଲେ ଶିକ୍ଷକ ଧରାପଡ଼ିବାରୁ ଛାତ୍ରଙ୍କୁ ନିର୍ଦ୍ଧୁମ ପିଟିଲେ

**ଝାନ୍ସି, ୨୯।୧୨:** ସ୍କୁଲ କ୍ଲାସ୍ ରୁମ୍ ଭିତରେ ଅଶ୍ଳୀଳ ଫିଲ୍ମ ଦେଖୁଥିଲେ ଶିକ୍ଷକ। ନିଜ ମୋବାଇଲରେ ଦେଖୁଥିଲେ ପର୍ଣ୍ଣ ଭିଡିଓ। ତେବେ ଏହି ଫିଲ୍ମ ଦେଖିବା ବେଳେ ସେ ଏବେ ଧରାପଡିଛନ୍ତି। ଜଣେ ଛାତ୍ରଙ୍କ ହାବୁଡ଼ରେ ସେ ପଡିଯାଇଛନ୍ତି। ବାସ୍ ଏତିକିରେ ରାଗି ଯାଇ ଛାତ୍ରଙ୍କୁ ନିର୍ଦ୍ଧୁମ ମାଡ଼ ମାରିଛନ୍ତି ଶିକ୍ଷକ। ଏଭଳି କିଛି ଘଟଣା ସାମ୍ନାକୁ ଆସିଛି ଉତ୍ତରପ୍ରଦେଶରୁ। ଉତ୍ତରପ୍ରଦେଶର ଝାନ୍ସି। ଏଠାକାର ଡିଭାଇନ୍ ଲାଇଟ୍ ପବ୍ଲିକ୍ ସ୍କୁଲର ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଜଣେ ୮ ବର୍ଷର ଛାତ୍ରଙ୍କୁ ନିର୍ଦ୍ଧୁମ ମାଡ଼ ମାରିଛନ୍ତି ଶିକ୍ଷକ। ଶ୍ରେଣୀ ଗୃହ ଭିତରେ ଶିକ୍ଷକ ନିଜ ମୋବାଇଲରେ ଅଶ୍ଳୀଳ ଫିଲ୍ମ ଦେଖୁଥିବା ବେଳେ ଛାତ୍ର ଜଣକ ତାଙ୍କୁ ଧରି ନେଇଥିଲେ। ଏହାପରେ ତାଙ୍କୁ ଶିକ୍ଷକ ଜଣକ ରାଗିଯାଇ ମାଡ଼ ମାରିଥିବା ପୀଡିତ ଛାତ୍ରଙ୍କ ବାପା ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ବାପାଙ୍କ କହିବା ମୁତାବକ, ତାଙ୍କ ପୁଅ ସବୁ ଦିନ ଭଳି ଶନିବାର ମଧ୍ୟ ସ୍କୁଲ ଯାଇଥିଲା। ସ୍କୁଲ ଶିକ୍ଷକ କୁଲଦୀପ ଯାଦବ ତାଙ୍କ ମୋବାଇଲରେ ଏକ ଅଶ୍ଳୀଳ ଫିଲ୍ମ ଦେଖୁଥିଲେ। ଏହାକୁ ଦେଖି କ୍ଲାସରୁମ୍ରେ ପିଲାମାନେ କଥାବାର୍ତ୍ତା ହେବା ସହ ହସିବା ଆରମ୍ଭ କରିଥିଲେ। ଏଥିରେ ରାଗି ଶିକ୍ଷକ କୁଲଦୀପ ଯାଦବ ତାଙ୍କ ପୁଅକୁ ନିର୍ଦ୍ଦୟ ଭାବରେ ପିଟିବା ଆରମ୍ଭ କରିଥିଲେ।

## ତୃତୀୟ ଝିଅ ଜନ୍ମ ହେବାରୁ ସ୍ତ୍ରୀକୁ ଜାଳିଦେଲା ସ୍ୱାମୀ

**ମୁମ୍ବାଇ, ୨୯।୧୨:** ଝିଅଟିଏ ଜନ୍ମ ହେଲେ କୁହାଯାଏ ଯେ ଘରକୁ ଲକ୍ଷ୍ମୀ ଆସିଲେ ବୋଲି। ଝିଅମାନେ ଆଜି ପୁଅ ସହ କାନ୍ଧରେ କାନ୍ଧ ମିଶାଇ ଆଗକୁ ବଢ଼ିଲେଣି। ସେମାନେ ପୁଅଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ନିଜ ବାପା-ମା'ଙ୍କୁ ଗର୍ବିତ କରୁଛନ୍ତି। କିନ୍ତୁ ଏବେବି ସମାଜରେ ଏଭଳି କିଛି ଲୋକେ ଅଛନ୍ତି ଯେଉଁମାନେ କି ପୁରୁଣା ମାନସିକତାରେ ଅଟକି ରହିଛନ୍ତି। ଝିଅ ଜନ୍ମକୁ ବରଦାସ୍ତ କରୁନହାନ୍ତି। ସେମାନଙ୍କୁ କେବଳ ପୁଅ ଦରକାର। ଏହି ମାନସିକତା ହେତୁ ସେମାନେ ଯେକୌଣସି ସ୍ତରକୁ ଚାଲି ଯାଉଛନ୍ତି, ଆଉ ଘଟାଉଛନ୍ତି ନାରକୀୟ କାଣ୍ଡ। ମହାରାଷ୍ଟ୍ରର ପରଭଣି ଜିଲ୍ଲାର ଗାଓଁଖେଡ଼ା ଅଞ୍ଚଳ। ଏଠାରେ ଜଣେ ସ୍ୱାମୀ ନିଜ ସ୍ତ୍ରୀକୁ ପେଟ୍ରୋଲ ଢ଼ାଳି ଜୀଅନ୍ତା ଜାଳି ଦେଇଛି। ସ୍ତ୍ରୀ ତୃତୀୟ ଝିଅକୁ ଜନ୍ମ ଦେଇଥିବାରୁ ଜହ୍ଲାଦ ପାଲଟି ଯାଇଛି ସ୍ୱାମୀ। ଡିସେମ୍ବର ୨୬ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଶନିବାର ପୁଲିସ ଏନେଇ ସୂଚନା ଦେଇଛି। ସୂଚନା ମୁତାବକ, ୩୪ ବର୍ଷୀୟ ମୈନା କୁଣ୍ଡଲିକ୍ କାଲେଙ୍କ ପୂର୍ବରୁ ଦୁଇଟି ଝିଅ ଥିଲା। କିଛି ଦିନ ତଳେ ସେ ତୃତୀୟ ଝିଅକୁ ଜନ୍ମ ଦେଇଥିଲେ। ଏହାକୁ ନେଇ ସ୍ୱାମୀ କୁଣ୍ଡଲିକ ଉତ୍ତମ କାଲେ ରାଗି ଯାଇଥିଲେ। ତିନୋଟି ଝିଅ ଜନ୍ମ କରିଥିବାରୁ ସ୍ତ୍ରୀକୁ ସେ ପ୍ରତିଦିନ ଗାଳିଗୁଲଜ କରୁଥିଲେ। କେବଳ ସେତିକି ନୁହେଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଲଗାତର ଝଗଡ଼ା ହେଉଥିଲା। କୁଣ୍ଡଲିକ ଉତ୍ତମ ମୈନାଙ୍କୁ ମାର୍‌ପିଟ୍ ମଧ୍ୟ କରୁଥିଲେ। ତେବେ ଡିସେମ୍ବର ୨୬ ତାରିଖ ରାତିରେ ଏହି ବିବାଦ ବଢ଼ି ଯାଇଥିଲା। କୁଣ୍ଡଲିକ୍ ଉତ୍ତମ ରାଗରେ ସ୍ତ୍ରୀ ମୈନା ଉପରେ ପେଟ୍ରୋଲ ଢ଼ାଳି ଜୀଅନ୍ତା ଜାଳି ଦେଇଥିଲେ। ନିଆଁ ଲାଗିବା ମାତ୍ରେ ମହିଳା ଜଣକ ଚିତ୍କାର କରି ଦୌଡିବାକୁ ଲାଗିଥିଲେ।

# ଆଜି ୧୦ ଘଣ୍ଟିଆ ପଞ୍ଜାବ ବନ୍ଦ



**ଚଣ୍ଡିଗଡ଼, ୨୯।୧୨:** ସରକାରଙ୍କ ପକ୍ଷରୁ ଏମଏସପି ସମେତ ୧୩ ଦଫା ଦାବି ପୂରଣ ନ ହେବାରୁ କୃଷକ ସଂଗଠନ ପକ୍ଷରୁ ଆସନ୍ତାକାଲି ୩୦ ଡିସେମ୍ବରରେ ପଞ୍ଜାବ ବନ୍ଦ କରିବାକୁ ଡାକରା ଦିଆଯାଇଛି। ସୋମବାର ଦିନ ପଞ୍ଜାବ ସକାଳ ୭ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଏହି ଅବଧି ମଧ୍ୟରେ, ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସବୁକିଛି ବନ୍ଦ ରହିବ। ରାସ୍ତା, ରେଳ, ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାକୁ କୃଷକ ନେତାମାନେ ଆହ୍ୱାନ ଦେଇଛନ୍ତି। କୃଷକ ନେତା ସୌରଭ ସିଂ ପନ୍ଧେର ପଞ୍ଜାବ ବନ୍ଦ ଡାକରାକୁ ନିଶ୍ଚିତ କରି କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ସୁପ୍ରିମକୋର୍ଟର ବିଚାରପତିଙ୍କୁ ଚିଠି ଲେଖିଛନ୍ତି, କିନ୍ତୁ ସେମାନଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ତେଣୁ ପଞ୍ଜାବ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ୟୁନାଇଟେଡ୍ କିସାନ୍ ମୋର୍ଚ୍ଚା ଦ୍ୱାରା ପଞ୍ଜାବ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ସଫଳ ହେବାରେ ସହଯୋଗ କରିବାକୁ ପଞ୍ଜାବର କୃଷକମାନଙ୍କୁ କୃଷକ ନେତା ନିବେଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଜାବ ପ୍ରଦେଶ କଂଗ୍ରେସର କୃଷକ ସେଲ୍ ଏହି ବନ୍ଦକୁ ସମର୍ଥନ କରିଛି। ଦଳର ସଭାପତି କିରଣଜିତ ସିଂ ମିଠା ଏହାକୁ ନିଶ୍ଚିତ କରିଛନ୍ତି। ପଞ୍ଜାବ ବନ୍ଦ ନେଇ ଗତ ସପ୍ତାହରେ ୟୁନାଇଟେଡ୍ କିସାନ୍ ମୋର୍ଚ୍ଚା (ଅଣ-ରାଜନୈତିକ) ଏବଂ କିସାନ୍ ମଜଦୁର ମୋର୍ଚ୍ଚା ପକ୍ଷରୁ ଡାକରା ଦିଆଯାଇଥିଲା। ସରୱନ ସିଂ ପାନ୍ଧେରର ଖାନୌରି ସୀମାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୌରଭ ସିଂ ଘୋଷଣା କରିଛନ୍ତି ଯେ, ପଞ୍ଜାବ ବନ୍ଦ ଡିସେମ୍ବର ୩୦ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଦିନ ସମ୍ପୂର୍ଣ୍ଣ ବନ୍ଦ ହେବ, କିନ୍ତୁ ଜରୁରୀକାଳୀନ ସେବା କାର୍ଯ୍ୟକ୍ଷମ ରହିବ। ବ୍ୟବସାୟୀ, ପରିବହନକାରୀ, କର୍ମଚାରୀ ୟୁନିଅନ୍, ଟୋଲ୍ ପ୍ଲାଜା କର୍ମଚାରୀ, ଶ୍ରମିକ, ପୂର୍ବତନ ସେବାୟତ, ସରପଞ୍ଚ, ଶିକ୍ଷକ ସଂଘ, ସାମାଜିକ ସଂଗଠନ, ନିଗମ ଏବଂ ସଂସ୍ଥା ପ୍ରଭୃତିଙ୍କୁ ପଞ୍ଜାବ ବନ୍ଦକୁ ସମର୍ଥନ ଜଣାଇବାକୁ ଏବଂ ଏହାକୁ ସଫଳ କରିବାକୁ ନିବେଦନ କରାଯାଇଛି। ଏହି ବନ୍ଦ କେନ୍ଦ୍ର ସରକାରଙ୍କୁ ଚାଷୀଙ୍କ ଦାବି ଗ୍ରହଣ କରିବାକୁ ବାଧ୍ୟ କରିବ। କେନ୍ଦ୍ର ସରକାର ଚାଷୀଙ୍କ ଦାବିକୁ ଗ୍ରହଣ କରିବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କୃଷକମାନେ ଆସନ୍ତା ଡିସେମ୍ବର ୩୦ ସୋମବାର ଦିନ ପଞ୍ଜାବର ସମସ୍ତ ବିଦ୍ୟାଳୟ, କଲେଜ, ସଡ଼କପଥ ବସ୍, ଦୋକାନ, ଶିକ୍ଷାନୁଷ୍ଠାନ, ରେଳ ସେବା, କାର୍ଯ୍ୟାଳୟ, ସରକାରୀ କାର୍ଯ୍ୟାଳୟ ବନ୍ଦ କରିବେ। ଜରୁରୀକାଳୀନ ସେବା ଜାରି ରହିବ ଏବଂ ଆମ୍ବୁଲାନ୍ସ ମଧ୍ୟ ବନ୍ଦ ହେବ ନାହିଁ। ଔଷଧ ଦୋକାନଗୁଡ଼ିକ ଖୋଲା ରହିବ। ବିମାନ ବନ୍ଦରରୁ ବିମାନ ଚଳାଚଳ ଜାରି ରହିବ। ବିବାହ ଉତ୍ସବରେ ବରକନ୍ୟାଙ୍କୁ ଅଟକାଯିବ ନାହିଁ। ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କୁ ବାରଣ କରାଯିବ ନାହିଁ।

### କଂଗ୍ରେସକୁ ନରସିଂହ ରାଓଙ୍କ ଭାଇ କଲେ ସମାଲୋଚନା

## ଦୁଇ ଗଜ ଜମି ବି ଦେଇ ନ ଥିଲା କଂଗ୍ରେସ

**ନୂଆଦିଲ୍ଲୀ, ୨୯।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଅନ୍ତେଷ୍ଟି ଉପରେ ପ୍ରଶ୍ନ ଉଠାଇ କଂଗ୍ରେସ ନିଜ ଜାଲରେ ନିଜେ ଫସିଯିବା ଭଳି ଲାଗୁଛି । ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜିଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜି କଂଗ୍ରେସକୁ ଟାର୍ଗେଟ କରିବା ପରେ ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହରାଓଙ୍କ ପରିବାର ଲୋକେ ବି କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କ ଭାଇ ମନୋହର ରାଓ କହିଛନ୍ତି ଯେ କଂଗ୍ରେସ ୨୦ ବର୍ଷ ପଛକୁ ଚାହିଁ ଦେଖିବା ଉଚିତ ଯେ ସେମାନେ ସେମାନଙ୍କ ନେତା ପିଭି ନରସିଂହ ରାଓଙ୍କୁ କେତେ ସମ୍ମାନ ଦେଇଥିଲେ। ଏପରିକି କଂଗ୍ରେସ ତାଙ୍କୁ ଦୁଇ ଗଜ ଜମି ଦେଇନଥିଲା କି ତାଙ୍କ ପାଇଁ ଗୋଟିଏ ବି ପ୍ରତିମୂର୍ତ୍ତି ନିର୍ମାଣ କରିନଥିଲା କି ତାଙ୍କୁ ଭାରତ ରତ୍ନ ମଧ୍ୟ ଦେଇନଥିଲା। ଏପରିକି ସୋନିଆ ଗାନ୍ଧି ମଧ୍ୟ ତାଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇନଥିଲେ। ମନୋହର ରାଓ କହିଛନ୍ତି ଯେ ନରସିଂହ ରାଓଙ୍କ ପାଇଁ କଂଗ୍ରେସ ଦଳୀୟ କାର୍ଯ୍ୟାଳୟର ତାଲା ମଧ୍ୟ ଖୋଲିନଥିଲା। ମନମୋହନ ସିଂହଙ୍କ ସ୍ମାରକୀ ପାଇଁ ବିଜେପି ନିଶ୍ଚିତ ଭାବେ ଜମି ଦେବ। କିଛି ଔପଚାରିକତା ରହିଛି, ଯାହାକୁ କଂଗ୍ରେସକୁ ପୂରଣ କରିବାକୁ ପଡ଼ିବ। ସ୍ମାରକୀ ପାଇଁ ବିଜେପି ନିଶ୍ଚିତ ଭାବେ ଜମି ଦେବ। ନରସିଂହ ରାଓ ଓ ମନମୋହନ ସିଂହଙ୍କ ଯୋଡ଼ି ଗୁରୁ-ଶିଷ୍ୟଙ୍କ ଯୋଡ଼ି ବୋଲି ସେ କହିଛନ୍ତି।

### ପୁଣି ବିମାନ ଦୁର୍ଘଟଣା

# ଲ୍ୟାଣ୍ଡିଂ ବେଳେ ଲାଗିଲା ନିଆଁ

**ଟରଣ୍ଟୋ, ୨୯।୧୨:** ପୁଣି ଦୁର୍ଘଟଣାଗ୍ରସ୍ତ ହେଲା ଆଉ ଏକ ବିମାନ। ଲ୍ୟାଣ୍ଡିଂ ବେଳେ ହୁ ହୁ ହୋଇ ଜଳିଗଲା। ତେବେ ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ। ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର କିଛି ସମୟ ପରେ ଏଭଳି କିଛି ଭୟଙ୍କର ଦୁର୍ଘଟଣା ଘଟିଛି କାନାଡାରେ। ଏହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହଲିଫାକ୍ସ ବିମାନ ବନ୍ଦରରେ ଅବତରଣ କରିବା ସମୟରେ ଏକ ଏୟାର କାନାଡା ବିମାନରେ ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁଯାୟୀ ବିମାନଟି ଏୟାରପୋର୍ଟରେ ଲ୍ୟାଣ୍ଡ କରିବା ବେଳେ ରନୱେରୁ ଖସି ପଡିଥିଲା। ଏହି କାରଣରୁ ଲ୍ୟାଣ୍ଡିଂ ଗିଅର ଭାଙ୍ଗି ଯାଇଥିଲା। ଏହାର କିଛି ସମୟ ପରେ ଦେଖୁ ଦେଖୁ ବିମାନରେ ନିଆଁ ଲାଗି ଯାଇଥିଲା। ତେବେ ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କେହି ମୃତାହାତ ହୋଇନହାନ୍ତି। ଏହି ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ରନ୍‌ଓ୍ୱେରେ ଲ୍ୟାଣ୍ଡ ବେଳେ ବିମାନର ପଙ୍ଖାଗୁଡିକ ତଳେ ଘୋଷାରି ହେଉଛି। ଏହାପରେ ଏଥିରେ ଅଗ୍ନିକାଣ୍ଡ ଘଟୁଛି। ଅନ୍ୟ ଏକ ଭିଡିଓରେ ବିମାନ ଭିତରର ଦୃଶ୍ୟ ସାମ୍ନାକୁ ଆସିଛି। ଏଥିରେ ଯାତ୍ରୀମାନେ ଭୟଭୀତ ଥିବା ଦେଖିବାକୁ ମିଳିଛି। କୁହାଯାଉଛି ଯେ ଏହି ବିମାନଟି ପାଲ୍ ଏୟାରଲାଇନ୍ସର, ଯାହା ସେଣ୍ଟ ଜନ୍ ଏବଂ ହଲିଫାକ୍ସ ମଧ୍ୟରେ ଏୟାର କାନାଡା ବିମାନ AC2259 ଉଡାଣ ଭରିଥିଲା। ଏହାର କିଛି ଘଣ୍ଟା ପୂର୍ବରୁ, ରବିବାର ଦିନ, ଦକ୍ଷିଣ କୋରିଆର ମୁଆନ ବିମାନ ବନ୍ଦରରେ ଅବତରଣ କରିବା ପରେ ୧୮୧ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଜେଜୁ ଏୟାର ବିମାନ ବିସ୍ଫୋରଣ ହୋଇଥିଲା। ଏହି ଦୁର୍ଘଟଣାରେ କେବଳ ଦୁଇଜଣ ଲୋକ ବଞ୍ଚିଥିବା ବେଳେ ଅନ୍ୟ ୧୭୯ ଜଣଙ୍କର ମୃତ୍ୟୁ ହୋଇଛି।



# ଭିଡିଓ କନଫରେନ୍ସିଂ ଶୁଣାଣି ନିୟମ ବଦଳିଲା

**ନୂଆଦିଲ୍ଲୀ, ୨୯।୧୨:** ହାଇକୋର୍ଟ ମାମଲାର ଶୁଣାଣି ପାଇଁ ଭିଡିଓ କନଫରେନ୍ସିଂର ନିୟମାବଳୀକୁ ପରିବର୍ତ୍ତନ କରିଛନ୍ତି। ରବିବାର ୨୯ ଡିସେମ୍ବର ଠାରୁ ମହାରାଷ୍ଟ୍ର, ଗୋଆ, ଦାଦ୍ରା ଏବଂ ନାଗର ହାଭେଲି, ଦାମନ ଏବଂ ଡିୟୁରେ ଏହା କାର୍ଯ୍ୟକାରୀ ହୋଇଛି। ଏହି ନୂତନ ନିୟମଗୁଡିକ ହାଇକୋର୍ଟ ଅଫ୍ ବମ୍ବେ ରୁଲ୍ ଭିସି ଫର୍ କୋର୍ଟ-୨୦୨୨ ଭାବରେ ଜଣାଶୁଣା। ଏହି ନୂତନ ନିୟମ ସାଧାରଣ ଲୋକଙ୍କ ପାଇଁ ହାଇକୋର୍ଟର ପ୍ରକ୍ରିୟାରେ ପ୍ରବେଶ କରିବା ସମ୍ଭବ କରିବ, ଅର୍ଥାତ୍ ବର୍ତ୍ତମାନ ସାଧାରଣ ଲୋକମାନେ ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ।

ନୂତନ ନିୟମ ଅନୁଯାୟୀ, ଖୋଲା କୋର୍ଟ ପ୍ରକ୍ରିୟା ହେବ। ସାଧାରଣ ଲୋକଙ୍କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟ ପ୍ରକ୍ରିୟା ଦେଖିବା ପାଇଁ ମଧ୍ୟ ଅନୁମତି ଦିଆଯିବ। କିନ୍ତୁ ଲୋକମାନେ ସେହି ପ୍ରକ୍ରିୟାଗୁଡ଼ିକୁ ଦେଖିପାରିବେ ନାହିଁ ଯେଉଁଗୁଡିକ କେତେକ କାରଣରୁ ବନ୍ଦ ଦ୍ୱାରରେ ରଖିବାକୁ ନିର୍ଦ୍ଦେଶ ଦିଆଯିବ। ତେଣୁ, ଏହି ନିୟମଗୁଡିକ ସେହି ସମସ୍ତ ନ୍ୟାୟିକ ପ୍ରକ୍ରିୟା ପାଇଁ ପ୍ରଯୁଜ୍ୟ ହେବ ଯାହା ଭିଡିଓ କନଫରେନ୍ସିଂ ମାଧ୍ୟମରେ କରାଯିବା ଆବଶ୍ୟକ। ଏହି ଅବଧି ମଧ୍ୟରେ, ପ୍ରକ୍ରିୟା ସମୟରେ କୋର୍ଟରେ ଶାରୀରିକ ଭାବେ ଉପସ୍ଥିତ ରହିବା ଆବଶ୍ୟକ ନୁହେଁ। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ନୂତନ ନିୟମ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ଭାରତରେ ଅଛନ୍ତି, ତେବେ ସେ ନିକଟସ୍ଥ ଜିଲ୍ଲା ଜଜ୍‌ଙ୍କ ଆଗରେ ହାଇକୋର୍ଟରେ ହାଜର ହୋଇପାରିବେ। ଯଦି ଜଣେ ବ୍ୟକ୍ତି ଜେଲ୍‌ରେ ଅଛନ୍ତି, ରିମାଣ୍ଡରେ ଅଛନ୍ତି, ପର୍ଯ୍ୟବେକ୍ଷଣ କକ୍ଷ, ମହିଳା ଉଦ୍ଧାର କେନ୍ଦ୍ର କିମ୍ବା ସରକାରୀ ଡାକ୍ତରଖାନା, ତେବେ ସେ ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଏହି ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହା ବ୍ୟତୀତ, ଲୋକମାନେ କୋର୍ଟର ଅନୁମତି କ୍ରମେ ଅନ୍ୟ କୌଣସି ସ୍ଥାନରୁ ପ୍ରକ୍ରିୟାରେ ମଧ୍ୟ ଅଂଶଗ୍ରହଣ କରିପାରିବେ। ଏହି ନୂତନ ନିୟମ ହାଇକୋର୍ଟର ଶୁଣାଣିର ସୁରକ୍ଷା ଏବଂ ଗୋପନୀୟତାକୁ ମଧ୍ୟ ସୁନିଶ୍ଚିତ କରିବ। ଏହି ନୂତନ ନିୟମ ଅନୁଯାୟୀ ଅନୁଷ୍ଠିତ ସମସ୍ତ ଅନଲାଇନ୍ ଶୁଣାଣିକୁ ସରକାରୀ ଭାବରେ ବିବେଚନା କରାଯିବ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରିବାର ଏହି ନିୟମ ଫ୍ୟାମିଲି କୋର୍ଟ, ଲେବର କୋର୍ଟ, ଇଣ୍ଡଷ୍ଟ୍ରିଆଲ୍ କୋର୍ଟ, ସମବାୟ କୋର୍ଟ, ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ ଏବଂ ସ୍କୁଲ ଟ୍ରିବ୍ୟୁନାଲ ପରି କୋର୍ଟରେ ମଧ୍ୟ ପ୍ରଯୁଜ୍ୟ ହେବ। ନିୟମ ଲାଗୁ କରିବାବେଳେ, ଏହି ସମୟ ମଧ୍ୟରେ ରେକର୍ଡିଂ ଉପରେ ପ୍ରତିବନ୍ଧକ ଲଗାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଥିବା ଲୋକଙ୍କୁ କୋର୍ଟରୁ ସରକାରୀ ପ୍ରମାଣପତ୍ର ପାଇବାକୁ ପଡିବ। ଯଦି ଏହି ସାର୍ଟିଫିକେଟ୍ ଗ୍ରହଣ କରାଯାଇ ନାହିଁ ତେବେ ଏକ ଆଫିଡେଭିଟ୍ ଦେବାକୁ ପଡିବ। ସଂଯୋଜକ ନିଯୁକ୍ତ ହେବେ, ଯେଉଁମାନେ ବୈଷୟିକ ବ୍ୟବସ୍ଥା ପାଇଁ ଦାୟୀ ରହିବେ।

ଶୁଣାଣିରେ ଭାଗ ନେବାକୁ ଇଣ୍ଟରନେଟ୍ ସଂଯୋଗ ସହିତ ଏକ ଡେସ୍କଟପ୍ କିମ୍ବା ଲାପଟପ୍ ଆବଶ୍ୟକ। ଶୁଣାଣିରେ ଯୋଗଦେବାକୁ ଆଗ୍ରହୀ ପ୍ରାର୍ଥୀମାନେ ଶୁଣାଣିର ୩୦ ମିନିଟ୍ ପୂର୍ବରୁ ପ୍ରସ୍ତୁତ ହେବା ଉଚିତ୍। ତାଙ୍କର କୌଣସି ରେକର୍ଡିଂ ଉପକରଣ ରହିବା ଉଚିତ୍ ନୁହେଁ। ବିଦେଶରେ ଥିବା ଲୋକମାନେ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ଏବଂ ଭାରତୀୟ ଦୂତାବାସ ମାଧ୍ୟମରେ ସାକ୍ଷ୍ୟ ଦେଇପାରିବ। ଏହି ଖର୍ଚ୍ଚ ନିଜେ ଆଗ୍ରହୀ ପ୍ରାର୍ଥୀ ବହନ କରିବେ।

# ଚୋରି ବିଦ୍ୟା ପାଇଁ ଖୋଲିଥିଲା ସ୍କୁଲ !

## ତାଲିମ ପରେ ଦିଆଯାଉଥିଲା ଚାକିରି

**ଗୋରଖପୁର, ୨୯।୧୨:** ପେଶା ମୋବାଇଲ ଚୋରି କରିବା। କିନ୍ତୁ ଏଥିପାଇଁ ଦିଆଯାଉଥିଲା ତାଲିମ। ଚୋରି ଶିଖିବା ପରେ ମିଳୁଥିଲା ଚାକିରି। ନିଯୁକ୍ତି ପରେ ଅଫିସ ଭଳି ମିଳୁଥିଲା ଦରମା। କେବଳ ଦରମା ମିଳୁ ନଥିଲା, ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ହେଉଥିବା ଖର୍ଚ୍ଚ ବି ଦିଆଯାଉଥିଲା। ଚୋରିରେ ଯିଏ ଯେତେ ସଫଳତା ହାସଲ କରୁଥିଲେ, ସେହି ଅନୁସାରେ ତାଙ୍କ ଦରମା ବୃଦ୍ଧି ବି ହେଉଥିଲା। ଏପରି ଗୋଟିଏ ମୋବାଇଲ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ଉତ୍ତର ପ୍ରଦେଶର ଗୋରଖପୁରରେ ଏହି ରାକେଟ ଚାଲୁଥିବା ବେଳେ ରେଳବାଇ ପୁଲିସ୍ ଏହାର ସଦସ୍ୟମାନଙ୍କୁ ଗିରଫ କରିଛି। ଗିରଫ କରିବା ପରେ ସେମାନେ ଦେଇଥିବା ତଥ୍ୟ ସମସ୍ତଙ୍କୁ ଚକିତ କରିଛି। ପୁଲିସ୍‌ର କହିବା କଥା ଯେ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ସହରର ବାହାରକୁ ମଧ୍ୟ ପଠାଯାଉଥିଲା। ଏହି ଯାତ୍ରା ପାଇଁ ହେଉଥିବା ଖର୍ଚ୍ଚ ବି ସେମାନେ ପାଉଥିଲେ। ଗାଡ଼ି ଭଡ଼ା ଠାରୁ ଆରମ୍ଭ କରି ଖାଇବା ଖର୍ଚ୍ଚ ଗ୍ୟାଙ୍ଗ ପକ୍ଷରୁ ବହନ କରାଯାଉଥିଲା। ଏହି ଗ୍ୟାଙ୍ଗର କିଙ୍ଗ ପିନ ହେଉଛି ଝାଡ଼ଖଣ୍ଡର ମୂଳବାସିନ୍ଦା ୩୫ ବର୍ଷୀୟ ମନୋଜ ମଣ୍ଡଳ। ତା'ର ଦୁଇ ସହଯୋଗୀ ହେଲେ ୧୯ ବର୍ଷୀୟ କରନ ଓ ୧୫ ବର୍ଷୀୟ ଜଣେ ନାବାଳକ। ଏହି ନାବାଳକ ଜଣଙ୍କ ହେଲା କରନର ଭାଇ। ଏମାନଙ୍କୁ ଶୁକ୍ରବାର ରାତିରେ ଗୋରଖପୁର ପୁଲିସ୍ ଷ୍ଟେସନ ନିକଟରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପୁଲିସ୍ ୪୪ଟି ମୋବାଇଲ ଫୋନ ଜବତ କରିଛି। ଏଗୁଡ଼ିକର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ମନୋଜ ନାଁରେ ପୂର୍ବରୁ ୪ଟି ମାମଲା ରହିଥିବା ବେଳେ କରନ ନାଁରେ ୨ଟି ମାମଲା ରହିଛି। ନାବାଳକର ଅପରାଧିକ ରେକର୍ଡ ସମ୍ପର୍କରେ ପୁଲିସ୍ ଯାଞ୍ଚ କରୁଛି।

ଗୋରଖପୁର ଜିଆରପି ଏସ୍‌ପି ସନ୍ଦୀପ କୁମାର ମୀନା କହିଛନ୍ତି, ଜେରା ବେଳେ ମନୋଜ ଖୁଲାସା କରିଛି ଯେ ସେ ତା'ର ଦୁଇ ସହଯୋଗୀଙ୍କୁ ମାସିକ ୧୫ ହଜାର ଟଙ୍କାଏ ଲେଖାଏ ଦରମା ଦେଇ ନିଜ ପାଖରେ ରଖିଥିଲା। ସେହିପରି ସେମାନେ ବାହାରକୁ ଚୋରି କରିବା ପାଇଁ ଯିବା ବେଳେ ଖାଇବା ଓ ରହିବା ଠାରୁ ଆରମ୍ଭ କରି ଯାତ୍ରା ଖର୍ଚ୍ଚ ମଧ୍ୟ ମନୋଜ ଦେଉଥିଲା। ପ୍ରଥମେ ଛୋଟ ଛୋଟ ଟାର୍ଗେଟକୁ ସଫଳତାର ସହ ପୂରଣ କରୁଥିବା ପିଲାଙ୍କୁ ଗ୍ୟାଙ୍ଗରେ ସାମିଲ କରାଯାଉଥିଲା। ଗ୍ୟାଙ୍ଗର ସଦସ୍ୟମାନେ ଜନଗହଳୀପୂର୍ଣ୍ଣ ସ୍ଥାନ ଓ ରେଳ ଷ୍ଟେସନରୁ ଲୋକଙ୍କ ଠାରୁ ମୋବାଇଲ ଚୋରି କରିବାରେ ବେଶ ମାହିର ଥିଲେ। ଚୋରି ମୋବାଇଲକୁ ଏକାଠି କରାଯିବା ପରେ ସେଗୁଡ଼ିକୁ ଗୋଟିଏ ଉତ୍ପାଦନ ସଂସ୍ଥାକୁ ଦିଆଯାଇଥିଲା। ଉକ୍ତ ସଂସ୍ଥା ଚୋରି ମୋବାଇଲଗୁଡ଼ିକ ବାଂଲାଦେଶ ଓ ନେପାଳ ପଠାଇ ଦିଆଯାଉଥିଲା। ଏହାଦ୍ୱାରା ଚୋରି ମୋବାଇଲଗୁଡ଼ିକୁ ଟ୍ରାକ କରିବା ମଧ୍ୟ ସମ୍ଭବ ହେଉ ନଥିଲା ବୋଲି ମୀନା କହିଛନ୍ତି।

ତାଙ୍କ କହିବା କଥା ଯେ ପୁଲିସ୍ ଗୋଟିଏ ସପ୍ତାହ ଧରି ତଦନ୍ତ କରିବା ପରେ ଗ୍ୟାଙ୍ଗର ପର୍ଦ୍ଦାଫାସ କରିପାରିଛି। ଗ୍ୟାଙ୍ଗର ସଦସ୍ୟମାନଙ୍କ ଗତିବିଧି ଉପରେ ପୁଲିସ ନଜର ରଖିଥିଲା। ୨୦୦ଟି ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ସେମାନଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ କରାଯାଇଥିଲା। ଗିରଫ ୩ ଜଣଙ୍କଠାରୁ ୪୪ଟି ଆଣ୍ଡରଏଡ ଫୋନ ଜବତ ହୋଇଛି। ସେଗୁଡ଼ିକର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ସେହପରି ସେମାନଙ୍କ ନିକଟରୁ ଗୋଟିଏ ଛୁରୀକୁ ମଧ୍ୟ ଜବତ କରାଯାଇଛି।

ଗ୍ୟାଙ୍ଗ କେମିତି କାର୍ଯ୍ୟ କରୁଥିଲା ସେ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୀନା କହିଛନ୍ତି, ଗ୍ୟାଙ୍ଗ ଲିଡର ମନୋଜ ପ୍ରଥମେ ନିଜ ଗାଁ ସାହେବଗଞ୍ଜରେ ଟଙ୍କା ରୋଜଗାର କରିବାକୁ ଚାହୁଁଥିବା ଯୁବକମାନଙ୍କୁ ଠାବ କରୁଥିଲା। ଗ୍ୟାଙ୍ଗର ସଦସ୍ୟମାନଙ୍କୁ ସବୁବେଳେ ଚକାଚକ ଡ୍ରେସ ପିନ୍ଧିବାକୁ କୁହାଯାଉଥିଲା ଓ ଭଲ ଭାବେ ହିନ୍ଦୀ କହିବାକୁ ପଡୁଥିଲା। ଏହାଦ୍ୱାରା ସେମାନଙ୍କ ଉପରେ କେହି ବି ସନ୍ଦେହ କରୁ ନଥିଲେ। ପାଖରେ ରଖିଥିବା ଛୁରୀ ଦ୍ୱାରା ମଧ୍ୟ ସେମାନେ ଲୋକଙ୍କୁ ଭୟଭୀତ କରି ମୋବାଇଲ ଲୁଟ କରୁଥିଲେ। ଛୁରୀ କେମିତି ଚଲାଇବାକୁ ହେବ, ସେଥିପାଇଁ ମଧ୍ୟ ସେମାନଙ୍କୁ ତାଲିମ ଦିଆଯାଇଥିଲା।

# ଭାରତଠାରୁ ଅଷ୍ଟ୍ରେଲିଆ ୩୩୩ ରନ୍‌ରେ ଅଗ୍ରଣୀ



- କ୍ୟାଚ୍ ମିସ ଓ ନୋ ବଲ୍ ପଡ଼ିଲା ମହଙ୍ଗା
- ଭାରତକୁ ଘାଇଲା କଲେ ଲାୟନ-ବୋଲାଣ୍ଡ

**ମେଲବର୍ଣ୍ଣ, ୨୯।୧୨:** ଐତିହାସିକ ମେଲବର୍ଣ୍ଣରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ତଥା ବକ୍ସିଂ ଡେ ଟେଷ୍ଟରେ ସୁଯୋଗ ହାତ ଛଡ଼ା କରିଛି ଟିମ ଇଣ୍ଡିଆ। ୪ର୍ଥ ଦିନରେ ଘରୋଇ ଅଷ୍ଟ୍ରେଲିଆ ଚାପରେ ଥିଲେ ହେଁ ଏହାର ଫାଇଦା ଉଠାଇ ପାରିନାହିଁ ଭାରତ। କ୍ୟାଚ ମିସ୍ ଓ ନୋ ବଲ ଯୋଗୁ ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ ଅଷ୍ଟ୍ରେଲିଆକୁ ବିପଦରୁ ଉଦ୍ଧାର କରିଛନ୍ତି। କଙ୍ଗାରୁ ଟିମ ୧୭୩ ରନରେ ୯ମ ୱିକେଟ ହରାଇଥିଲା। କିନ୍ତୁ ଲାୟନ ଓ ବୋଲାଣ୍ଡ ଶେଷ ୱିକେଟ ପାଇଁ ଅବିଭାଜିତ ୫୫ ରନ ଯୋଡ଼ି ଭାରତ ଠାରୁ ମ୍ୟାଚ୍‌କୁ ବହୁ ଦୂରକୁ ନେଇ ଯାଇଛନ୍ତି।

ଲାୟନ ୫ ରନ କରିଥିବା ବେଳେ ମହମ୍ମଦ ସିରାଜ ନିଜ ବୋଲିଂରେ କ୍ୟାଚ୍ ସୁଯୋଗ ସୃଷ୍ଟି କରିଥିଲେ। ହେଲେ ଏହାକୁ ସେ ନିଜେ ହିଁ ଧରିବାକୁ ସକ୍ଷମ ହୋଇ ନଥିଲେ। ଶେଷରେ ଲାୟନ ଆଜି ଖେଳ ଶେଷ ହେବା ଯାଏ ବ୍ୟକ୍ତିଗତ ଭାବେ ୪୧ ରନରେ ପହଞ୍ଚି ଯାଇଛନ୍ତି। ସେହିପରି ଇନିଂସର ୮୨ତମ ଓଭରରେ ଯଶପ୍ରୀତ ବୁମ୍ରାଙ୍କ ବଲରେ ଲାୟନ ଆଉଟ ହୋଇଥିଲେ। କିନ୍ତୁ ବୁମ୍ରା ନୋ ବଲ ପକାଇଥିବାରୁ ଲାୟନ ପୁଣି ବ୍ୟାଟିଂ କରିଥିଲେ। ଏହି କ୍ୟାଚ ମିସ ଓ ନୋ ବଲ ଭାରତକୁ ବେଶ ମହଙ୍ଗା ପଡ଼ିଛି। ଏହାପୂର୍ବରୁ ଯଶସ୍ୱୀ ଜୈସୱାଲ ମଧ୍ୟ ଲାବୁଶେନଙ୍କ ଦୁଇଟି କ୍ୟାଚ୍ ହାତ ଛଡ଼ା କରିଥିଲେ। ୪ର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ୯ ୱିକେଟ ହରାଇ ୨୨୮ ରନ କରିନେଇଛି। ଏଥିସହ ଲିଡ୍‌କୁ ୩୩୩ ରନରେ ପହଞ୍ଚାଇ ଦେଇଛି। ଭାରତକୁ ଶେଷ ଦିନରେ ଅତି କମରେ ୩୪୦ରୁ ୩୫୦ ରନର ବିଜୟ ଲକ୍ଷ୍ୟ ଅଷ୍ଟ୍ରେଲିଆ ଦେଇପାରେ। କେବଳ ୨୦୨୧ରେ ଗାବାରେ ଯେଉଁଭଳି ଭାବେ ଭାରତ ଶେଷ ଦିନରେ ୩୨୮ ରନର ବିଜୟ ଲକ୍ଷ୍ୟକୁ ଚମତ୍କାର ଢଙ୍ଗରେ ହାସଲ କରିଥିଲା, ଆସନ୍ତାକାଲି ମେଲବର୍ଣ୍ଣରେ ସେମିତି କିଛି କରିବାର ରହିଛି। ଭାରତ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୯ ୱିକେଟ ହରାଇ ୩୫୮ ରନ କରିଥିଲା। ଆଜି ଆଉ ୧୧ ରନ ପରେ ଦଳ ଶେଷ ବ୍ୟାଟର ଭାବେ ନୀତୀଶ କୁମାର ରେଡ୍ଡୀଙ୍କୁ ହରାଇଥିଲା। ସେ ୧୧୪ ରନରେ ଆଉଟ ହୋଇଥିଲେ। ଭାରତ ୩୬୯ ରନରେ ଅଲଆଉଟ ହୋଇଯିବାରୁ ଅଷ୍ଟ୍ରେଲିଆକୁ ୧୦୫ ରନର ଲିଡ୍ ମିଳିଥିଲା। ପ୍ରଥମ ଇନିଂସରେ ୪୭୪ ରନ କରିଥିବା ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଇନିଂସରେ ବୁମ୍ରା ଓ ସିରାଜ ଯୋଡ଼ି ଘାଣ୍ଟିଥିଲେ। ଗୋଟିଏ ପଟେ ମାର୍ନସ ଲାବୁଶେନ ରହିଥିବା ବେଳେ ଅନ୍ୟପଟେ ଗୋଟିଏ ପରେ ଗୋଟିଏ ୱିକେଟ ଝଡ଼ି ଚାଲିଥିଲା। ଏହାର ଆରମ୍ଭ ବୁମ୍ରା କରିଥିଲେ। ସେ ପ୍ରଥମେ ଡେବ୍ୟୁଟାଣ୍ଟ ସାମ କୋନଷ୍ଟାସ(୮)ଙ୍କୁ ବୋଲ୍ଡ କରିଥିଲେ। ଉସମାନ ଖୱାଜା ୨୧ ରନ କରି ସିରାଜଙ୍କ ବଲରେ ବୋଲ୍ଡ ହୋଇଥିଲେ। ଷ୍ଟିଭ ସ୍ମିଥ(୧୩) ମଧ୍ୟ ସିରାଜଙ୍କ ଶିକାର ବନିଥିଲେ। ପ୍ରଥମ ଇନିଂସରେ ଖାତା ଖୋଲି ପାରି ନଥିବା ଇନଫର୍ମ ଟ୍ରାଭିସ ହେଡ୍ ଆଜି କେବଳ ୧ ରନ କରି ପୁଣି ବୁମ୍ରାଙ୍କ ବଲରେ ଆଉଟ ହୋଇଛନ୍ତି। ମିଚେଲ ମାର୍ଶ(୦) ଓ ଆଲେକ୍ସ କେରୀ(୨)ଙ୍କୁ ଆଉଟ କରି ବୁମ୍ରା କଙ୍ଗାରୁ ଟିମକୁ ୯୧ ରନରେ ୬ଷ୍ଠ ଝଟକା ଦେଇଥିଲେ। ଏତିକି ବେଳେ ଲାବୁଶେନ ଓ ଅଧିନାୟକ ପାଟ କମିନ୍ସ ସ୍ଥିତି ସମ୍ଭାଳିଥିଲେ। ଉଭୟ ୭ମ ୱିକେଟ ପାଇଁ ୫୭ ରନ ଯୋଡ଼ିଥିଲେ। ଲାବୁଶେନଙ୍କ ବ୍ୟାଟରୁ ପୁଣି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ଦଳୀୟ ସ୍କୋର ୧୪୮ ରନ ଥିବା ବେଳେ ସିରାଜ ୭୦ ରନ କରିଥିବା ଲାବୁଶେନଙ୍କୁ ଆଉଟ କରିଥିଲେ। ମିଚେଲ ଷ୍ଟାର୍କ ମଧ୍ୟ କେବଳ ୫ ରନ କରି ରନ ଆଉଟ ହୋଇଯାଇଥିଲେ। ଦଳୀୟ ସ୍କୋର ୧୭୩ ଥିବା ବେଳେ ଅଷ୍ଟ୍ରେଲିଆ ୯ମ ୱିକେଟ ହରାଇଥିଲା। ୪୧ ରନ କରିଥିବା କମିନ୍ସଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ କରିଥିଲେ। ଏହି ସମୟରେ ଅଷ୍ଟ୍ରେଲିଆର ଲିଡ୍ ମଧ୍ୟ କେବଳ ୨୭୮ ରନ ରହିଥିଲା। ଲାଗୁଥିଲା ଭାରତ ମେଲବର୍ଣ୍ଣ ଟେଷ୍ଟରେ ଜବରଦସ୍ତ କମବ୍ୟାକ କରିବ। ହେଲେ ଶେଷ ୱିକେଟ ପାଇଁ ବୋଲାଣ୍ଡ ଓ ଲାୟନ କମାଲ କରିଥିଲେ। ଭାରତୀୟ ବୋଲରଙ୍କୁ କଡ଼ା ମୁକାବିଲା କରି ଉଭୟ ୬୪.୧ ଓଭରରୁ ୮୨ ଓଭର ଯାଏ ବ୍ୟାଟିଂ କରିଥିଲେ। ଏଥିସହ ଲିଡ୍‌କୁ ୩୩୩ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏହି ଯୋଡ଼ିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ହେଁ କୌଣସି ଲାଭ ପାଇନାହିଁ। ଉଭୟ ୪ର୍ଥ ଦିନର ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଲାୟନ ୪୧ ଓ ବୋଲାଣ୍ଡ ୬୫ ବଲରେ ୧୦ ରନ କରି ଅପରାଜିତ ରହିଛନ୍ତି।

## ୨୦୦ ଟେଷ୍ଟ ୱିକେଟ୍ କ୍ଲବରେ ବୁମରା

## ଭାଙ୍ଗିଲେ କପିଲଙ୍କ ରେକର୍ଡ



**ମେଲବର୍ଣ୍ଣ, ୨୯।୧୨:** ଟେଷ୍ଟ କ୍ରିକେଟରେ ଆଜି ୨୦୦ ୱିକେଟ ପୂରଣ କରିଛନ୍ତି ଯଶପ୍ରୀତ ବୁମରା। ମେଲବର୍ଣ୍ଣରେ ଚାଲିଥିବା ଚତୁର୍ଥ ଟେଷ୍ଟର ଚତୁର୍ଥ ଦିବସରେ ଟ୍ରାଭିସ ହେଡ୍‌ଙ୍କୁ ଆଉଟ୍ କରି ସେ ପାଇଛନ୍ତି ଏହି ସଫଳତା। ଏହା ସହିତ ସେ ଭାଙ୍ଗିଛନ୍ତି କପିଲ ଦେବଙ୍କ ରେକର୍ଡ। କପିଲ ୫୦ଟି ଟେଷ୍ଟ ମ୍ୟାଚ୍ ଖେଳି ୨୦୦ ୱିକେଟ୍ ନେଇଥିବା ବେଳେ ବୁମରାଙ୍କୁ ତାଙ୍କର ୪୪ତମ ମ୍ୟାଚ୍‌ରେ ମିଳିଛି ଏହି ସଫଳତା। କପିଲଙ୍କ ରେକର୍ଡ ଭାଙ୍ଗି ବୁମରା ବନିଯାଇଛନ୍ତି ଟେଷ୍ଟରେ ୨୦୦ଟି ୱିକେଟ୍ ନେବାରେ ଦ୍ରୁତତମ ଭାରତୀୟ ପେସ୍‌ର। ଅନ୍ୟପକ୍ଷରେ ଭାରତୀୟ ବୋଲର ଭାବେ ଟେଷ୍ଟରେ ଦ୍ରୁତ ୨୦୦ ୱିକେଟ୍ ହାସଲ କରିବାର ରେକର୍ଡ ରହିଛି ନିକଟରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିବା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନାଁରେ। ୩୭ଟି ମ୍ୟାଚ୍‌ରେ ତାଙ୍କୁ ମିଳିଥିଲା ଏହି ସଫଳତା। ସେହିପରି ତାଙ୍କ ତଳକୁ ରହିଥିଲେ ରବୀନ୍ଦ୍ର ଜାଡେଜା। ସେ ୪୪ଟି ମ୍ୟାଚ୍‌ରୁ ଏହି ସଫଳତା ପାଇଥିବା ବେଳେ ଏବେ ଏହି ସ୍ଥାନରେ ତାଙ୍କ ସହିତ ଯୋଗ ଦେଇଛନ୍ତି ଯଶପ୍ରୀତ ବୁମରା। ହରଭଜନ ସିଂହ ୪୬ଟି ମ୍ୟାଚ୍‌ରୁ ଓ ଅନୀଲ କୁମ୍ବଲେ ୪୭ଟି ମ୍ୟାଚ୍‌ରୁ ୨୦୦ତମ ଟେଷ୍ଟ ୱିକେଟ୍ ପୂରଣ କରିଥିଲେ। ମୋଟ ଉପରେ ଅନ୍ତର୍ଜାତୀୟ ସ୍ତରରେ ଟେଷ୍ଟରେ ଦ୍ରୁତ ୨୦୦ ୱିକେଟ୍ ନେବାର ରେକର୍ଡ ରହିଛି ପାକିସ୍ତାନର ପୂର୍ବତନ ସ୍ପିନର ୟାସିର ଶାହ। ସେ ୩୩ଟି ଟେଷ୍ଟରୁ ଏହି ମାଇଲଷ୍ଟୋନ୍ ସ୍ଥାପନ କରିଥିଲେ। ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ସେ ୩ ନମ୍ବରରେ ରହିଛନ୍ତି। ତେବେ ପେସରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଡେନିସ ଲିଲି ୩୮ଟି ଟେଷ୍ଟ ମ୍ୟାଚ୍‌ରୁ ୨୦୦ ୱିକେଟ୍ ହାସଲ କରିଥିଲେ। ମୋଟ ଉପରେ ଲିଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ବଲ୍ ହିସାବରେ ଦେଖିଲେ ବୁମରା ହେଉଛନ୍ତି ୨୦୦ଟି ଟେଷ୍ଟ ୱିକେଟ ନେବାରେ ଦ୍ରୁତତମ ଭାରତୀୟ ବୋଲର। ସେହିପରି ସାରା ବିଶ୍ୱରେ ଏହି ବର୍ଗରେ ତାଙ୍କ ସ୍ଥାନ ୪ ନମ୍ବରରେ ରହିଛି। ବୁମରା ୮,୪୮୪ଟି ବଲ୍ ପକାଇ ୨୦୦ଟି ୱିକେଟ୍ ନେଇଛନ୍ତି। ପାକିସ୍ତାନର ୱାକର ୟୁନିସ ଟେଷ୍ଟରେ ୭୭୨୫ଟି ବଲ୍ ବୋଲିଂ କରି ୨୦୦ଟି ୱିକେଟ୍ ନେଇଥିବା ବେଳେ ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେନ୍ ୭୮୪୮ ଓ ରାବଡା ୮୧୫୩ଟି ବଲରୁ ୨୦୦ ୱିକେଟ୍ ହାସଲ କରିଥିଲେ।

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ବୁମରା ୪ଟି ୱିକେଟ୍ ପାଇଥିବା ବେଳେ ୪୪ଟି ଟେଷ୍ଟରୁ ତାଙ୍କ ୱିକେଟ୍ ସଂଖ୍ୟା ୨୦୧ରେ ପହଞ୍ଚିଛି।



### ହକି ଇଣ୍ଡିଆ ଲିଗ୍

## ସୁଟ୍‌ଆଉଟ୍‌ରେ ବାଜିମାରିଲା ଦିଲ୍ଲୀ ଏସ୍‌ଜି ପାଇପର୍ସ

**ରାଉରକେଲା, ୨୯।୧୨:** ଦୀର୍ଘ ସାତ ବର୍ଷର ବ୍ୟବଧାନପରେ ନୂଆ ରୂପରେ ତଥା ଆକର୍ଷଣୀୟ ଢଙ୍ଗରେ ଶନିବାରଠାରୁ ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି ହକି ଇଣ୍ଡିଆ ଲିଗ୍। ଉଦ୍‌ଘାଟନ ମ୍ୟାଚ୍‌କୁ ଦେଖିବାକୁ ହକିପ୍ରେମୀଙ୍କ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପାଖାପାଖି ୧୫ ହଜାର ଦର୍ଶକ ଟିମ୍ ଗୋନସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଉପଭୋଗ କରିଥିଲେ।

ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ମଧ୍ୟରେ ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ମ୍ୟାଚ୍‌ସାରା ଉଭୟ ଦଳର ଖେଳାଳିଙ୍କ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। ତେବେ ଉଭୟ ଦଳ କେବଳ ଦୁଇଟି ଲେଖାଏ ଗୋଲ୍ ଦେବାରେ ସକ୍ଷମ ହେବାରୁ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ପରେ ସୁଟ୍ ଆଉଟ୍‌ରେ କିନ୍ତୁ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ୪-୨ ଗୋଲ୍‌ରେ ବାଜି ମାରିନେଇଥିଲା। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍‌ରୁ ଦିଲ୍ଲୀ ଆକ୍ରମଣ ଆରମ୍ଭ କରିଥିଲା। ଫଳରେ ୫ମ ମିନିଟ୍‌ରେ ଏକ ସଫଳତା ବି ମିଳିଥିଲା। ତେବେ ଗୋନାସିକା ଚମତ୍କାର ପ୍ରତ୍ୟାବର୍ତ୍ତନକରି ଲାଗ୍ ଲାଗ୍ ଦୁଇଟି ଗୋଲ୍‌ଦେଇ ୨-୧ ଗୋଲ୍‌ରେ ଆଗୁଆ ହୋଇଥିଲା। କିନ୍ତୁ ଏସ୍‌ସି ପାଇପର୍ସ୍‌ର ଟୋମାସ ଡୋମିନି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍(୫ ଓ ୩୯ ମିନିଟ୍) ଦେଇ ମ୍ୟାଚ୍‌କୁ ଡ୍ର କରିଥିଲେ। ଟିମ୍ ଗୋନାସିକାର ଷ୍ଟୁଆନ ୱାକର୍(୨୬) ଓ ଭିକ୍ଟର ଚାର୍ଲେଟ୍(୩୫) ଗୋଟିଏ ଲେଖାଏ ଗୋଲ୍‌ଦେଇଥିଲେ। ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ମଧ୍ୟରେ ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ମ୍ୟାଚ୍‌ସାରା ଉଭୟ ଦଳର ଖେଳାଳିଙ୍କ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। ତେବେ ଉଭୟ ଦଳ କେବଳ ଦୁଇଟି ଲେଖାଏ ଗୋଲ୍ ଦେବାରେ ସକ୍ଷମ ହେବାରୁ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ପରେ ସୁଟ୍ ଆଉଟ୍‌ରେ କିନ୍ତୁ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ୪-୨ ଗୋଲ୍‌ରେ ବାଜି ମାରିନେଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏବେ ବି...

ସର୍ବୋଚ୍ଚ ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେପି ସରକାର ୧୮ ଜଣ ଲିଜଧାରୀଙ୍କ ନାମରେ ୨୯୯ କୋଟି ଟଙ୍କାର ଜରିମାନା ଆଦାୟ ପାଇଁ ଓପିଡିଆର (ଦି ଓଡିଶା ପବ୍ଲିକ ଡିମାଣ୍ଡମ ରିକଭରି) ଆଇନରେ ସାର୍ଟିଫିକେଟ କେସ ଜିଲ୍ଲାପାଳଙ୍କ ନିକଟରେ ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ଦ୍ରବ୍ୟ ବିଭାଗ ତରଫରୁ ରୁଜୁ କରାଯାଇଥିଲା । ଏହି ଜରିମାନାରୁ ଖସି ଯିବା ପାଇଁ ପାହାଡ ଲୁଟେରାମାନେ ପୂର୍ବ ସରକାର ସମୟରେ ପ୍ରଶାସନର ସଲାସୁତରାରେ ଜରିମାନା ନିଷ୍ପତି ବିରୋଧରେ ଓଡିଶା ହାଇକୋର୍ଟରେ କେସ ରୁଜୁ କରିଥିଲେ । ବିଭାଗୀୟ ଅଧିକାରୀ ଆବେଦନକାରୀଙ୍କ ଶୁଣାଣୀ କରି ପରବର୍ତି ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁସାରେ ଯାଜପୁରର ଲଘୁ ଖଣିଜ ଦ୍ରବ୍ୟ ବିଭାଗର ଉପନିର୍ଦ୍ଦେଶକ ଏହାର ଶୁଣାଣୀ କରି ପରବର୍ତି ପଦକ୍ଷେପ ନେବା କଥା । ହେଲେ ଏହି ଶୁଣାଣୀ କରାନଯାଇ ଲିଜଧାରୀଙ୍କ ନାମରେ ସାର୍ଟିଫିକେଟ କେସ ରୁଜୁ କରାଯାଇଥିଲା । ଲଘୁ ଖଣିଜ ଦ୍ରବ୍ୟ ବିଭାଗର ଏହା ଅନିଚ୍ଛାକୃତ ତ୍ରୁଟି ଥିଲେ ବି ଏହାକୁ ଆଳ କରି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇନଥିବା ଦର୍ଶାଇ କେତେକ ଲିଜଧାରୀ ପୁନଶ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଫଳରେ ପ୍ରହଲ୍ଲାଦ ଲେଙ୍କା ଓ ଶ୍ରୀନିବାସ ଜେନାଙ୍କ ଦୁଇଟି ଲେଖାଏଁ ଏବଂ ସୁଧାଂଶୁ ଜେନା ଓ ବିଶ୍ୱ ରଂଜନ ପରିଡାଙ୍କ ଗୋଟିଏ ଲେଖାଁ ଖାଦାନ ଉପରେ ହୋଇଥିବା ସାର୍ଟିଫିକେଟ କେସକୁ ହାଇକୋର୍ଟ ବାତିଲ କରିଥିଲେ । ପରେ ପୁନଶ୍ଚ ଏହି ଜରିମାନା ଆଦାୟ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏଥିରୁ ଜିଲ୍ଲାପାଳଙ୍କ ନିକଟରେ ହୋଇଥିବା ସାର୍ଟିଫିକେଟ କେସ ନେଇ ଭିନ୍ନ କଥା ଶୁଣିବାକୁ ମିଳୁଛି ବୋଲି ସେ କହିଛନ୍ତି । ଏନେଇ ସେ ଆଇନ ବିଭାଗର ସହାୟତା ଲୋଡି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସରକାରଙ୍କ ସ୍ୱାର୍ଥରକ୍ଷା ପାଇଁ ହାଇକୋର୍ଟରେ ବିଭାଗ ନିଜର ପକ୍ଷ ରଖି ପ୍ରାୟ ୩୦୦ କୋଟି ଟଙ୍କାର ଜରିମାନା ଆଦାୟ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ । ହେଲେ ଦୁଇମାସ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ରାଜ୍ୟ ସରକାରଙ୍କୁ ବଦନାମ କରିବାକୁ ହେଉଥିବା ଏହି ଷଡଯନ୍ତ୍ରକୁ ରୋକିବାକୁ ନିଜେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସେ ଅପିଲ କରିଛନ୍ତି।

### ୧୭୯ଜଣଙ୍କ...

ହେଲେ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏକ ପକ୍ଷୀ ମାଡ଼ ହୋଇଯିବା କାରଣରୁ ବିମାନଟି ପ୍ରଥମ ପ୍ରୟାସରେ ଲ୍ୟାଣ୍ଡିଂ କରିବାକୁ ଅସମର୍ଥ ହୋଇଥିଲା। ଏହାପରେ ରନୱେରେ ଦ୍ରୁତ ଗତିରେ ଘୋଷାଡ଼ି ହୋଇଯିବା ସହ ଏକ ବିମାନବନ୍ଦର ବାଡ଼ରେ ଧକ୍କା ହୋଇ ବିସ୍ଫୋରଣ ହୋଇଥିଲା। ଏହାପରଠାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏହାର ତଦନ୍ତ ଆରମ୍ଭ ହୋଇଛି। ତେବେ ବିମାନରେ ପକ୍ଷୀ ମାଡ଼ ହେବା ପୂର୍ବରୁ ଏହାର ସମ୍ଭାବନାକୁ ନେଇ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଦ୍ୱାରା ଆଲର୍ଟ ମଧ୍ୟ ଜାରି କରାଯାଇଥିଲା। ହେଲେ ଆଲର୍ଟ ଜାରି ହେବାର କେବଳ ଦୁଇ ମିନିଟ ମଧ୍ୟରେ ପ୍ଲେନଟି ଧ୍ୱଂସ ହୋଇଯାଇଥିଲା ବୋଲି କହିଛନ୍ତି ଦକ୍ଷିଣ କୋରିଆର ଜଣେ ବିମାନ ସେବା ଅଧିକାରୀ ଜୁ ଜୋଙ୍ଗ-ୱାନ। ଏହି ଦୁର୍ଘଟଣା ସମୟର ଭୟଙ୍କର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେଉଛି।

ନ୍ୟୁୟର୍କ ଟାଇମ ରିପୋର୍ଟ ଅନୁସାରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ କ୍ରୁ ସଦସ୍ୟ ତଦନ୍ତକାରୀ ଅଧିକାରୀଙ୍କୁ କହିଛନ୍ତି ଯେ ଏୟାରପୋର୍ଟରେ ଲ୍ୟାଣ୍ଡିଂ କରିବାର କିଛି ସମୟ ପୂର୍ବରୁ ବିମାନର ଗୋଟିଏ ଇଞ୍ଜିନ ବିସ୍ଫୋରଣ ହୋଇଥିଲା। ସ୍ଥାନୀୟ ଏକ ଟିଭି ଚ୍ୟାନେଲ ମଧ୍ୟ ଏହି ସମୟର ଭିଡିଓ ଦେଖାଇଛି।

ତେବେ ବିମାନରେ ପକ୍ଷୀ ଧକ୍କା ହେବା ସହ ଦୁର୍ଘଟଣା ପାଇଁ ଆଉ କଣ ସବୁ କାରଣ ଥାଇପାରେ, ସେନେଇ ତଦନ୍ତ ଚାଲିଛି। ମୁଆନ ଅଗ୍ନିଶମ ବିଭାଗ ମୁଖ୍ୟ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ ପକ୍ଷୀଟିଏ ବିମାନରେ ଧକ୍କା ହେବା ଓ ପ୍ରତିକୂଳ ପାଗ କାରଣରୁ ଏହି ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ।

### ଚାଷୀଙ୍କ...

ଜିଲ୍ଲାପାଳମାନଙ୍କୁ ପୁନଃ ଆକଳନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଆସନ୍ତା ୩୦ ତାରିଖ ସୁଦ୍ଧା କ୍ଷୟ କ୍ଷତିର ରିପୋର୍ଟ ଦେବା ପାଇଁ ଅଧିକାରୀ ମାନଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆ ଯାଇଛି।

ସଠିକ ଆକଳନ ତଥ୍ୟ ମିଳିବା ପରେ ଚାଷୀ ମାନଙ୍କୁ ସହାୟତା ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ନଭେମ୍ବର ୨୦ରୁ ଅଦିନିଆ ବର୍ଷା ଲାଗି ରହିବାରୁ ରାଜ୍ୟର ଅନେକ ଜିଲ୍ଲାରେ ଧାନ ଫସଲ ସମେତ ପନିପରିବା ଇତ୍ୟାଦି ନଷ୍ଟ ହୋଇ ଚାଷୀ ମାନେ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ନୟାଗଡ ଜିଲ୍ଲା ରଣପୁର ବ୍ଲକର ମଝିଆଖଣ୍ଡ ଓ କାଣ୍ଡପଡା ଗ୍ରାମ ପଞ୍ଚାୟତ ଚାଷ ଜମି ବୁଲି ଦେଖିଥିଲେ। ପୋର୍ଟାଲର ତଥ୍ୟ ଅନୁଯାୟୀ ଜିଲ୍ଲାରେ ୬୩୫୦ ହେକ୍ଟର ଚାଷ ଜମିରେ କ୍ଷୟକ୍ଷତି ଘଟିଛି । ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ଥିଲେ ।ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଉପଲଡା ଗ୍ରାମ ପଞ୍ଚାୟତ ଓ ଗୁରାଣ୍ଡି ଗ୍ରାମ ପଞ୍ଚାୟତ ଅଞ୍ଚଳର ଚାଷ ଜମିର କ୍ଷୟକ୍ଷତିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି । ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ଲକ୍ଷ୍ମୀପୁର ପଞ୍ଚାୟତର ନାଉଳି ଏବଂ ରଙ୍ଗେଇଲୁଣ୍ଡା ଗ୍ରାମ ପଞ୍ଚାୟତର ଗଉଁଜୁ ଅଞ୍ଚଳର ଚାଷ ଜମିର କ୍ଷୟକ୍ଷତିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି । ଜିଲ୍ଲାର ୩୭୮୦୦ ହେକ୍ଟର ଜମିରେ ଖରିଫ ଫସଲ ନଷ୍ଟ ହୋଇଥିବା ବେଳେ ୮୨୨ ହେକ୍ଟର ଜମିରେ ପନିପରିବା ନଷ୍ଟ ହୋଇଛି । ୬୧୫୪୦ ଚାଷୀ ପ୍ରଭାବିତ ହୋଇଛନ୍ତି। ସମସ୍ତ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ଜମି ନିକଟକୁ ଯାଇ ସେମାନଙ୍କ ସହିତ ମିଶି କ୍ଷୟକ୍ଷତି ବୁଲି ଦେଖିଥିଲେ। ଛତ୍ରପୁର ଠାରେ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଭାଇ ଭଉଣୀନେ ହେଉଛନ୍ତି ଆମ ଦେଶର ମେରୁଦଣ୍ଡ। ଆମର ଅନ୍ନଦାତା । ଅଦିନିଆ ବର୍ଷା ଯୋଗୁ ସେମାନଙ୍କର ବହୁ କ୍ଷତି ଘଟିଛି । ସରକାର ଚାଷୀ ମାନଙ୍କ ସହିତ ଅଛନ୍ତି ଓ ନିଶ୍ଚୟ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। ଯେଉଁ ସବୁ ଜିଲ୍ଲାରେ ବର୍ଷାଜନିତ ଫସଲ କ୍ଷୟକ୍ଷତି ଘଟିଛି, ସେ ସବୁ ଜିଲ୍ଲା ମାନଙ୍କରେ ପଞ୍ଜୀକୃତ ନ ହୋଇଥିବା ଆହୁରି ବହୁତ କ୍ଷତିଗ୍ରସ୍ତ ଚାଷୀ ରହିଯାଇଛନ୍ତି । ସମସ୍ତ ଚାଷୀ ଭାଇ ମାନଙ୍କୁ ତହସିଲଦାର, ଆର.ଆଇ, ଜିଲ୍ଲା କୃଷି ଅଧିକାରୀଙ୍କ ଜରିଆରେ ସହାୟତା ପାଇଁ ଆବେଦନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଚାଷୀ ଭାଇମାନେ ଟୋଲ ଫ୍ରି ନ.-୧୪୪୪୭ରେ ଫୋନ ମାଧ୍ୟମରେ କିମ୍ବା କୃଷି ରକ୍ଷକ ପୋର୍ଟାଲରେ ପଞ୍ଜୀକରଣ କରି କ୍ଷୟକ୍ଷତି ପାଇଁ ଆବେଦନ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଧାନ ଫସଲ ଛଡା ପନିପରିବା ଚାଷୀ ଓ ବୀମାଭୁକ୍ତ ହୋଇ ନ ଥିବା ଚାଷୀମାନେ ଯେପରି କ୍ଷତି ପୂରଣ ପାଇବେ, ସେ ବିଷୟରେ ମଧ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ସେ କହିଥିଲେ। ଛତ୍ରପୁର ଠାରେ ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁର୍ଦ୍ଦିନରେ...

ପଞ୍ଚାୟତ ପରିଦର୍ଶନରେ ଯାଇ ସେଠାରେ ଚାଷୀମାନଙ୍କ ସହ ଆଲୋଚନା କରିବା ସହିତ ତାଙ୍କୁ ନିଶ୍ଚିନ୍ତ ରହିବାକୁ ଆଶ୍ୱାସନା ଦେଇଥିଲେ। ଚାଷୀଙ୍କୁ ଫସଲ ନଷ୍ଟ ପାଇଁ ଉଚିତ ପରିମାଣରେ କ୍ଷତି ପୁରଣ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତିବଦ୍ଧ। ସରକାର ଆପଣଙ୍କ ସହିତ ଅଛନ୍ତି। ଯଦି କୌଣସି ଅସୁବିଧା ହୁଏ ତେବେ ସରକାର ଏହାର ସମାଧାନ ପନ୍ଥା ନିଶ୍ଚୟ ବାହାର କରିବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

### କୃଷକ...

କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ। ଏପରିକି କ୍ଷତିଗ୍ରସ୍ତ ଜମିରେ ଛିଡାହୋଇ ଫଟୋ ଉଠାଇ ଜିଓ ଟ୍ୟାଗ କଲେ ମଧ୍ୟ କ୍ଷତିପୂରଣ ପ୍ରଦାନ କରାଯିବ। ଉପସ୍ଥିତ ଶିଳ୍ପମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ସରକାର ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରି କ୍ଷତିପୂରଣ ପ୍ରଦାନ ପାଇଁ ସୁପାରିସ କରାଯିବ। ଏହି ଅବସରରେ ଜିଲ୍ଲାପାଳ ଜେ.ସୋନାଲ, ଜିଲ୍ଲା କୃଷୀଅଧିକାରୀ ବିଶ୍ୱନାଥ ପଣ୍ଡା, ଜିଲ୍ଲା କାର୍ଯ୍ୟନିର୍ବାହୀ ରବିନାରାୟଣ ଜେଠୀ, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ବ୍ଲକ କୃଷୀ ଅଧିକାରୀ ସୀତାରତ୍ନମାଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୁଜଙ୍ଗ ବ୍ଲକ ବଳରାମ ପୁର ଗ୍ରାମର ଚାଷୀ ତ୍ରିଲୋଚନ ବେହେରା, ସୁଲୋଚନା ନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ଗଜା ହୋଇଥିବା ଧାନ ବିଡା ଦେଖାଇଥିଲେ। ଏହାସହିତ ଶ୍ରୀ ସିଂହଦେଓ କଟକ ଜିଲ୍ଲା ନିଆଳି ବ୍ଲକ ଜଲ୍ଲାରପୁର ପଞ୍ଚାୟତ ଷୋଳମଙ୍ଗା ଅଞ୍ଚଳରେ ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ।

### ଟ୍ରାଙ୍କୁଲାଇଜ୍...

ପଶ୍ଚିମବଙ୍ଗର ଘଞ୍ଚ ଜଙ୍ଗଲରେ ଘୁରି ବୁଲୁଥିଲା ବାଘୁଣୀ। ଆଦୌ ଶିମିଳିପାଳ ଅଭୟାରଣ୍ୟକୁ ଫେରୁ ନ ଥିଲା। ଯାହାକୁ ନେଇ ପଡ଼ିଯାଇଥିଲେ ଶିମିଳିପାଳ ପ୍ରାଣି ଉଦ୍ୟାନ କର୍ତ୍ତୃପକ୍ଷ। ଦୀର୍ଘ ସମୟର ଲୁଚକାଳି ପରେ ରବିବାର ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲ୍ଲାରେ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଛି ବୋଲି ବନ୍ୟପ୍ରାଣୀ ଆରସିସିଏଫ୍ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଜୀନତକୁ ଆଲିପୁର ଚିଡ଼ିଆଖାନାକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେଠାରେ ସଂପୂର୍ଣ୍ଣ ରୂପେ ପ୍ରକ୍ରିୟା ଶେଷ ହେଲା ପରେ ଶିମିଳିପାଳକୁ ପୁଣି ଅଣାଯିବ।

ଝାଡ଼ଖଣ୍ଡ ଛାଡ଼ିବା ପରେ ଜିନତ ପଶ୍ଚିମବଙ୍ଗର ଝାଡ଼ଗ୍ରାମ, ପୁରୁଲିଆ ଦେଇ ବାଙ୍କୁଡ଼ା ଜିଲ୍ଲାରେ ଘୁରି ବୁଲୁଥିଲା। ତା' ଗତିବିଧି ଉପରେ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବନ ବିଭାଗ ନଜର ରଖିଥିଲେ। ଟ୍ରାଙ୍କୁଲାଇଜ୍ ପାଇଁ ସ୍ୱତନ୍ତ୍ର ଟିମ୍ ବାଙ୍କୁଡ଼ା ଯାଇଥିଲା। ହେଲେ ବନ ବିଭାଗ କର୍ମଚାରୀଙ୍କୁ ଚକ୍‌ମା ଦେଇ ଲୁଚି ଯାଉଥିଲା ଜିନତ। ଡ୍ରୋନ୍ ମାଧ୍ୟମରେ ଲୋକେସନ ଟ୍ରାକ୍ କରାଯାଉଥିଲା। ବାଙ୍କୁଡାର ରାଣୀବନ୍ଧ ଥାନା ଅନ୍ତର୍ଗତ ଗୋସାଇଁଡିହି ଗାଁ ନିକଟରେ ଜିନତ ଘୁରି ବୁଲୁଥିବା ଅଞ୍ଚଳକୁ ଚାରିପାଖରୁ ଜାଲ ବିଛା ଯାଇଥିଲା। ତା'ପରେ ଟ୍ରାଙ୍କୁଲାଇଜ କରାଯାଇଥିଲା। ଜିନତ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଶ୍ରୀ ଗୋଗିନେନି କହିଛନ୍ତି।

### ନେତା ନିଯୁକ୍ତି...

ବିଜେଡି ସଭାପତି ଦୌଡରେ ଆଉ ଦୁଇ ଯୁବ କର୍ମକର୍ତ୍ତା ରହିଛନ୍ତି । ଏମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସମର୍ଥକ ଭାବେ ଜଣାଶୁଣା ବିଶ୍ୱ ପ୍ରତାପ ସାହୁ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମର୍ଥକ ପ୍ରଦୋଷ ପରିଡା ରହିଛନ୍ତି। ଯେହେତୁ ବର୍ତ୍ତମାନ ସୁଦ୍ଧା ବିଧାୟକମାନେ ଯୁବ ବିଜେଡିର ମୁଖିଆ ପଦରେ ରହିବେ କି ନାହିଁ ସେଥିନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇନାହିଁ, ତେଣୁ ତିନି ଯୁବ ବିଧାୟକ ବିଶ୍ୱ ମଲ୍ଲିକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଦେବୀ ରଞ୍ଜନ ତ୍ରିପାଠୀ ଏଥିପାଇଁ ଆଶାବାନ୍ଧିବା ସହିତ ନିଜ ନିଜ ସ୍ତରରେ ଲବି ଜାରି ରଖିଛନ୍ତି । ଏହାବାଦ୍ ବିଜେଡି ଯଦି ମହିଳା ଭୋଟବ୍ୟାଙ୍କକୁ ଦୃଷ୍ଟିରେ ରଖି ମହିଳାଙ୍କୁ ଆଗକୁ ଆଣେ ତେବେ ଯୁବ ସଭାପତି ପଦ ପାଇଁ ଏଲିନା ଦାସ ଓ ଛାତ୍ର ବିଜେଡି ସଭାପତି ପଦ ପାଇଁ ଇପ୍ସିତା ସାହୁ ଆଗଧାଡିର ଦାବିଦାର ଅଛନ୍ତି।

ନୂଆ ବର୍ଷରେ ବିଜେଡି ତାହାର ବିଭିନ୍ନ ଶାଖାର ନବକଳେବର କରିବାକୁ ଯାଉଥିବା ସୂଚନା ମିଳିବାପରେ ଏବେ ଛାତ୍ର ଓ ଯୁବ ବିଜେଡିର ମୁଖ୍ୟ ହେବାପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ଓ ବରିଷ୍ଠ ନେତା ନିଜ ନିଜ ଭିତରେ ବଳ କଷାକଷି ଆରମ୍ଭ କରିଛନ୍ତି ସେଥିରେ କିଏ ବିଜୟୀ ହେବ ଓ କ୍ଷମତାସୀନ ବିଜେପିର ଉଭୟର ଛାତ୍ର ଓ ଯୁବ ଶାଖାକୁ ଟକ୍କର ଦେବ ତାହା ଉପରେ ଏବେ ବିଜେଡିର ଅନେକ ନେତା ନଜର ରଖିଛନ୍ତି । ତେବେ ଚୂଡାନ୍ତ ନିଷ୍ପତ୍ତି କିନ୍ତୁ ପରଦା ପଛରେ ଥିବା ସନ୍ୟାସୀ ହିଁ ନେବେ ବୋଲି ଦଳରେ ଆଲୋଚନା ଚାଲିଛି।

### ଘାଟିରୁ...

ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ରାମଗିରି ଜଙ୍ଗଲରେ ଥିବା ୧୮୦ ବାଟାଲିୟନର ବିଏସ୍‌ଏଫ୍ ଯବାନ ଓ ଅଗ୍ନିଶମ କର୍ମଚାରୀମାନେ ଚାପିହୋଇ ରହିଥିବା ମୃତାହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। କୋରାପୁଟ ଏସପି ରୋହିତ ବର୍ମା, ଅତିରିକ୍ତ ଏସପି, ବୈପାରିଗୁଡ଼ା ବିଡିଓ ଓ ତହସିଲଦାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ।

ବସ୍ ଦୁର୍ଘଟଣାରେ ମୃତାହତଙ୍କ ବିଷୟରେ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ମୃତଙ୍କ ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହିତ ଜିଲ୍ଲା ଚିକିତ୍ସାଳୟରେ ଗୁରୁତର ଆହତଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ କଟକ ଜିଲ୍ଲା ନିଆଳି, ପୁରୀ ଜିଲ୍ଲାର ନିମାପଡ଼ା ଓ ଭୁବନେଶ୍ୱର ପ୍ରାୟ ୬୦ ଜଣ ପର୍ଯ୍ୟଟକ ନୂତନ ବର୍ଷ ମନାଇବା ଲାଗି ଦକ୍ଷିଣ ଓଡିଶାର ପ୍ରମୁଖ ସ୍ଥାନ ପରିଦର୍ଶନରେ ବାହାରିଥିଲେ। ଶନିବାର ଭବାନୀପାଟଣାର ମାଣିକେଶ୍ୱରୀ ପୀଠ ଦର୍ଶନ ସାରି ଆଜି ଦକ୍ଷିଣ ଓଡ଼ିଶାର ବାବା ଗୁପ୍ତେଶ୍ୱର ଶୈବପୀଠକୁ ଦର୍ଶନ ଲାଗି ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ।

### ମାତୃଭୂମି ...

ସୌଭାଗ୍ୟର ବିଷୟ । ସବୁ ଗୁରୁଦ୍ୱାରର ଭିନ୍ନ ଭିନ୍ନ କାହାଣୀ ଓ ଇତିହାସ ଅଛି । ଶିଖ୍ ସମାଜର ସାଥୀମାନଙ୍କୁ ଭେଟି ମୁଁ ଗର୍ବ ଅନୁଭବ କରିଥାଏ । ଆମର ଗୁରୁମାନେ ସାହସ ଏବଂ ସେବା ପାଇଁ ଶିକ୍ଷାଦାନ କରିଛନ୍ତି ।ମାତୃଭୂମି ପ୍ରତି ସର୍ବଦା ସମର୍ପିତ ରହିବାର ବାର୍ତ୍ତା ଦେଉଥିବାର ସମାଜ ହେଉଛି ଶିଖ୍ ସମାଜ । ଭାଇଚାରାରେ ବିଶ୍ୱାସ ରଖୁଥିବାର ଏହି ସମାଜର ବିଚାରଧାରା ବିଶ୍ୱକୁ ଦିଗଦର୍ଶନ ଦେଇଛି। ଗୁରୁ ନାନକ ଦେବଜୀ ସମଗ୍ର ରାଷ୍ଟ୍ରର ଚେତନାକୁ ଜାଗ୍ରତ କରିଥିଲେ । ଆମର ସମସ୍ତ ଦଶ ଗୁରୁ ଭାରତକୁ ଏକତା ସୂତ୍ରରେ ବାନ୍ଧି ରଖିଥିଲେ । ରାଷ୍ଟ୍ରକୁ ଅନ୍ଧକାରରୁ ବାହାର କରି ପ୍ରକାଶର ମାର୍ଗ ପ୍ରଦର୍ଶନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ଓ ଜନକଲ୍ୟାଣକାରୀ କାର୍ଯ୍ୟରେ ପ୍ରଭାବିତ ହୋଇ ଦଳରେ ମିଶିଥିବାରୁ ଶ୍ରୀ ପ୍ରଧାନ ଶିଖ ସମାଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଶିଖ୍ ସମୁଦାୟର ବନ୍ଧୁମାନଙ୍କ ଦଳରେ ଯୋଗଦାନ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି କହିବା ସହ ସମ୍ବଲପୁରରେ ଶିଖ ସମାଜର ଦାବି କ୍ରମେ ସ୍ମାରକୀ ସ୍ଥାପନା ଏବଂ ଓଡ଼ିଶାରେ ଶିଖ୍ ସମାଜର ପୁରାତନ ସମ୍ବନ୍ଧ ଉପରେ ପୁସ୍ତକ ପ୍ରସ୍ତୁତ ଉପରେ ଯୋଜନା କରିବା ନେଇ ସେ ମତପ୍ରକାଶ କରିଥିଲେ ।

### ବଣଭୋଜି...

ଜାମୁଝରି ସ୍ଥାନାନ୍ତର କରାଯାଇଥିଲା । କେବଳ ଏତିକି ନୁହେଁ ୪ ଦିନ ତଳେ ଅନ୍ତେବାସୀ ମକମନ ମୁଣ୍ଡା ମଧ୍ୟ ଜାମୁଝରି ଜେଲରୁ ଲୁଚି ପଳାଇଥିବା ବେଳେ ଏଯାବତ ତାଙ୍କର ପତ୍ତା ମିଳିପାରିନାହିଁ। ସେପଟେ କେବଳ ଭୁବନେଶ୍ୱର ନୁହେଁ, କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରରୁ କଏଦୀ ଚମ୍ପଟ ମାରିଛନ୍ତି। ବଗିଚା କାମରେ ନିୟୋଜିତ ଥିବାବେଳେ ଚମ୍ପଟ ମାରିଛନ୍ତି କଏଦୀ। ଅନ୍ତେବାସୀ ପରେଶ ମୁଣ୍ଡା ଏକ ହତ୍ୟା ମାମଲାରେ ୨୦୧୪ ରୁ ଆଜୀବନ କାରାଦଣ୍ଡ ଭୋଗୁଥିଲେ । ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାବତ ପରେଶଙ୍କ ପତ୍ତା ମିଳିନାହିଁ । ଭୁବନେଶ୍ୱର ଜାମୁଝରି ଘଟଣାରେ ଜେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ନିଜେ ସୁପରିଟେଣ୍ଡେଣ୍ଟ। ମୁକ୍ତାକାଶ ଜେଲ ର ଫାଇଦା ନେଇ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ଅନ୍ତେବାସୀ ଘଟାଉଥିବା କହିଛନ୍ତି ସୁପରିଟେଣ୍ଡେଣ୍ଟ। କିନ୍ତୁ ପୁରା ଘଟଣାକ୍ରମରେ ବିଭାଗ ବଦନାମ ହେଉଥିବାରୁ ତୁରନ୍ତ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି ବିଶେଷଜ୍ଞ।

### ୪ ଡାକ୍ତର ...

ଚିନ୍ମୟ ପ୍ରଧାନ ଏବଂ ଜେନେରାଲ ସର୍ଜରୀ ବିଭାଗର ପୋଷ୍ଟ ପିଜି ସିନିୟର ରେସିଡେଣ୍ଟ ଡାକ୍ତର ଯଶବନ୍ତ ବୀର। ଏହା ସହିତ ଅସ୍ଥିଶଲ୍ୟ ବିଭାଗର ଦ୍ୱିତୀୟ ବର୍ଷ ପିଜି ରେସିଡେଣ୍ଟ ଡାକ୍ତର ପ୍ରିୟଜିତ ସାହୁଙ୍କ ଉପରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ୬ ମାସ ପାଇଁ ହଷ୍ଟେଲରୁ ବିଦା କରାଯାଇଛି। ଦୁଇ ଦିନ ଭିତରେ ଏହି ୫ ଡାକ୍ତରଙ୍କୁ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ୨୩ ତାରିଖରେ ମେଡିକାଲ କଲେଜ କାଉନସିଲର ବୈଠକରେ ହୋଇଥିବା ନିଷ୍ପତ୍ତି ଓ ଓଡ଼ିଶା ଡିଏମ୍‌ଇଟିଙ୍କ ନିର୍ଦ୍ଦେଶକ୍ରମେ ଏହି ୫ ଡାକ୍ତରଙ୍କ ବିରୋଧରେ ଏହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡିନ୍ ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି। ଗତ ୨୦ ତାରିଖରେ ଏମ୍‌କେସିଜି ମେଡିକାଲ କଲେଜର ୩ ନମ୍ବର ହଷ୍ଟେଲରେ ପିଜି ଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଉପରୋକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ମନ୍‌କୀ...

ଏହି ଏଫ୍‌ପିଓ ସହ ଯୋଡ଼ି ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪୫ ଜଣ ମହିଳା ଚାଷୀ ମଧ୍ୟ ଅଛନ୍ତି। ଏହି ଲୋକମାନେ ମିଶି ୨୦୦ ଏକର ଜମିରେ ବିଲାତି ବାଇଗଣ ଚାଷ କରୁଛନ୍ତି ଏବଂ ୧୫୦ ଏକର ଜମିରେ କଲରା ଉତ୍ପାଦନ କରୁଛନ୍ତି। ଏବେ ଏହି ଏଫ୍‌ପିଓର ବାର୍ଷିକ କାରବାର ରାଶି ଦେଢ଼ କୋଟିରୁ ଅଧିକ ହୋଇଗଲାଣି। କଳାହାଣ୍ଡିର ପରିବା କେବଳ ଓଡ଼ିଶାରେ ନୁହେଁ, ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ପହଞ୍ଚୁଛି ଏବଂ ସେଠିକାର କୃଷକମାନେ ଏବେ ଆଳୁ ଏବଂ ପିଆଜ ଚାଷର ନୂତନ ପ୍ରଣାଳୀ ଶିଖୁଛନ୍ତି। କଳାହାଣ୍ଡିର ଏହି ସଫଳତା ଆମକୁ ଶିଖାଉଛି ଯେ ସଂକଳ୍ପ, ଶକ୍ତି ଏବଂ ସାମୂହିକ ପ୍ରଚେଷ୍ଟା ଦ୍ୱାରା କ'ଣ କରାଯାଇ ନ ପାରେ।ଛୋଟ ପ୍ରୟାସରୁ ମଧ୍ୟ ବଡ଼ ପରିବର୍ତ୍ତନ ସମ୍ଭବ ହୁଏ। ଖାଲି ଆମର ଦୃଢ଼ ସଂକଳ୍ପ ଏବଂ ସାମୂହିକ ଭାବନାର ଆବଶ୍ୟକତା ରହିଛି।

### ଭୋଟ...

ଅଞ୍ଚଳକୁ ଗସ୍ତ କରିବା ପରେ ନବୀନ ପ୍ରଥମେ ୩୦ ତାରିଖରେ ଗଂଜାମ ଓ ୩୧ ତାରିଖରେ ଜଗତସିଂହପୁର ଓ କେନ୍ଦ୍ରାପଡା ଗସ୍ତ କରୁଛନ୍ତି। ଦେଶର ରାଜନୈତିକ ଇତିହାସରେ ସବୁ ସମୟରେ ଚାଷୀମାନେ ରାଜନୀତିର ଗୋଟି ସାଜିଥାନ୍ତି। ଆଉ ଏବେ ନବୀନ ବି ସେଇ ସତରଞ୍ଜରେ ଚାଷୀଙ୍କୁ ମୋହରା କରି ମାଇଲେଜ ନେବାକୁ ଚେଷ୍ଟା କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ବର୍ଷର ଶେଷ ରବିବାର: ଭିତରକନିକାରେ ୩୬୮୬ ପର୍ଯ୍ୟଟକ

## ପେଣ୍ଠ ବେଳାଭୂମିର ମଜାନେଲେ ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

**ରାଜନଗର, ୨୯।୧୨ (ସଂଚାର ବ୍ୟୁରୋ) :** ଚଳିତ ବର୍ଷର ଆଜି ଥିଲା ଶେଷ ରବିବାର। ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ସମେତ ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକମାନେ ମଜା ନେଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନରେ ୩୬୮୬ ଜଣ ପର୍ଯ୍ୟଟକ ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀପଠାରେ ଖରା ପୋଉଥିବା ବଉଳା କୁମ୍ଭୀର ମାନଙ୍କୁ ଦେଖିଥିଲେ। ସ୍ଥଳ ପଥରେ ଭିତରକନିକାକୁ ୨୦୧୨ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୫୯୪ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭାକୁ ଉପଭୋଗ କରିଛନ୍ତି। ଗୁପ୍ତି ଏଂଟ୍ରି ପଏଂଟ୍ ଦେଇ ୩୦ଟି ବୋଟ୍‌ରେ ୬୭୯ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ଏଂଟ୍ରି ପଏଂଟ୍ ଦେଇ ୮୨ଟି ବୋଟ୍‌ରେ ୧୧୪୦ ଜଣ, ଚାନ୍ଦବାଲି ଏଂଟ୍ରି ପଏଂଟ୍ ଦେଇ ୫ଟି ବୋଟ୍‌ରେ ୭୫ ଜଣ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଛନ୍ତି।

ଭିତରକନିକାରେ ଥିବା ବିରଳ ବଉଳାକୁମ୍ଭୀର, ଡଲଫିନ୍, ଅଲିଭରିଡ୍ଲେ କଇଁଛ, ସଂଖ୍ୟାରେ ହରିଣ, ବାରହା, ସମ୍ବର, ଫିସିଂକ୍ୟାଟ୍, ହାଏନା, ଝିଙ୍କ ସହିତ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିସହିତ ଅଭୟାରଣ୍ୟରେ ମନୋରମ ପ୍ରକୃତି ଓ ପରିବେଶ



ପର୍ଯ୍ୟଟକଙ୍କ ମନ ମଧ୍ୟ ଜିଣି ନେଉଛି। ଏଥିସହିତ ଭିତରକନିକାକୁ ଯାତ୍ରା ସମୟରେ ନୌକା ଭ୍ରମଣରେ ପକ୍ଷିକୁ ନିକଟରେ ଦେଖିବାର ସୁଯୋଗ ଓ ନଈ ପଠାରେ ଖରା ପୋଉଥିବା କୁମ୍ଭୀରଙ୍କ ମନୋରମ ଦୃଶ୍ୟ ଭିତରକନିକାକୁ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ଏଥି ସହିତ ସାରା ବିଶ୍ୱରେ ଚର୍ଚ୍ଚିତ ଶଙ୍ଖ ମଲମଲ ପରି କୁମ୍ଭୀର ଗୋରୀ, ମଲ୍ଲୀ, ଓ ୪ଫୁଟରେ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବାକୁ ପର୍ଯ୍ୟଟକ ମାନେ ଭିଡ ଜମାଉଛନ୍ତି। ଏହାବାଦେ ମିୟୁଜିୟମ୍‌ରେ ୧୯ ଫୁଟ୍ ଓ ୧୭ ଫୁଟ୍ ଲମ୍ବର ବିରାଟକାୟ ଦୁଇଟି ବଉଳାକୁମ୍ଭିରଙ୍କ କଙ୍କାଳ ସହିତ ଭିତରକନିକାରେ ଥିବା ପ୍ରାୟ ସମସ୍ତ ପ୍ରଜାପତି ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ ଦେଖୁଛନ୍ତି। ଚଳିତବର୍ଷ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ସ୍କାଏ ୱାକ। ୧୫ ରୁ ୨୦ ଫୁଟ ଉଚ୍ଚତାରେ କାଠରେ ନିର୍ମାଣ ହୋଇଥିବା ୬୦୦ ମିଟର ଲମ୍ବର ସ୍କାଏ ୱାକ ଏବେ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି।

ଏଥିସହ ଆଜି ବଂଗୋପସାଗରର ବିସ୍ତିର୍ଣ୍ଣ ପେଣ୍ଠ ବେଳାଭୂମି ଠାରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ସକାଳରୁ ସୂର୍ଯ୍ୟ ଉଦୟ ଏବଂ ବରୁଣେଇ ମୁହାଣ ନିକଟରେ ସୂର୍ଯ୍ୟାସ୍ତକୁ ମନଭରି ଉପଭୋଗ କରିଥିଲେ ପର୍ଯ୍ୟଟକମାନେ। ଏହାଛଡା ପେଣ୍ଠ ବେଳାଭୂମି ନିକଟରେ ଥିବା ଝାଉଁବଣ, ଲୁଣାଜଙ୍ଗଲ ଏବଂ ପେଣ୍ଠ ଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ଜିଓ ସିନ୍ଥେଟିକ ସାମୁଦ୍ରିକ ପ୍ରାଚୀରକୁ ମଧ୍ୟ ଦେଖିଥିଲେ। ବେଳାଭୂମିରେ ଦଳ ଦଳ ହୋଇ ବଣଭୋଜି କରିବା, ବେଳାଭୂମିରୁ ପ୍ରାୟ ୧ କି.ମି. ପୋତିହୋଇଥିବା ବାଲୁକାରାଶିରେ ପର୍ଯ୍ୟଟକମାନେ ସ୍ନାନ କରିବା ସହିତ ବଣଭୋଜିର ମଜା ନେଇଥିଲେ। ସମୁଦ୍ର ନୀଳ ଜଳରାଶିରେ ବିରଳ ଡଲଫିନ୍‌ଙ୍କ ଜଳକ୍ରିଡା ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା। ପର୍ଯ୍ୟଟକଙ୍କ ଭିଡକୁ ଆଖିରେ ରଖି ପୋଲିସ୍ ପ୍ରଶାସନ ଓ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଗଣେଶ୍ୱରଙ୍କ ଚିଠି

**କେନ୍ଦ୍ରାପଡା, ୨୯।୧୨ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷା ଜନିତ କ୍ଷତିର ଆକଳନ କରି ତୁରନ୍ତ ସମସ୍ତ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି। ଏହି ଚିଠିରେ ବିଧାୟକ ଶ୍ରୀ ବେହେରା ଜିଲ୍ଲାର ୯ଟି ବ୍ଲକରେ ୧ଲକ୍ଷ ୨୪ ହଜାର ୮୫୭ ହେକ୍ଟର ଖରିଫ ଫସଲ କରାଯାଇ ଥିଲା। ଦୁଇ ଦୁଇ ଥର ଲଘୁଚାପ ବର୍ଷାରେ ଫସଲ ଅଧିକାଂଶ କ୍ଷତି ହୋଇ ଥିବାରୁ ଚାଷୀ ମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି। ଚାଷୀମାନେ ଋଣ କରି ଫସଲ କରିଥିବାରୁ ସେମାନେ ଚିନ୍ତାରେ ପଡି ଯାଇଛନ୍ତି। କେତେକ ସ୍ଥାନରେ ଚାଷୀ ମାନସିକ ଭାରସାମ୍ୟ ହରାଇ ହୃଦଘାତ ରେ ମୃତ୍ୟୁବରଣ କରିଥିବା ବେଳେ ଜିଲ୍ଲାର ଅନ୍ୟ ଜଣେ ଚାଷୀ ଫସଲ ନଷ୍ଟ ହୋଇଥିବାରୁ କୀଟନାଶକ ଖାଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି କ୍ଷୟକ୍ଷତି ର ସଠିକ୍ ଆକଳନ କରି ଚାଷୀ ମାନଙ୍କୁ ଯଥାଶୀଘ୍ର ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାକୁ ବିଧାୟକ ଶ୍ରୀ ବେହେରା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିକଟରେ ଦାବି କରିଛନ୍ତି।

## ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର

**ଗରଦପୁର, ୨୯।୧୨ (ସଂଚାର ବ୍ୟୁରୋ):** ଜେପିଏମ ରୋଟାରୀ କ୍ଲବ ଓ ବେହୁଳ ଏକତ୍ରୀକରଣ ଯୁବ ପରିଷଦ ବେହୁଳ ଆନୁକୁଲ୍ୟରେ ଗରଦପୁର ବ୍ଲକ୍ ବେହୁଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ସେଚ୍ଛାକୃତ ରକ୍ତଦାନ ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପାଟକୁରା ବିଧାୟକ ଅରିବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବେ ମାନବାଧିକାର କମିଶନ ସଦସ୍ୟ ଅସିମ ଅମିତାଭ ଦାସ, ବିଶେଷ ଅତିଥି ଭାବେ ସରପଞ୍ଚ ଅମୀୟ



ରଞ୍ଜନ ନାୟକ, ଆ ଇ ନ ଜ ୀ ବ ୀ ପ୍ରଶାନ୍ତ କୁମାର ମାହାଳୀ,ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ମାନସ ମାହାଳୀ, ଅବସପ୍ରାପ୍ତ ଶିକ୍ଷକ ରମାକାନ୍ତ ମାହାଳୀ, ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ମାହାଳୀ , ଅଲେଖ ମାହାଳୀ,ଭାଗବତ ମାହାଳୀ, ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ପରିଷଦ ସଭାପତି ଡ଼ ଏମ୍,କେ ଦିପ୍ତିକାନ୍ତ ରାଉତ ଙ୍କ ସଂଯୋଜନାରେ ସଂପାଦକ ଜିତେନ୍ଦ୍ର ମାହାଳୀ ସଂପାଦକୀୟ ପାଠ କରିଥିବା ବେଳେ ସଭ୍ୟ ପ୍ରବୋଧ ମାହାଳୀ ଅତିଥି ପରିଚୟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବସନ୍ତ ମାହାଳୀ,ସମୀର ରଞ୍ଜନ ମାହାଳୀ ଓ ତପନ କୁମାର ମାହାଳୀ ଙ୍କ ସମେତ ପରିଷଦର କର୍ମକର୍ତ୍ତା ଓ ସଭ୍ୟ, ସଭ୍ୟା, ଗ୍ରାମବାସୀ ସହଯୋଗ କରିଥିଲେ । ଏହି ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ୫୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା ।

## ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ

### ମହୋତ୍ସବରେ ୧ କୋଟି ୨୩ ଲକ୍ଷ ବ୍ୟବସାୟ



**ନୟାଗଡ଼, ୨୯।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ମହୋତ୍ସବ କୃଷି, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଆଜି ଷଷ୍ଠଦିନରେ ଉଦ୍‌ଯାପିତ ହୋଇଛି । ଚଳିତ ବର୍ଷ ବିଭିନ୍ନ କାରଣରୁ ମହୋତ୍ସବ ମାନ୍ଦା ହୋଇଯାଇଥିଲା । ପ୍ରଥମ ଦୁଇ ଦିନ ଲଗାଣ ବର୍ଷା ଏବଂ ଚତୁର୍ଥ ଦିନଠାରୁ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ ହୋଇଥିଲା । ଫଳରେ ଚଳିତ ବର୍ଷ ମହୋତ୍ସବରେ ଆଖିଦୃଶିଆ ବ୍ୟବସାୟ ହୋଇପାରିନାହିଁ । ୨୦୨୩ ମସିହା ମହୋତ୍ସବ ୫ ଦିନରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବା ବେଳେ ଏବର୍ଷ ୬ ଦିନ ମହୋତ୍ସବରେ ୧ କୋଟି ୨୩ ଲକ୍ଷ ଟଙ୍କା ବ୍ୟବସାୟ ହୋଇଥିବା ସୂଚନା ମିଳିଛି । ପ୍ରଥମ ଦିନ ଅର୍ଥାତ ୨୪ ତାରିଖ ୩ ଲକ୍ଷ ୨୦ ହଜାର ୩୨୦ ଟଙ୍କାର କାରବାର ହୋଇଥିବା ବେଳେ ୨୫ ତାରିଖ ୩ ଲକ୍ଷ ୭ ହଜାର ୬୦୭ ଟଙ୍କା, ୨୬ ତାରିଖରେ ୨୧ ଲକ୍ଷ ୬୯ ହଜାର ୭୭୦, ୨୭ ତାରିଖ ୨୬ ଲକ୍ଷ ୩୨ ହଜାର ୭୭୦, ୨୮ ତାରିଖ ୩୯ ଲକ୍ଷ ୩୯ ହଜାର ୩୨ ଟଙ୍କା, ୨୯ ତାରିଖ ୨୯ ଲକ୍ଷ ୯୪ ହଜାର ୯୮୦ ଟଙ୍କା ବ୍ୟବସାୟ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଜିଲ୍ଲା ମହୋତ୍ସବ ଶେଷ ସଂନ୍ଧ୍ୟାରେ ବେଶ ଗହଳି ଚହଳି ଲାଗି ରହିଥିଲା ।

## ମୃତ ଚାଷୀ ଭାବଗ୍ରାହୀଙ୍କ ପରିବାରକୁ ଭେଟିଲା ଓଡ଼ିଶା କୃଷକ ସଭା

**କେନ୍ଦ୍ରାପଡା, ୨୯।୧୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ସଖପୁରା ଗାଁର ଭୂମିହୀନ ଚାଷୀ ଭାବଗ୍ରାହୀ ମଳିକଙ୍କ ହୃଦଘାତ ଜନିତ ମୃତ୍ୟୁ ଆକସ୍ମିକ ନୁହେଁ ବୋଲି ଓଡିଶା କୃଷକସଭା(ଏଆଇକେସ) କେନ୍ଦ୍ରାପଡା ଜିଲ୍ଲା କମିଟି ଅବିହିତ କରିଛି। କୃଷକସଭାର ଏକ ପ୍ରତିନିଧି ଦଳ ସଂଗଠନର ଜିଲ୍ଲା ସଭାପତି ଗୟାଧର ଧଳ, ସମ୍ପାଦକ ବିଜୟ ଦାସଙ୍କ ନେତୃତ୍ୱରେ ରବିବାର ସଖପୁରାସ୍ଥିତ ମୃତ ଭାବଗ୍ରାହୀଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି ।



ତାଙ୍କ ପରିବାର ସହିତ ଆଲୋଚନା କଲାବେଳେ ତାଙ୍କର ମୋଟ ଅଠର ଗୁଣ୍ଠ ଚାଷଜମି ସହ ଏକ ଡ଼ିସିମିଲି ଘର ଡିହ ଥିବା ଜଣାପଡିଛି । ପ୍ରତିବର୍ଷ ଭଳି ଏଥର ମଧ୍ୟ ଆଉ ଆଠ ଏକର ଜମି ଭାଗ ଚାଷ କରିଥିଲେ ବୋଲି ପରିବାର ଲୋକେ ପ୍ରତିନିଧି ମଣ୍ଡଳୀଙ୍କୁ କହିଛନ୍ତି । ଏହି ଧାନ ଚାଷ ପାଇଁ ମହିଳା ଗୋଷ୍ଠୀ, ଗ୍ରାମୀଣ ସୁଧିଆ କାରବାର ଉପରେ ନିର୍ଭର କରିଥାନ୍ତି। ସେ ଏଥର ଧାନ ଦେବାପାଇଁ ଆଗୁଆ ପ୍ରାୟ ଅଢେଇ ଲକ୍ଷ ଟଙ୍କା ମଧ୍ୟ ହାତ ଉଧାରୀ ଆଣିଛନ୍ତି ବୋଲି ତାଙ୍କର ଅବିହିତ ବଡ଼ିଲା ଝିଅ ନିତୁ ମଳିକ କାନ୍ଦି କାନ୍ଦି କହିଥିଲେ। ତାଙ୍କର ଘର ବୋଲି କହିଲେ ଗୋଟିଏ ଚାଳ ଛପର ଘର। ଏପର୍ଯ୍ୟନ୍ତ ଆବାସ ଯୋଜନାରେ ଭାବଗ୍ରାହୀଙ୍କୁ ସାମିଲ କରାଯାଇ ନାହିଁ।

ତାଙ୍କ ବଡ ପୁଅ ମଣ୍ଟୁ ମଳିକଙ୍କୁ ପଚାରିବାରୁ ସେ କହିଲେ ଗତ ସାତଦିନ ଧରି ଲାଗି ରହିଥିବା ଅଦିନିଆ ବର୍ଷାରେ ତାଙ୍କର ସମସ୍ତ ଧାନ ଫସଲ ଉଜୁଡି ଯାଇଥିବାରୁ ଜମିକୁ ବୁଲି ଦେଖି ଫେରିବା ପରେ ଘରେ ବିଚଳିତ ହେବା ସହ ବାପାଙ୍କର ହୃଦଘାତରେ ଦେହାନ୍ତ ହୋଇଥିଲା। ତାଙ୍କ ଘରକୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଯାଇ ନାହାନ୍ତି ବୋଲି ମଣ୍ଟୁ ଅଭିଯୋଗ କରିଥିଲେ ଭାବଗ୍ରାହୀଙ୍କ ସ୍ତ୍ରୀ ମନ୍ଦାକିନି ବ୍ୟତୀତ ଗୋଟିଏ ବଡ଼ିଲା ଝିଅ ଓ ତିନିପୁଅ ଅଛନ୍ତି। ୮୧ ବର୍ଷର ବୃଦ୍ଧ ବାପା ମଧ୍ୟ ଅଛନ୍ତି।

ଭାବଗ୍ରାହୀ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏଣୁ ଓଡିଶା କୃଷକ ସଭା ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛି ଏହା ଚାଷୀ ଆତ୍ମହତ୍ୟାର ଅଂଶବିଶେଷ ଅଟେ। ଏଣୁ ଭାବଗ୍ରାହୀଙ୍କ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ସହିତ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ।ଏଥି ସହିତ ବିବାଦୀୟ ଡେରାବିଶ ତହସିଲଦାରଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ପ୍ରକାଶ ମହାନ୍ତି, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଉଳତରା-ନମତରା ନଦୀ ବନ୍ଧ ଶୋଚନୀୟ

**ରାଜକନିକା, ୨୯।୧୨ (ସଂଚାର ବ୍ୟୁରୋ) :** ରାଜକନିକା ବ୍ଲକ ଜଳସେଚନ ବିଭାଗ ଅନ୍ତର୍ଗତ ଦେଉଳତରା-ନମତରା ନଦୀ ବନ୍ଧ ଏବେ ଶୋଚନୀୟ ହୋଇ ପଡିଛି। ଫଳରେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ।



ସୂଚନା ଅନୁସାରେ ଖରସ୍ରୋତା ନଦୀବନ୍ଧର ଏହି ରାସ୍ତା ଉପରେ ଚରପଡା, ନମତରା, ଦେଉଳତରା ପଞ୍ଚାୟତର ଏକାଧିକ ଗାଁର ଲୋକେ ନିର୍ଭର କରୁଥିବା ବେଳେ ପଡୋଶୀ ବ୍ଲକର ଲୋକେ ବି ଯାତାୟାତ କରନ୍ତି।ହେଲେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟି ଗଲାଣି। ପିଚୁ କୁଆଡେ ଉଭାନ ହୋଇ ଗୋଡି ସବୁ ଏଣେତେଣେ ବିକ୍ଷିପ୍ତ ଭାବେ ପଡି ରହିଛି । ବର୍ଷା ହେଲେ ରାସ୍ତାଟିର ଅବସ୍ଥା ଆହୁରି ଶୋଚନୀୟ ହୋଇପଡେ। ଖାଲଖମାରେ ଭର୍ତ୍ତି ଏହି ରାସ୍ତା ଉପରେ ସ୍କୁଲ କଲେଜ ପିଲା ସହିତ ବରିଷ୍ଠ ନାଗରକ ଯିବାରେ ବେଶ୍ ହୈରାଣ ହରକତ ହେବାକୁ ପଡିଥାଏ। ଫଳରେ ଅସନ୍ତୋଷ ଦେଖା ଦେଲାଣି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ଦାବି ହେଉଛି।

## ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ମହାନତା

## ଅସହାୟ ମହିଳାଙ୍କୁ କଲେ ସହାୟତା

**ମହାକାଳପଡ଼ା, ୨୯।୧୨ (ସଂଚାର ବ୍ୟୁରୋ) :** ଜଣେ ଅସହାୟ ମହିଳାଙ୍କୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ଗ୍ରୁପ୍ ତରଫରୁ ପ୍ରତାପ ମହାନ୍ତି, ରମାକାନ୍ତ ନାୟକ, କିଶୋର ବେହେରା, ମୌଦ୍ୟଦିତି ସାମନ୍ତରାୟ ମହିଳାଙ୍କୁ ରାସନ୍ ସାମଗ୍ରୀ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

ମାର୍ଶାଘାଇ ବ୍ଲକ୍ ତାଳସଙ୍ଗା ଗ୍ରାମ ପଞ୍ଚାୟତ ଖର୍ଦ୍ଧାସାହି ୧ ନମ୍ବର ୱାର୍ଡର ଚିନ୍ମୟୀ ବେହେରା (୩୬) ଜଣେ ଦୁଃଖୀ ଅସହାୟ ମହିଳା। ସନ୍ତାନ ସନ୍ତତି ନଥିବା ଚିନ୍ମୟୀଙ୍କ ସ୍ୱାମୀ ଦିବାକର ବେହେରା (୪୩)ଙ୍କର ଗତ ୪ ଦିନ ତଳେ ମୃତ୍ୟୁ ହୋଇଛି। ଦିବାକରଙ୍କର ଦୁଇଟି କିଡନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ନିଜର ଜମି ବୋଲି କହିଲେ ଘର କରି ରହିଥିବା କେବଳ ୨ ଡିସିମିଲ ଡିଅ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଏହି ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡ଼ିଛନ୍ତି। ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କିପରି କରିବେ ସେନେଇ ଚିନ୍ତାରେ ଥିବା ଖବର ଜାଣିବା ପରେ ମାର୍ଶାଘାଇ ବିଡ଼ିଓ ପଞ୍ଚାନନ ମଲ୍ଲିକ ଉକ୍ତ ମହିଳାଙ୍କୁ ଭେଟି



ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେଇଛନ୍ତି ଓ ତୁରନ୍ତ ତାଙ୍କୁ ଏକ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ଚାଉଳ, ଡାଲି,ଆଳୁ, ଚୁଡ଼ା ସମେତ ତିନି ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଜିଲ୍ଲା ଜରୁରୀକାଳୀନ ପାଣ୍ଠିରୁ ଦିବାକରଙ୍କ ଶୁଦ୍ଧିକ୍ରିୟା ପାଇଁ ୧୦ ହଜାର ଟଙ୍କା ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ ତରଫରୁ ପ୍ରତାପ ମହାନ୍ତି ଦାବି କରିଛନ୍ତି।

### ଯୌତୁକ ପାଇଁ ନବବଧୂକୁ ହତ୍ୟା

## ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ତ ହେଲେ ସାମାଜିକ କର୍ମୀ

**ମହାକାଳପଡ଼ା, ୨୯।୧୨ (ସଂଚାର ବ୍ୟୁରୋ):** ଯୌତୁକ ଦାବି କରି ଜଣେ ନବବଧୂକୁ ହତ୍ୟା ଘଟଣାରେ ସାମାଜିକ କର୍ମୀ ତଥା ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା ତା ୨୪ ଡିସେମ୍ବର ୨୦୨୪ ରେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ତ ହୋଇଛନ୍ତି। ମୁଖ୍ୟ ଶାସନସଚିବ, ଓଡ଼ିଶାଙ୍କ ତରଫରୁ ମୃତକ ଝିଅଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ପ୍ରଦାନ ଓ କେନ୍ଦ୍ରାପଡା ଏସପିଙ୍କ ତରଫରୁ ଉଚ୍ଚସ୍ତରୀୟ ତଦନ୍ତ କରି ୪ ସପ୍ତାହ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ମାନବାଧିକାର କମିଶନଙ୍କ ମାଧ୍ୟମରେ ସେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଗୋଜାବନ୍ଧ ଗ୍ରାମର ଅକ୍ଷୟ ନାୟକଙ୍କ ଏକମାତ୍ର ଝିଅ ରାଜେଶ୍ୱରୀ ନାୟକ(୨୨) ବରକନ୍ଧା ପଞ୍ଚାୟତ ବରକନ୍ଧା ଗ୍ରାମର ସଞ୍ଜୟ ରାଉତଙ୍କ ପୁଅ ଭାସ୍କର ରାଉତ ଉଭୟ ଉଭୟଙ୍କୁ ପ୍ରେମ କରୁଥିଲେ। ଘରୁ ବାହାରି ପଳାଇ ସେମାନେ କିଛି ଦିନ ବାହାରେ ରହିଥିଲେ। ବହୁ ବାଧାବିଘ୍ନ ପରେ ପରିବାରର ସମ୍ମତି କ୍ରମେ ଗତ ନଭେମ୍ବର ୧୭ ତାରିଖରେ ରାମଚଣ୍ଡି ମନ୍ଦିର, ରାମନଗର ଠାରେ ସେମାନଙ୍କର ବିବାହ ହୋଇଥିଲା। ବାହାଘରର କିଛି ଦିନ ପରେ ଝିଅକୁ ସ୍ୱାମୀ,ଶାଶୁ, ଶ୍ୱଶୁର ଓ ଦୁଇ ନଣନ୍ଦ ୧ ଲକ୍ଷ ଟଙ୍କା ଓ ସୁନାଗହଣା ଯୌତୁକ ଦାବି କରି ଅତ୍ୟାଚାର କରୁଥିଲେ। ଯଦି ଯୌତୁକ ନଆଣିବୁ ତେବେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଝିଅ ଫୋନ୍ ଯୋଗେ ମାଆଙ୍କୁ ଜଣାଇଥିଲେ। ହେଲେ ଗତ ୨୩ ଡିସେମ୍ବର ରେ ଝିଅକୁ ମାରି ଦିଆଯାଇଥିବା ଝିଅର ମାଆ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଂଚାର ରେ ଏନେଇ ଖବର ପ୍ରସାରଣ ହୋଇଥିଲା। ମହାକାଳପଡ଼ା ପୋଲିସ ଏତଲା ଆଧାରରେ ୨୫୬/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସ୍ୱାମୀଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

## ମହାକୁମ୍ଭକୁ ଡ. ସୁନାକରଙ୍କୁ ନିମନ୍ତ୍ରଣ

**ଜଗତସିଂହପୁର/କୁଜଙ୍ଗ, ୨୯।୧୨ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ଅଞ୍ଚଳର ଅଧିବାସୀ ସମାଜସେବୀ ଡ଼ଃ ସୁନାକର ବେହେରା ଚଳିତ ବର୍ଷର ପ୍ରୟାଗରାଜରେ ଅନୁଷ୍ଠିତ ହେଉଥିବା ମହାକୁମ୍ଭ ମେଳାରେ ସାଧୁସନ୍ଥ ମାନଙ୍କ ସେବା ନିମନ୍ତେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ନିମନ୍ତ୍ରିତ ହୋଇଛନ୍ତି। ସେ ବିଶ୍ୱହିନ୍ଦୁ ପରିଷଦ ଜଗତସିଂହପୁର ଜିଲ୍ଲାର ଧର୍ମାଚାର୍ଯ୍ୟ ସମ୍ପର୍କ ଦାୟିତ୍ୱ ସହିତ ଓଡିଶା ପୂର୍ବ ପ୍ରାନ୍ତ ସଦସ୍ୟରୂପେ କାର୍ଯ୍ୟ ସମ୍ପାଦନ କରିଆସୁଅଛନ୍ତି ।



ମହାକୁମ୍ଭ ମେଳାରେ ଓଡ଼ିଶା ପ୍ରଦେଶରୁ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀର ସାଧୁସନ୍ଥମାନେ ଯୋଗଦେବା ସହିତ ଶ୍ରୀମାନ ଅଜୟ କୁମାର ଦାସ ଓଡିଶା ପ୍ରଦେଶ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଓ ଓଡିଶା ପୂର୍ବ ପ୍ରାନ୍ତର ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଶ୍ରୀମାନ ଦେବାର୍ପିତ ମହାନ୍ତି ନିମନ୍ତ୍ରିତ ହୋଇ କୁମ୍ଭରେ ଯୋଗଦେଉଛନ୍ତି । ପ୍ରୟାଗରାଜରେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀର ବୈଠକ ତା ୨୪:୦୧:୨୦୨୫ରେ ଅନୁଷ୍ଠିତ ହେବା ସହ ଉପସ୍ଥିତ ସମସ୍ତ ସାଧୁସନ୍ଥ ମାନଙ୍କ ଧର୍ମ ସମ୍ମିଳନୀ ୨୫ ଜାନୁୟାରୀରୁ ୨୬ ଜାନୁୟାରୀରେ ହେଉଅଛି। ଡ଼ଃ ବେହେରା ରାଷ୍ଟ୍ର ଗଠନରେ ନିଜକୁ ସମର୍ପଣ କରି ସନାତନ ହିନ୍ଦୁ ଧର୍ମର ସୁରକ୍ଷା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ଦିଗରେ ସର୍ବଦା ଚେଷ୍ଟିତ ରହି ସ୍ୱାସ୍ଥ୍ୟ, ଶିକ୍ଷା, ସେବା ଇତ୍ୟାଦି ସାମାଜିକ କଲ୍ୟାଣ କାର୍ଯ୍ୟରେ ନିଜର ଜୀବନଙ୍କୁ ସର୍ବଦା ଉତ୍ସର୍ଗୀକୃତ କରିଛନ୍ତି । ଅଯୋଧ୍ୟା ଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ସମୟରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସ ଟ୍ରଷ୍ଟ ଦ୍ୱାରା ସେ ନିମନ୍ତ୍ରିତ ହୋଇ ସାଧୁସନ୍ଥ ମାନଙ୍କୁ ସେବା ପ୍ରଦାନ କରିଥିବାରୁ ତାଙ୍କୁ ମହାପ୍ରଭୁଙ୍କ ଶ୍ରୀରାମ ଶିଳା ଏବଂ ସନନ୍ଦ ପତ୍ର ପ୍ରଦାନ କରାଯାଇଥିଲା। ଡ଼ଃ ବେହେରା ପ୍ରୟୋଗରାଜ ମହାକୁମ୍ଭ ମେଳାରେ ଉପସ୍ଥିତ ସାଧୁସନ୍ଥ ମାନଙ୍କ ସେବାରେ ଯୋଗଦେଉଥିବାରୁବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ତ୍ରିଶା ତନ୍ୟାଙ୍କ ଇଂରାଜୀ ପୁସ୍ତକ ‘ଡିଜାଇନ ଡେଜିରେବଲ ଡେପିକ୍ସନ’ ଉନ୍ମୋଚିତ

**ବୋରିଗୁମ୍ମା, ୨୯।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜୁନିଅର ବେସିକ ସ୍କୁଲ ବୋରିଗୁମ୍ମା ପରିସର ମଧ୍ୟରେ ଏନ ତ୍ରିଶା ତନ୍ୟା ଲିଖିତ,ଆଇ କେର ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ତୃତୀୟ ପୁସ୍ତକ "ଡିଜାଇନ ଡେଜିରେବଲ ଡେପିକ୍ସନ" ଉନ୍ମୋଚିତ ହୋଇଯାଇଛି।ଏହି ଉନ୍ମୋଚନ ଉତ୍ସବରେ ମୂଖ୍ୟ ଅତିଥି ଭାବେ ବୋରିଗୁମ୍ମା ଉପ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ସଂଯୁକ୍ତା ପଣ୍ଡା, ମୁଖ୍ୟ ବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ସରୋଜ ପ୍ରହରାଜ, ଅନ୍ୟତମ ଅତିଥି ଭାବରେ ଆର ମାଧବ ରାଓ ପଟନାୟକ, ଟେଲିଭିଜନ ତାରକା ପ୍ରକାଶ ମହାନ୍ତି,ଲେଖିକା




ଏନ ତ୍ରିଶା ତନ୍ୟା, ତାଙ୍କ ପିତା ଡ଼,ଏନ ରାଜେଶ କୁମାର,ମାତା ଜି ଗାୟତ୍ରୀ ମଞ୍ଚ ରେ ରହି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ରେ ସାମ୍ପ୍ରତିକ ଯୁବକ ଯୁବତୀଙ୍କ ସମସ୍ୟା, ସେଥିରୁ ମୁକ୍ତି,ତତ ସମ୍ପର୍କିତ କବିତା, ଉକ୍ତି, ସହିତ ଜ୍ୱଳନ୍ତ ଉଦାହରଣ ସହ କିଛି ମୂଲ୍ୟାୟନ କରିବାର ସୁଯୋଗ ଇଂରାଜୀ ଭାଷାରେ ଲେଖା ଯାଇଛି। ଏହି ପୁସ୍ତକ ଟି ଅନ ଲାଇନ ମାଧ୍ୟମରେ ଫ୍ଲିପକାର୍ଟ,ଆମାଜନ ସାଇଟରେ ସାରା ଦେଶରେ ଉପଲବ୍ଧ ହେବ। ଏହି ଉତ୍ସବ ରେ ସତ୍ୟ ଆଚାରି, ଅଶୋକ ଷଡଙ୍ଗୀ,ମନୋଜ ବିଶୋଇ, ସନ୍ତୋଷ ନାୟକ, ଜି ରବିକାନ୍ତ, ବିଜୟ ରଥ, ହରେକୃଷ୍ଣ ମହାରଣା, ରାଧେଶ୍ୟାମ ସାର, ସୁପ୍ରିୟା ରଥ, ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶିବ ରଞ୍ଜନ ପଣ୍ଡା, ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା,ପ୍ରାଥମିକ ଶିକ୍ଷକ ସଂଘ ର କିଶୋର ସାହୁ, ଏନ କାମେଶ୍ୱର ରାଓ, ଲୋକନାଥ ବେହେରା, ସିତୁ ରଥ, ସୁମନ୍ତ ଶତପଥୀ,ମୃତ୍ୟୁଞ୍ଜୟ ପଣ୍ଡା ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ରେ ସ୍ୱାସ୍ତିକ ପଟନାୟକ ଓ ସିମ୍ରନ ଜେନା ମଞ୍ଚ ପରିଚାଳନା କରିଥିଲେ।ତ୍ରିଶା ତନ୍ୟାର ବନ୍ଧୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ।

## ଜେନିଥ ଇଣ୍ଟରନାସନାଲ ସ୍କୁଲର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୨୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜେନିଥ ଇଣ୍ଟରନାସନାଲ ସ୍କୁଲର ବାର୍ଷିକ ଉତ୍ସବ 'ଇନ୍ସଫେରିଆ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ପ୍ରତିଷ୍ଠିତ ସାହିତ୍ୟିକ, ଶିକ୍ଷାବିତ ଶ୍ରୀଧର ସାମଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ମଡେଲ କଳାକାର ସିଦ୍ଧାର୍ଥ ସାହୁ, କଣ୍ଠଶିଳ୍ପୀ ଲୋପାମୁଦ୍ରା ଦାସ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମନୋରଞ୍ଜନ କଳା ପରିବେଷଣ କରିଥିଲେ । ସ୍କୁଲର ମୁଖ୍ୟ ଉପଦେଷ୍ଟା ରଣେନ୍ଦ୍ର କୁମାର ସ୍ୱାଇଁ ଓ କମଳାକାନ୍ତ ସାହୁ, ପରିଚାଳନା କମିଟି ସଭାପତି ଇଂ ଚିତ୍ତରଞ୍ଜନ ରଥ, ନିର୍ଦ୍ଦେଶକ ରାୟବାହାଦୁର ବିକ୍ରମ କେଶରୀ ପ୍ରମୁଖ ମଞ୍ଚାସୀନ ଥିଲେ । ସ୍କୁଲର ବାର୍ଷିକ ପତ୍ରିକା "ଜେନିସ୍ଥା" ର ଉନ୍ମୋଚନ କରାଯାଇଥିଲା । ଅଧ୍ୟକ୍ଷ ଦିଲୀପ କୁମାର ମିଶ୍ରଙ୍କ ପୌରହିତ୍ୟ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ବରିଷ୍ଠ ଶିକ୍ଷକ ପ୍ରେମାନନ୍ଦ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉତ୍ସବକୁ ଶବ୍ଦର ତରଙ୍ଗରେ ସଂଯୋଜିକା ସଂଯୁକ୍ତା ସାହୁ ଓ ତୁଳସୀ କ୍ଷେତ୍ରୀଲଙ୍କ ଭୂମିକା ହୃଦୟସ୍ପର୍ଶୀ ଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାମାଜିକ ସଚେତନତା ଧର୍ମୀ କ୍ଷୁଦ୍ର ନାଟକ ଏବଂ ରଂଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା।

## ଉଚ୍ଛେଦ ଆରମ୍ଭ କଲା ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ

**ଖୋର୍ଦ୍ଧା, ୨୯।୧୨ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ସହରକୁ କ୍ୟାବିନ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିସେମ୍ବର ୧୦ ତାରିଖ ଦିନ ପ୍ରଥମେ ଉଦ୍ୟମ ଆରମ୍ଭ କରାଯାଇଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ମହାସଂଘ ଏବଂ ବିଭିନ୍ନ ଦଳର ରାଜନେତା ମାନଙ୍କ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯାଇଥିଲା। ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟାକୁ ସାମୁହିକ ଭାବରେ ସ୍ଥଗିତ ରଖାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ବ୍ୟବସାୟୀ ମହାସଂଘ ପକ୍ଷରୁ କ୍ୟାବିନ ବ୍ୟବସାୟୀ ମାନଙ୍କୁ ଥଇଥାନ ନକରିବା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରଖିବା ନିମନ୍ତେ ଓଡିଶା ଉଚ୍ଚ ନ୍ୟାୟଳୟରେ ଏକ ରିଟ ପିଟିସନ ଡବ୍ଲୁ.ପି.(ସି) ନଂ -୩୧୪୯୪/୨୦୨୪ ଦାଖଲ କରାଯାଇଥିଲା, ଯାହାକୁ ଉଚ୍ଚ ନ୍ୟାୟାଳୟ ବିଭିନ୍ନ କାରଣ ଦର୍ଶାଇ ଖାରଜ କରିଦେଇଥିଲେ। ଫଳରେ ରାସ୍ତା କଡର କ୍ୟାବିନ ବ୍ୟବସାୟୀମାନଙ୍କୁ ଉଚ୍ଛେଦ ନିମନ୍ତେ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଥିଲା। ଦୀର୍ଘ ତିରିଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କ୍ୟାବିନ ବ୍ୟବସାୟୀମାନଙ୍କୁ ନେଇ



ରାଜନୀତି କରୁଥିବା ସ୍ଥାନୀୟ ରାଜନେତା ମାନଙ୍କର ନିଦ ହଜି ଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ପୁରୁଣା ଆଲ୍ଲାହବାଦ ବ୍ୟାଙ୍କ ନିକଟ ମାରୱାଡି ପଟି ଠାରୁ ଆରମ୍ଭ କରି ସମବାୟ ବ୍ୟାଙ୍କ ଦେଇ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ୧୬୬ ଜଣ ରାସ୍ତାକଡ଼ର କ୍ୟାବିନ ବ୍ୟବସାୟୀଙ୍କୁ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଚିହ୍ନଟ କରାଯିବା ସହିତ ସେମାନଙ୍କୁ ଥଇଥାନ କରିବା ନିମନ୍ତେ ଖୋର୍ଦ୍ଧା ସହର ମଧ୍ୟରେ ଥିବା ଭାଲିଆବାଡ଼ି ଏବଂ ଟି.ଏଲ. ସି. ରାସ୍ତା ନିକଟରେ ଭେଣ୍ଡି ଜୋନ ନିର୍ମାଣ କରାଯାଇଛି। କିଛି କ୍ୟାବିନ ବ୍ୟବସାୟୀ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ବ୍ୟକ୍ତିଗତ ଭାବେ ଓଡିଶା ଉଚ୍ଚ ନ୍ୟାୟଳୟରୁ ଫେବୃୟାରୀ ମାସ ଶେଷ ପର୍ଯ୍ୟନ୍ତ ରହିତାଦେଶ ଆଣିଥିବାରୁ ସେମାନଙ୍କୁ ବାଦ ଦେଇ ଆଜି ସକାଳୁ ୬ ପ୍ଲାଟୁନ ପୁଲିସ ଫୋର୍ସ ସହିତ ଖୋର୍ଦ୍ଧା ଉପ ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି, ତହସିଲଦାର ଖୋର୍ଦ୍ଧା ବିଭାସ ରଞ୍ଜନ ପାଣିଗ୍ରାହୀ, ତହସିଲଦାର ବେଗୁନିଆ ତାପସ କୁମାର ବିଶି, ଅତିରିକ୍ତ ତହସିଲଦାର ଖୋର୍ଦ୍ଧା ଡ଼ି ଗୋପାଳ ରେଡ୍ଡୀ, ଅତିରିକ୍ତ ତହସିଲଦାର ବେଗୁନିଆ ନିହାର ରଞ୍ଜନ ସାମଲ,ସହକାରୀ ଜିଲ୍ଲାପାଳ ଖୋର୍ଦ୍ଧା ଅମୀର କୁମାର ଦାସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ଏବଂ ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ରିଜୁଆନ କବଅବ, ଜିଲ୍ଲା ପୁଲିସ ପ୍ରଶାସନର ବରିଷ୍ଠ ପୁଲିସ ଅଧିକାରୀ, ସମସ୍ତ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟା ସମୟରେ ଆତ୍ମହୁତି ଦେବା ପାଇଁ ଉଦ୍ୟମ କରୁଥିବାବେଳେ କେତେକ ପରିବା ବ୍ୟବସାୟୀଙ୍କୁ ଉଠାଇ ନେଇଛି ପୁଲିସ। ଫଳରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।

## ବାନରସେନା ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

**କୋଣାର୍କ, ୨୯।୧୨ (ସଂଚାର ବ୍ୟୁରୋ):** କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷ ଠାରେ ପିଲାଙ୍କ ଖବରକାଗଜ ବାନରସେନା ପକ୍ଷରୁ ୩୭ତମ ସାରସ୍ୱତ ସମାରୋହ ଅବସରରେ ବାନରସେନା ଶିଶୁ ପତ୍ରିକା ଉନ୍ମୋଚନ, ଶିଶୁ କବିତା ପାଠୋତ୍ସବ, ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି।



ବାନରସେନା ଶିଶୁ ଖବର କାଗଜର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ। ଏହି ପ୍ରତ୍ରିକା ୩୭ବର୍ଷ ବୟସରେ ଶିଶୁ ହୋଇ ରହିଛି ତାହା ସର୍ବଦା ଶିଶୁ ହୋଇ ରହିଥାଉ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ସ୍ଥିତ କିଟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ତଥା ଶ୍ରୀସାହିତ୍ୟର ସଂପାଦକ ଶ୍ରୀକୃଷ୍ଣ ନାୟକ, କିଟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ କବି ରକ୍ଷକ ନାୟକ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ବିଶିଷ୍ଟ ଶିଶୁ ସାହିତ୍ୟକ ଅନ୍ତର୍ଯ୍ୟାମୀ ପ୍ରଧାନ, ଓଡିଶା ଖଣି ନିଗମ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ବେହେରା ଓ ଶିକ୍ଷାବିତ ହରିହର ସାହୁ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କ ପାଇଁ ବାନରସେନା ଖବରକାଗଜର କାର୍ଯ୍ୟଧାରା ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏହା ଶିଶୁ ମାନଙ୍କ ପ୍ରତିଭାର ବିକାଶ ଓ ସମାଜରେ ସେମାନଙ୍କ ପରିଚୟ ସୃଷ୍ଟି ଦିଗରେ ନିରନ୍ତର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାରସ୍ୱତ ସାଧକ, ସାଧିକା, ଶିକ୍ଷାବିତ କ୍ରୀଡା ସଂଗଠକ ଓ ଶିଶୁ ପ୍ରତିଭା ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଫୁଲତୋଡା ଓ ଔପଢକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।




## ରାଜାଙ୍କ ନୂଆ ଫର୍ମୁଲା



ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ରାଜା କନକ ବର୍ଦ୍ଧନ ସିଂହଦେଓଙ୍କ ଫର୍ମୁଲା ଏବେ ରାଜ୍ୟର ଚାଉଳକଳ ମାଲିକମାନଙ୍କ ନିଦ ହଜାଇ ଦେଇଛି। ରାଜା ସିଧା ସିଧା ଶୁଣାଇ ଦେଇଛନ୍ତି ଯଦି ଚାଷୀଙ୍କ ଧାନକୁ ମଣ୍ଡିରୁ ଉଠାଇବ ନାହିଁ ତେବେ ତୁମ ଚାଉଳ କଳରୁ ଲାଇନ୍ କାଟି ଦିଆଯିବ। ରାଜାଙ୍କ ହାତରେ କୃଷି ବିଭାଗ ସହିତ ବିଜୁଳି ବିଭାଗ ରହିଛି। ଗୋଟିଏ ପଟେ ରାଜା ଧାନ ଉତ୍ପାଦନ କରୁଥିବା ବେଳେ ତାହା କିଭଳି ବିକ୍ରି ହେବ ସେହି ଚିନ୍ତା ତାଙ୍କୁ ଘାରିଛି। କାରଣ ରାଜାଙ୍କ ଇଲାକା ବଲାଙ୍ଗିରରେ ରେକର୍ଡ ପରିମାଣ ଧାନ ଫଳିଥାଏ। ଏଥର ସରକାର ବି ଧାନ କୁଇଣ୍ଟାଲ ୩୧୦୦ ଟଙ୍କା କରିଛନ୍ତି। ହେଲେ ଚାଷୀମାନେ ଧାନ ବିକିଲା ବେଳକୁ ମିଲରମାନେ ଲୁଚକାଳି ଖେଳୁଛନ୍ତି। ରାଜା ନିଜେ ବଲାଙ୍ଗିର ଯାଇଥିବାବେଳେ ମିଲରଙ୍କ ଏଭଳି ନାଟକବାଜି ଦେଖି କୋପାନଳ ହୋଇଥିଲେ। ସିଧା ସିଧା ଶୁଣାଇ ଦେଇଛନ୍ତି ଧାନ ନଉଠାଇଲେ ମୁଁ ତୁମ କଳରୁ ଲାଇନ୍ ତାର ଉଠାଇ ଆଣିବି। ଚାଉଳକଳ ମାଲିକାମାନେ ରାଜାଙ୍କ କଥାକୁ ସେତେଟା ଗୁରୁତ୍ୱ ଦେଇନଥାନ୍ତେ, ହେଲେ ରାଜାଙ୍କ ହାତରେ ବିଜୁଳି ବିଭାଗ ଥିବାରୁ ଏବେ ସେମାନଙ୍କ ଅକଲ ଗୁଡୁମ୍ ହୋଇଛି। ଏହାକୁ ଏବେ ଲୋକେ ରାଜାଙ୍କ ନୂଆ ଫର୍ମୁଲା ବୋଲି କହୁଛନ୍ତି।

## ଭୁଲି ପାରୁନାହାନ୍ତି ପାଦୁଛୁଆଁ ସଂସ୍କୃତି



ନେତାଙ୍କ ପାଦ ଛୁଇଁବା କଥା ଉଠିଲେ ଆଖିଆଗରେ ବିଜେଡି ନେତା ମାନଙ୍କ ଦୃଶ୍ୟ ନାଚି ଉଠେ। କାରଣ ପାଦ ଛୁଇଁବା ସେମାନଙ୍କର ପୁରୁଣା ସଂସ୍କୃତି। ପ୍ୟାରୀ ବାବୁଙ୍କର ପାଦ ଛୁଇଁ ଥୋକେ ଉପରକୁ ଉଠିଥିବାବେଳେ ଆଉ ଥୋକେ ସାନ ବଡ ନବିଚାରି ସନ୍ୟାସୀଙ୍କ ପାଦ ଛୁଇଁବାକୁ ପ୍ରତିଯୋଗିତା କରିଥିଲେ। କିଏ ଚାମ୍ବର ଭିତରେ ତ ଆଉ କିଏ ଖୋଲା ସଭାରେ ସନ୍ୟାସୀଙ୍କ ପାଦକୁ ଧରି ପକାଉଥିଲେ। ସନ୍ୟାସୀ ବି ଏହାର ବେଶ ମଜା ଉଠାଉଥିଲେ। ଏବେ ନୂଆ ସରକାର ଆସିବାପରେ କେତେକ ସ୍ଥାନରେ ବି ସେହି ଦୃଶ୍ୟ ଦେଖିବାକୁ ମିଳୁଛି। ନିକଟରେ ପାରାଦୀପ୍ ଠାରେ ଅନୁଷ୍ଠିତ ଏକ ସଭାରେ ବିଜେଡିରୁ ରାତାରାତି ଆସି ବିଜେପିର ବିଧାୟକ ହୋଇଥିବା ନେତା ଜଣଙ୍କ କେନ୍ଦ୍ରମନ୍ତ୍ରୀଙ୍କ ପାଦ ଛୁଇଁବା ପାଇଁ ଠେଲାପେଲା କରିଥିଲେ। ହେଲେ ବିଜେପିରେ ପାଦଛୁଆଁ ସଂସ୍କୃତି ନଥିବାରୁ କେନ୍ଦ୍ରମନ୍ତ୍ରୀ ଜଣଙ୍କ ବିଧାୟକଙ୍କୁ ତାଙ୍କ ପାଦ ଛୁଇଁବାରୁ ରୋକିଦେଇଥିଲେ। କିନ୍ତୁ ବିଧାୟକଙ୍କ ଅବସ୍ଥା ଦେଖି ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ କହୁଥିଲେ, ବିଧାୟକ ସିନା ଦଳ ବଦଳାଇ ଦେଇଛନ୍ତି, ହେଲେ ପାଦଛୁଆଁ ସଂସ୍କୃତିକୁ ଭୁଲିପାରୁ ନାହାନ୍ତି।

## ପରିବେଶ ବୋର୍ଡରେ ନିଯୁକ୍ତି ପ୍ରଦୂଷଣ




ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସାରା ରାଜ୍ୟରୁ ପ୍ରଦୂଷଣ ହଟା କାମରେ ଲାଗିଥିବାବେଳେ ଢୋଲ ଭିତରେ ମୂଷା ଭଳି ନିଜ ଦପ୍ତରରେ କିନ୍ତୁ ନିଯୁକ୍ତି ପ୍ରଦୂଷଣ ବ୍ୟାପିବାରେ ଲାଗିଛି। ଠିକା ନିଯୁକ୍ତି ପ୍ରଦୂଷଣ ଏତେ ମାତ୍ରାରେ ହୋଇଛି ଯେ ତାହାକୁ ନିୟନ୍ତ୍ରଣ କରିବାକୁ କାହାର ସାହସ କୁଳାଉ ନାହିଁ। ପ୍ରଦୂଷଣ ବୋର୍ଡର କିଛି ବାବୁ କରୁଥିବା ଆଲୋଚନା ଅନୁଯାୟୀ ଜଣେ ପୂର୍ବତନ ଅଧିକାରୀ ତାଙ୍କ ଚାକିରିକାଳ ଭିତରେ ବୋର୍ଡକୁ ଗୋଟିଏ ପରିବାର କରିଦେଇଛନ୍ତି। ଠିକା ନିଯୁକ୍ତି ପାଇଥିବା ୩୮୫ ଜଣଙ୍କ ମଧ୍ୟରୁ ଅଧିକାଂଶ ହେଉଛି ବୋର୍ଡ ଅଧିକାରୀ, କର୍ମଚାରୀଙ୍କ ସମ୍ପର୍କୀୟ। କିଏ କାହାର ଶଳା ତ ଆଉ କିଏ ଶାଳୀ। ଭାଇ, ପୁତୁରା ଆଦି ତ ମାଳ ମାଳ। ଏ ବାବଦରେ ବାବୁ କୁଆଡେ ଭଲ ରୋଜଗାର ବି କରିଛନ୍ତି। ଯେହେତୁ ସମସ୍ତେ ସମ୍ପର୍କୀୟ ତେଣୁ ଅଳ୍ପରେ କାମ ସାରିଦେଇଛନ୍ତି। ଘର କଥା ବି ବାହାରକୁ ସହଜରେ ଯାଇପାରି ନାହିଁ। ଠିକା ନିଯୁକ୍ତି ପାଇଥିବା କିଛି କର୍ମଚାରୀ ନିୟମିତ ହେବାପାଇଁ ଉଦ୍ୟମ କରିବାରୁ ଘର କଥା ଏବେ ବାହାରକୁ ଆସିଛି। ବର୍ତ୍ତମାନର କିଛି ବାବୁ ଏହି ପ୍ରଦୂଷଣ ହଟାଇବାକୁ ଉଦ୍ୟମ କରି ବିଫଳ ହେଲେଣି। ଆଉ କିଛି ବାବୁ କହୁଛନ୍ତି, ତାପଜ କେନ୍ଦ୍ର ପ୍ରଦୂଷଣକୁ ସିନା ଗୋଟିଏ ଚିଠିରେ ରୋକିହେବ ହେଲେ ଏଠାରେ ଯେଉଁ ନିଯୁକ୍ତି ପ୍ରଦୂଷଣ ହୋଇଛି ତାକୁ ରୋକିଲା ବେଳକୁ ଅନେକଙ୍କର ଚାକିରି ସରିଯାଇଥିବ।

## କୃଷ୍ଣଙ୍କୁ ପଡିଛି ଶନି ଦଶା



ବରିଷ୍ଠ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ କୁଆଡେ ଶନି ଦଶା ପଡିଛି। ତାଙ୍କର କାଳ ବେଳା ଠିକ୍ ଚାଲିନାହିଁ। ଏକଥା ଆମେ କହୁନାହୁଁ, ତାଙ୍କରି ହାତରେ ଥିବା ବିଭାଗର କିଛି କର୍ମଚାରୀ ଆଲୋଚନା କରୁଥିବାବେଳେ ଆମ କାନରେ ଏହା ପଡିଲା। ଆଲୋଚନାର ସାର ମର୍ମ ହେଲା ବାବୁଙ୍କ ହାତରେ ଯୋଗାଣ ବିଭାଗ ପଡିବା ଦିନ ଠାରୁ ବାବୁଙ୍କୁ ଏକ ପ୍ରକାର ଶନିଦଶା ପଡିଯାଇଛି। ପୂର୍ବ ସରକାରର କଳା କର୍ମକୁ ବାବୁ ମୁଣ୍ଡାଇ ଚାଲିଛନ୍ତି। ଶନି ପ୍ରଥମେ ଆଳୁ ରୂପରେ ବାବୁଙ୍କ ଉପର ସବାର ହେଲେ। ବାବୁ ବିଚରା ଆଳୁ କୁ ନେଇ ବହେ ହଲାପଟା ହେଲେ। ୨୫ବର୍ଷର ବିଜେଡି ସରକାରଙ୍କର ଆଳୁ ଦୋଷରୁ ମୁକ୍ତ ହେଉ ହେଉ ଅଦିନିଆ ବର୍ଷା ଏବେ ବାବୁଙ୍କ ପାଇଁ ନୂଆ ଶନି ଭାବେ ଆସିଯାଇଛି। କାରଣ ବାବୁଙ୍କ ବିଭାଗ ଧାନ କିଣେ। ଏବେ ବର୍ଷାମାଡ ଖିଆ ଧାନ କେମିତି କିଣା ହେବ ତାହାକୁ ନେଇ ବାବୁ ନାକେଦମ ହେଲେଣି। ସହଜେ ତ ମଣ୍ଡିରୁ ଧାନ ଉଠିବା ନେଇ ବାବୁ ଚାପରେ ଥିଲେ, ତା ସାଙ୍ଗକୁ ବର୍ଷା ଯୋଡିହୋଇ ଯାଇଛି। ଆଉ କିଛି କର୍ମଚାରୀ କହୁଥିଲେ ଏ ବିଭାଗଟା କୁଆଡେ ବାବୁଙ୍କୁ ସୁହାଉନି। ବିଭାଗ ସହିତ ବିବାଦ ବାବୁଙ୍କ ନାଁରେ ଯୋଡିହୋଇ ଗଲାଣି। ମଉକା ଦେଖି ବାବୁ ବିଭାଗଟି ବଦଳାଇ ଦେଲେ ଭଲ ହେବ।

## ରାୟଗଡାରେ ତାଲିମ ପିକ୍‌ନିକ୍




ବର୍ଷ ଶେଷ ସମୟରେ ପିକ୍‌ନିକ୍ କଥାଟି ଜୋରଦାର ଆଲୋଚନା ହୋଇଥାଏ। ହେଲେ ତାଲିମ ପିକ୍‌ନିକ୍ କଥାଟି ଟିକେ ଅବାଗିଆ ଲାଗୁଥିଲେ ବି ଘଟଣାଟି ଶହେ ପ୍ରତିଶତ ସତ। ଏ ତାଲିମକୁ କିଛି ବାବୁ ପିକ୍‌ନିକ୍‌ର ଆଖ୍ୟା ଦେଇଛନ୍ତି। ତେବେ ଅସଲ ଘଟଣାଟି ହେଉଛି ରାଜ୍ୟର କିଛି ଛୋଟ ବାବୁ ଅର୍ଥାତ୍ ନବନିଯୁକ୍ତ ଓଏଏସ୍ ତାଲିମ ନେଉଛନ୍ତି। ତାଲିମର ଶେଷ ପର୍ଯ୍ୟାୟରେ ରହିଛି ଗାଁରେ ରହିବାର ତାଲିମ। ବାବୁମାନେ ସାତ ଦିନ ବିଭିନ୍ନ ପଞ୍ଚାୟତରେ ଅବସ୍ଥାନ କରିବେ। ଗାଁ ଲୋକଙ୍କ ସହିତ ମିଶିବେ। ସେମାନଙ୍କ କଥା ବୁଝିବେ ଓ ତୃଣମୂଳ ସ୍ତରର ସମସ୍ୟା ସବୁ ଦେଖି ଓ ବୁଝି ତାକୁ ଆଗାମୀ ୩୦ବର୍ଷ କାମରେ ଲଗାଇବେ। ହେଲେ ସବୁ ତାଲିମ ବାବୁମାନଙ୍କୁ ତାଲିମଦାତାମାନେ ରାୟଗଡା ଜିଲ୍ଲାକୁ ପଠାଇଛନ୍ତି। ଏଭଳି ନିର୍ଦ୍ଦେଶ ପାଇ ଛୁଆ ବାବୁମାନେ ବି ଅବାକ। ରାଜ୍ୟର ଆଉ ୨୯ଟି ଜିଲ୍ଲା ଥିବାବେଳେ କେବଳ ରାୟଗଡା କାହିଁକି ? ଏହାର ରହସ୍ୟ ଅନେକ ଭେଦ କରିପାରୁନଥିବାବେଳେ ଏହାକୁ ତାଲିମ ନୁହେଁ, ବର୍ଷ ଶେଷର ପିକ୍‌ନିକ୍ ବୋଲି କହୁଛନ୍ତି। ତେବେ ବାବୁମାନେ ଯିବାର ଖବର ଗଣମାଧ୍ୟମ ନିକଟରେ ପହଞ୍ଚିଥିବାରୁ ପିକ୍‌ନିକ୍ କିଭଳି ହେବ ତାହାର ସୂଚନା ଅବଶ୍ୟ ରାଜ୍ୟବାସୀ ଜାଣିପାରିବେ। ହେଲେ ଏମିତିଆ ତାଲିମକୁ ନେଇ ଗୋପବନ୍ଧୁ ପ୍ରଶାସନର ବାବୁମାନଙ୍କ ବୁଦ୍ଧିକୁ ବି ଅନେକ ତାରିଫ ନକରି ରହିପାରୁ ନାହାନ୍ତି।

# ତିଳକୁ ତାଳକଲେ ତୁଷାର ଜବାବ ଦେଲେ ସୁରଜ

**ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମର ଆଥଲେଟିକ ଟ୍ରାକରେ ଗାଡ଼ି ବୁଲିବା ନେଇ ରାଜନୀତି ଜୋର୍ ଧରିଛି । ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ରାଜ୍ୟସରକାରଙ୍କୁ କଟାକ୍ଷ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, କିଛି ଜରୁରୀ ଓ ଅସ୍ୱାଭାବିକ ପରିସ୍ଥିତି ଥିଲା। ସେଥିପାଇଁ ଟ୍ରାକରେ ଗାଡ଼ି ଛିଡ଼ା ହେଇଥିଲା।



କ୍ରୀଡ଼ାମନ୍ତ୍ରୀ ସୁରଜଙ୍କୁ କାଉଣ୍ଟର କରି ଶ୍ରୀ ବେହେରା କହିଛନ୍ତି, ଯଦି କୌଣସି ମେଡିକାଲ ଏମରଜେନ୍ସି ଥିଲା, ତାହେଲେ ମନ୍ତ୍ରୀ ତାହାର ତଥ୍ୟ ଦିଅନ୍ତୁ। ମନ୍ତ୍ରୀ ମଧ୍ୟ ଜଣେଇ ଦେଇଛନ୍ତି ଯେ ରାଜ୍ୟରେ ମେଡ଼ିକାଲ ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା ଭୁଶୁଡ଼ି ପଡ଼ିଲାଣି। ସେଥିପାଇଁ ମନ୍ତ୍ରୀଙ୍କ ଗାଡ଼ି ବ୍ୟବହାର କରିବାକୁ ପଡୁଛି। ମନ୍ତ୍ରୀ ଏଥିପାଇଁ ନିଜେ ଦାୟୀ। ସେ ନିଜ ଉପରୁ ଦୋଷ ଖସେଇବା ପାଇଁ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏଥିରୁ ଜଣାପଡୁଛି, ସରକାର କ୍ରୀଡାକୁ କେତେ ଗୁରୁତ୍ୱ ଦେଉଛନ୍ତି।

ଅନ୍ୟପକ୍ଷରେ ଏକ ସାଧାରଣ ଘଟଣାରେ ତିଳକୁ ତାଳ କରୁଛନ୍ତି ତୁଷାରକାନ୍ତି। ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତାଙ୍କର ଦାୟିତ୍ୱ ଅପସାରଣ ପରେ ଟିକେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ସେ କହିଛନ୍ତି, ଖେଳାଳୀ ଓ କର୍ମଚାରୀଙ୍କ ଗୋପନୀୟତା ଦୃଷ୍ଟିରୁ ଏହାକୁ କୁହାଯିବ ନାହିଁ। କଳିଙ୍ଗ ଷ୍ଟାଡିୟମ ବହୁ ଦିନ ଧରି କାହିଁକି ଜନସାଧାରଣଙ୍କ ପାଇଁ ପାଇଁ ବନ୍ଦ ହୋଇଥିଲା ବୋଲି ସୁରଜ ପ୍ରଶ୍ନ କରିଛନ୍ତି। ପୂର୍ବତନ ସରକାର ସମୟରେ କଳିଙ୍ଗ ଷ୍ଟାଡିୟମ ସାଧାରଣ ଜନତାଙ୍କ ପାଇଁ ବନ୍ଦ ରଖାଯାଇଥିଲା। କେବଳ ଅଫିସରମାନେ ଟ୍ରାକ୍‌ରେ ଚାଲୁଥିଲେ। ପାଣ୍ଡିଆନ ଓ ତାଙ୍କ ପତ୍ନୀଙ୍କ ପାଇଁ ଥିଲା ସ୍ପେଶାଲ ଜିମ୍। ଟ୍ରାକ୍‌ରେ ଦୌଡୁଥିଲେ। କିନ୍ତୁ ଯେଉଁମାନଙ୍କ ପାଇଁ କଳିଙ୍ଗ ଷ୍ଟାଡିୟମ୍ ଉଦ୍ଦିଷ୍ଟ ସେମାନଙ୍କୁ ଅଣଦେଖା କରାଯାଉଥିଲା। ଆଥଲେଟ୍‌ମାନେ ସୁଯୋଗ ପାଉ ନ ଥିଲେ। ବର୍ଷବର୍ଷ ଧରି ଏପରି ଚାଲିଥିଲା। କେହି ମୁଁହ ଖୋଲୁ ନ ଥିଲେ। ଏବେ ଘଟଣାକୁ ଅତିରଞ୍ଜିତ କରାଯାଉଛି। କଳିଙ୍ଗ ଷ୍ଟାଡିୟମ କ'ଣ କେବଳ ଅଫିସରଙ୍କ ପାଇଁ ବୋଲି ସୁରଜ ପ୍ରଶ୍ନ କରିଛନ୍ତି।

## ୩୧ ଓ ୧ରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ



**ପୁରୀ, ୨୯।୧୨ (ସଂଚାର ବ୍ୟୁରୋ):** ପାଖେଇ ଆସୁଛି ନୂଆବର୍ଷ। ଏହା ପୂର୍ବରୁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ବର୍ଷର ଶେଷ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସାରା ଦେଶରୁ ଲୋକେ ଆସି ପହଞ୍ଚୁଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକ ଯାଏଁ ବ୍ୟାରିକେଡ୍ କରାଯାଇଛି। ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ସଦ୍ୟତମ ସୂଚନା ଅନୁଯାୟୀ, ୩୧ ଓ ୧ ତାରିଖରେ ସାଧାରଣ ଭକ୍ତ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଅନ୍ୟ ୩ ଦ୍ୱାର ଦେଇ କେବଳ ପ୍ରସ୍ଥାନ କରିବେ। ତେଣେ ନୂଆବର୍ଷରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁରୀରେ ୬୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଦୁଇ କମାଣ୍ଡାଣ୍ଟ ରାଙ୍କର ଅଧିକାରୀଙ୍କ ସମେତ ୧୦ ଅତିରିକ୍ତ ଏସ୍‌ପି, ୩୩ ଡିଏସ୍‌ପି, ୬୨ ଇନ୍ସପେକ୍ଟର, ୨୪୫ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୩୦ ହାବିଲଦାର, ୨୯୦ ଜଣ କନଷ୍ଟେବଳ ମୁତୟନ ରହିବେ। ଶ୍ରୀମନ୍ଦିର ପରିସରରେ ୨ ଭାଗରେ ପୁଲିସ ମୁତୟନ ହୋଇଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ଆଣ୍ଟି ସ୍ନାଚିଂ ଟିମ୍ ମୁତୟନ ରହିବେ। ବିଭିନ୍ନ ସ୍ଥାନରେ ପୁଲିସ ତରଫରୁ ନାକାବନ୍ଦି କରାଯାଉଛି। ଏହାସହ ସମୁଦ୍ର କୂଳରେ ସ୍ୱତନ୍ତ୍ର ଆଉଟ ପୋଷ୍ଟ ରହିବ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ରାଂଚଳ ଡିଆଇଜି ଚରଣ ସିଂହ ମିନା।

## କ୍ଷୟକ୍ଷତି ଅନୁଧ୍ୟାନ କଲେ ଦୁଇ ମନ୍ତ୍ରୀ



**କେନ୍ଦ୍ରାପଡ଼ା/ରାଜନଗର/ବାଲିଅନ୍ତା, ୨୯।୧୨(ସଞ୍ଚାରବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡ଼ା, ଯାଜପୁର ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଖୋର୍ଦ୍ଧା ଜିଲ୍ଲାର କ୍ଷତିଗ୍ରସ୍ତ ଫସଲ ବୁଲି ଦେଖିଛନ୍ତି। ଏହା ସହିତ ସଦର ମହକୁମା ସ୍ଥିତ ପ୍ରଦକ୍ଷଣ ଭବନରେ ସମୀକ୍ଷା କରିଛନ୍ତି। ରବିବାର ଅପରାହ୍ଣରେ ଶ୍ରୀ ପାତ୍ର କେନ୍ଦ୍ରାପଡାର ଜଷ୍ଟିଲୋ, ପଟ୍ଟାମୁଣ୍ଡାଇର ମୂଳବସନ୍ତ, ରାଜନଗରର ମହିଷାସୁର ଯାଇ ଜମିରେ ଚାଷୀମାନଙ୍କ ସହ



ଆଲୋଚନା କରିଛନ୍ତି ଏବଂ କ୍ଷତି ଅନୁଧ୍ୟାନ କରି ଉଚିତ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ରାଜନଗରରେ ପହଁଚିବା ପରେ ମନ୍ତ୍ରୀ ଶ୍ରୀ ପାତ୍ର ନିକଟସ୍ଥ ମହିଁଷାସୁର ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷଜମିର ଫସଲ ଦେଖିବା ସହିତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କ୍ଷୟକ୍ଷତିର ସବିଶେଷ ରିପୋର୍ଟ ମିଳିବା ପରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହାସହିତ ପ୍ରଦକ୍ଷଣ ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ପାତ୍ର ଯୋଗଦେଇ ଫସଲ କ୍ଷତି ସଂପର୍କରେ ଆଲୋଚନା କରିଥିଲେ। ଜିଲ୍ଲାରେ ମୋଟ୍ ୧ ଲକ୍ଷ ୨୪ ହଜାର ୫୫୭ ହେକ୍ଟର ଜମିରେ ଧାନ ଚାଷ କରା ଯାଇଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୫ ହଜାର ରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଚାଷୀଙ୍କ ୨୯୫ ହେକ୍ଟର ଜମିରେ ଫସଲ କ୍ଷତି ହୋଇଛି । ବୀମାଭୁକ୍ତ ଓ ବୀମା କରି ନଥିବା ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ ଏବଂ ସର୍ଭେ ସମୟରେ ଚାଷୀଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରିବାକୁ ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ

ସମବାୟ ଶ୍ରୀ ବଳ ସାମନ୍ତ ଆଜି ଜୟଦେବ ନିର୍ବାଚନମଣ୍ଡଳୀର ଗସ୍ତ କରି ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଧାନ ଓ ପନିପରିବା ଫସଲ ଅନୁଧ୍ୟାନ କରିଥିଲେ। ମନ୍ତ୍ରୀ ପୂରଣପଧାନ ପଞ୍ଚାୟତର ଶିଶିଲୋ, ବୋଧଖଣ୍ଡି ମୌଜା, ପୁରୋହିତପୁର, ଜିତେନା, ବାରିଜଙ୍ଗ ଆଦି ଅଞ୍ଚଳରେ କ୍ଷତିଗ୍ରସ୍ତ ଧାନଫସଲ ବୁଲି ଦେଖିଥିଲେ। ଏହାପରେ ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତରେ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ମନ୍ତ୍ରୀଙ୍କୁ ଚାଷୀମାନେ ନଷ୍ଟ ହୋଇଯାଇଥିବା ଧାନ ହଳା ଦେଖାଇ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ମନ୍ତ୍ରୀଙ୍କ ସହିତ ଖୋର୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା, ସମବାୟ ଏବଂ କୃଷି ବିଭାଗ ପଦସ୍ଥ ଅଧିକାରୀ, ସାଂସଦଙ୍କ ପ୍ରତିନିଧି ଶିବ ମଲ୍ଲିକ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଥିଲେ।

# ଦବଦବା ଜାହିର କରିବାକୁ ରାସ୍ତାରୋକ



**ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ):** ଚୋରି ଉପରେ ସିନାଜୋରୀ। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ହୋଇଥିବା ପ୍ରତିବାଦ ଓ ରାସ୍ତାରୋକକୁ ନେଇ ଏଭଳି ଚର୍ଚ୍ଚା ହେଉଛି। ସରକାରରେ ଥିବା ବେଳେ ଆଇନକୁ ହାତରେ ଧରି ବଲ ଭଳି ଖେଳୁଥିଲେ। ଏବେ ସରକାରରୁ ଯିବା ପରେ ବି ବୋଧହୁଏ ଅଭ୍ୟାସ ଛାଡିନି। ସବୁ ଆଇନକୁ ଫୁ କରି କ୍ରିକେଟ ଟୁର୍ଣ୍ଣାମେଣ୍ଟ କରୁଥିଲେ। ପ୍ରଶାସନ ହସ୍ତକ୍ଷେପ କରିବାରୁ ଶାସକ ଦଳର ଗୁଣ୍ଡାଗରି କହି ଆନ୍ଦୋଳନ ଓ ତାପରେ ରାସ୍ତାରୋକ। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଂଚଳରେ ଆଜି ଦେଖିବାକୁ ମିଳିଛି ଅପ୍ରୀତିକର ପରିସ୍ଥିତି। ୧୬ତମ ଲକ୍ଷ୍ମୀସାଗର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପ୍ରଶସାନ ବନ୍ଦ କରିବାରୁ ଆନ୍ଦୋଳନକୁ ଓହ୍ଲାଇଥିଲେ କିଛି ସ୍ଥାନୀୟ ଲୋକ। ଏପରିକି ସେମାନେ ଲକ୍ଷ୍ମୀସାଗର ଛକରେ ରାସ୍ତାରୋକ ହେବାରୁ ଦୀର୍ଘ ସମୟ ଧରି ଟ୍ରାଫିକ ପ୍ରଭାବିତ ହୋଇଥିଲା। ପୂର୍ବ ସରକାରରୁ ଆରମ୍ଭ ହୋଇଥିଲା ସବୁ ସ୍କୁଲ ପଡିଆର ରୂପାନ୍ତରଣ। ଏହିସବୁ ପଡିଆକୁ ଓଡିଶା ଖଣି ନିଗମ ସହାୟତାରେ ନବୀକରଣ କରାଯାଇଛି। ତେଣୁ ରାଜଧାନୀରେ ଯେକୌଣସି ପଡିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ କରିବା ପୂର୍ବରୁ ସତର୍କତା ଅବଲମ୍ବନ କରାଯିବା ସହ ଉପଯୁକ୍ତ ଅଧିକାରୀଙ୍କ ଠାରୁ ଅନୁମତି ନିଆଯିବାର ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନର ବିଧାୟକ ଯିଏ କି ବିରୋଧୀ ଦଳରେ ଅଛନ୍ତି, ସେ ଏହି ଟୁର୍ଣ୍ଣାମେଣ୍ଟ କରାଉଥିବାରୁ ପ୍ରାଧିକୃତ ଅଧିକାରୀଙ୍କ ଠାରୁ କୌଣସି ଅନୁମତି ଅଣାଯାଇନଥିବା ଅଭିଯୋଗ ହୋଇଛି। ବିନା ଅନୁମତିରେ ପଡିଆ ମଝିରେ ଖୋଳି କ୍ରିକେଟ ପିଚ୍ ତିଆରି କରାଯାଇଥିଲା। ବିନା ଅନୁମତିରେ ହୁକ ପକାଯାଇ ଫ୍ଲଡ ଲାଇଟ ଲଗାଯାଇଥିଲା। ଏହି ଘଟଣା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ଆସିବାରେ ସେ ପୋଲିସରେ ଅଭିଯୋଗ କରିଥିଲେ। ଫଳରେ ପୋଲିସ ଟୁର୍ଣ୍ଣାମେଣ୍ଟ ବନ୍ଦ କରାଯାଇଥିଲା। ବେଆଇନ କାମ ବନ୍ଦ ହେବାରୁ ବିରୋଧୀ ଦଳର ଜଣେ କାର୍ପେଟଦାର ନେତାଙ୍କ ପ୍ରରୋଚନାରେ ଏହାକୁ ଶାସକ ଦଳର ଗୁଣ୍ଡାଗୀରିର ରୂପ ଦିଆଗଲା। ଆଉ କିଛି ସ୍ଥାନୀୟ ଲୋକଙ୍କୁ ମତାଇ ସେଠାରେ ଆନ୍ଦୋଳନ ଓ ପରେ ରାସ୍ତାରୋକ କରାଗଲା। ଯାହାଦ୍ୱାରା ସାଧାରଣ ଯାତ୍ରୀମାନେ ଦୀର୍ଘ ସମୟ ଧରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ।

## ମହୁମାଛି ଆକ୍ରମଣରେ ଜେଇ ମୃତ



**ବାରିପଦା, ୨୯।୧୨ (ସଂଚାର ବ୍ୟୁରୋ):** ମହୁମାଛି ଆକ୍ରମଣରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ବିଶ୍ୱନାଥ ମୁର୍ମୁ। ସେ ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟ କରୁଥିଲେ। ବିଶ୍ୱନାଥଙ୍କ ଘର ବାରିପଦାରେ। ସେ ମହୁଲଡ଼ିହା ସ୍ଥିତ ସରକାରୀ ଘରେ ଏକା ରହୁଥିଲେ। ରବିବାର ସକାଳେ ବଜାରରୁ ଘରକୁ ଫେରି ଗେଟ୍ ଖୋଲିବା ବେଳେ ମହୁମାଛି ପଲ ଅତର୍କିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ବିଶ୍ୱନାଥଙ୍କୁ ଉଦ୍ଧାର କରି ତୁରନ୍ତ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ରାସ୍ତାରେ ଯାଉଥିବା ଅନ୍ୟ ଜଣେ ଯୁବକଙ୍କୁ ମଧ୍ୟ ମହୁମାଛି ଆକ୍ରମଣ କରିଛନ୍ତି। ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ମୋହନଙ୍କ ଭରସାରେ ଚାଷୀ

- ଏଫ୍‌ସିଆଇ ସହିତ ହୋଇପାରେ ଆଲୋଚନା
- ଧାନ ବିକ୍ରିପାଇଁ ଫିଟିବ ସହଜ ବାଟ

**ଭୁବନେଶ୍ୱର/ବ୍ରହ୍ମପୁର, ୨୯।୧୨ (ସଂଚାର ବ୍ୟୁରୋ):** ଚାଷୀଙ୍କ ଦୁଃଖ ବୁଝିବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଆଜି ବିଲ ମୁଣ୍ଡରେ ପହଞ୍ଚି ଥିବାବେଳେ ଚାଷୀମାନେ ବି ତାଙ୍କ ଉପରେ ଭରସା ରଖିଛନ୍ତି । ଅତି କମ୍‌ରେ ବର୍ଷାରେ ଭିଜିଥିବା ଧାନଗଣ୍ଡାକ ଯେଭଳି ସୁରୁଖୁରୁରେ ବିକ୍ରି ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ନିଶ୍ଚିତ କୌଣସି ବାଟ ବାହାର କରିବେ ବୋଲି ସେମାନେ ଆଶା ବାନ୍ଧିଛନ୍ତି।

ଏ ନେଇ ରାଜ୍ୟ ସରାକର ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ସହିତ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳୁଛି । କାରଣ ଓଡିଶାରୁ ଏଫ୍‌ସିଆଇ ଧାନ ସଂଗ୍ରହ କରିବା ସହିତ ପ୍ରସ୍ତୁତ ଚାଉଳକୁ ଓଡିଶା ସମେତ ଅନ୍ୟ ରାଜ୍ୟକୁ ଦେଇଥାଏ । ଏହି ଚାଉଳ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଲୋକଙ୍କ ପାଖରେ ପହଞ୍ଚିଥାଏ ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଲୋକେ ମାଗଣାରେ ସେହି ଚାଉଳ ନେଇଥାନ୍ତି । ତେବେ ରାଜ୍ୟରେ



ଏଫ୍‌ସିଆଇ ପକ୍ଷରୁ ରାଜ୍ୟ ଯୋଗାଣ ନିଗମ ଧାନ ସଂଗ୍ରହ କରିଥାଏ ଓ ଏ ବାବଦୀୟ ଅର୍ଥ ଏଫ୍‌ସିଆଇ ଦେଇଥାଏ।

ଓଡିଶାରୁ ସଂଗୃହୀତ ଧାନରୁ ମିଲରମାନେ ସାଧାରଣତଃ ଉଷୁନା ଚାଉଳ ପ୍ରସ୍ତୁତ କରିଥାନ୍ତି। ଏହାର ସିଂହଭାଗ ଓଡିଶାରେ ହିଁ ଖର୍ଚ୍ଚ ହୋଇଥାଏ । କାରଣ ଓଡିଶାରେ ପାଖାପାଖି ୮୪ଲକ୍ଷ ପରିବାରର ପାଖାପାଖି ୪କୋଟି ଲୋକ ମାସକୁ ମୁଣ୍ଡପିଛା ୫ କିଲୋ କରି ମାଗଣା ଚାଉଳ ପାଇଥାନ୍ତି । ଏହାବାଦ୍ ଏଫ୍‌ସିଆଇ ଆଉ କିଛି ଉଷୁନା ଚାଉଳ ଅନ୍ୟ ରାଜ୍ୟକୁ ବି ପଠାଇଥାଏ । ହେଲେ ସେହି ପରିମାଣ ଅତି କମ୍। କାରଣ ଅଧିକାଂଶ ରାଜ୍ୟରେ ଅରୁଆ ଚାଉଳର ଚାହିଦା ଅଧିକ ରହିଛି ।

ବର୍ଷାରେ ମାନ କମିଥିବା ଧାନର ଚାଉଳକୁ ଯଦି ଓଡିଶାରେ ବାଣ୍ଟିବାପାଇଁ ଉଭୟ ରାଜ୍ୟ ସରକାର ଓ ଏଫ୍‌ସିଆଇ ସହମତ ହୁଅନ୍ତି ତେବେ ସମସ୍ୟାର ପ୍ରାୟତଃ ସମାଧାନ ହୋଇଯିବ । କାରଣ ଏଫ୍‌ସିଆଇ କାଳେ ନିମ୍ନମାନରୁ ଧାନରୁ ପ୍ରସ୍ତୁତ ଚାଉଳକୁ ନେବ ନାହିଁ ସେହି ଭୟ ରାଜ୍ୟ ସରାକରଙ୍କର ରହିଛି । ଯଦି ଏଫ୍‌ସିଆଇ ସହିତ ଆଲୋଚନାରେ ଏହି ସମାଧାନର ବାଟ ବାହାରିବ ତେବେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣିବାପାଇଁ ନେଇ କାହାରି କିଛି ଆପତ୍ତି ରହିବନାହିଁ । ମିଲରଙ୍କ ପାଟି ମଧ୍ୟ ବନ୍ଦ ହୋଇଯିବ । ଚାଉଳକୁ ନେଇ ମଧ୍ୟ ରାଜ୍ୟ ସରକାର କିମ୍ବା ଏଫ୍‌ସିଆଇ କେହି ଆପତ୍ତି ଉଠାଇବେ ନାହିଁ ।

ହେଲେ ସବୁକିଛି ନିର୍ଭର କରୁଛି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ । ଚଷୀଙ୍କ ପାଇଁ ପ୍ରଥମଥର ସକାଶେ ତାଙ୍କ ସରକାର ଧାନର କୁଇଣ୍ଟାଲ ପିଛା ଦର ୩୧୦୦ ଟଙ୍କା କରିଥିବାବେଳେ ବର୍ଷା ଏଥିରେ ବାଧକ ସାଜିଛି । ତେବେ ସ୍ଥିତି ମୁକାବିଲା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ବିଲ ମୁଣ୍ଡରେ ପହଞ୍ଚିଛନ୍ତି । ଆଜି ସୁଦ୍ଧା କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ନିଜେ କରିଥିବା ଅନୁଧ୍ୟାନ ସହିତ ଜିଲ୍ଲାରୁ ରିପୋର୍ଟ ମିଳିଲା ପରେ ମୋହନ ନିଶ୍ଚିତ ସେମାନଙ୍କ ପାଇଁ କିଛି ବାଟ ବାହାର କରିବେ ବୋଲି ଚାଷୀମାନେ ଆଶାବାନ୍ଧି ବସିଥିବାବେଳେ ରାଜ୍ୟ ସରକାର ଓ ଏଫ୍‌ସିଆଇ ଏହା ଉପରେ କି ନିଷ୍ପତ୍ତି ନେଉଛନ୍ତି ତାହାକୁ ଏବେ ସମସ୍ତେ ଚାହିଁ ବସିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଆମେରିକାକୁ ବଡ଼ ଝଟକା
# ତୁର୍କୀ ଯୁଦ୍ଧବିମାନ କିଣିବ ସାଉଦି



**ରିୟାଦ,୨୯।୧୨:** ସାଉଦି ଆରବ ଏହାର ପୁରୁଣା ବନ୍ଧୁ ଆମେରିକାକୁ ଏକ ବଡ଼ ଝଟକା ଦେବାକୁ ଯାଉଛି। ସାଉଦି ଏହାର ବାୟୁସେନା ପାଇଁ ତୁର୍କୀରେ ବିକଶିତ ହେଉଥିବା ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ 'କାନ୍' କିଣିବାକୁ ଯୋଜନା କରୁଛି। ସାଉଦି ଆରବ ଏକ ବଡ଼ କାରବାର ପାଇଁ ପ୍ରସ୍ତୁତ ହେଉଛି। ଯେଉଁଥି ପାଇଁ ୧୦୦ ଯୁଦ୍ଧ ବିମାନ ଅଧିଗ୍ରହଣ କରିବାକୁ ବିଚାର କରାଯାଉଛି। ନିକଟରେ ରୟାଲ ସାଉଦି ବାୟୁସେନାର କମାଣ୍ଡର ପ୍ରିନ୍ସ ତୁର୍କି ବିନ୍ ବାନ୍ଦର ଅଲ ସଉଦ ତୁର୍କୀ ଗସ୍ତରେ ଯାଇଥିଲେ, ଯେଉଁଠାରେ କାନ୍ ଯୁଦ୍ଧ ବିମାନ କ୍ରୟ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏହି ଚୁକ୍ତିକୁ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାଇପ ଏର୍ଦୋଗନଙ୍କ ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଭାବର ଆଉ ଏକ ପ୍ରମାଣ ଭାବେ ଦେଖାଯାଉଛି। ଏହି ଗସ୍ତ ସମୟରେ ପ୍ରିନ୍ସ କାନ୍ ଯୁଦ୍ଧ ବିମାନର ନିର୍ମାତା ରୋକେଟସନ, ଆସେଲସାନ ଏବଂ ତୁର୍କୀ ଏରୋସ୍ପେସ ଇଣ୍ଡଷ୍ଟ୍ରିଜ (ଟିଏଆଇ) ସମେତ ଅନେକ ତୁର୍କୀ ପ୍ରତିରକ୍ଷା କମ୍ପାନି ସହ ଆଲୋଚନା କରିଥିଲେ। ପ୍ରତିରକ୍ଷା ରିପୋର୍ଟରେ କୁହାଯାଇଛି ଯେ, ଏହି ଗସ୍ତ ସମୟରେ ପ୍ରିନ୍ସଙ୍କୁ ତୁର୍କୀ ଏବଂ ସାଉଦି ପ୍ରତିନିଧୀଙ୍କୁ କାନ୍ ଯୁଦ୍ଧ ବିମାନର ସାମର୍ଥ୍ୟ ବିଷୟରେ ସର୍ବଶେଷ ସୂଚନା ଦିଆଯାଇଥିଲା ଏବଂ ବିମାନ ସମ୍ବନ୍ଧରେ ଦୁଇ ଦେଶ ମଧ୍ୟରେ ସମ୍ଭାବ୍ୟ ରଣନୈତିକ ସହଯୋଗର ଅନୁସନ୍ଧାନ କରାଯାଇଥିଲା। ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ଯୋଗାଇବା ପାଇଁ ସାଉଦି ଆରବ ଦ୍ରୁତ ଗତିରେ କାର୍ଯ୍ୟ କରୁଛି। ଦୁଇ ଦେଶ ମଧ୍ୟରେ ସମ୍ଭାବ୍ୟ ଚୁକ୍ତିରେ ସାଉଦି ଆରବରେ ଟେକ୍ନୋଲୋଜି ସ୍ଥାନାନ୍ତର ଏବଂ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନର ସ୍ଥାନୀୟ ଉତ୍ପାଦନ ଅନ୍ତର୍ଭୁକ୍ତ ହେବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ଅଧିଗ୍ରହଣ ଏହି ଅଞ୍ଚଳର ଦୁଇଟି ପ୍ରମୁଖ ଶକ୍ତି ଭାବରେ ସାଉଦି ଆରବ ଏବଂ ତୁର୍କୀର ପ୍ରତିରକ୍ଷା ସମ୍ପର୍କକୁ ମଜବୁତ କରିବ ବୋଲି କୁହାଯାଉଛି। ଏହା ପୂର୍ବରୁ ମଧ୍ୟ ତୁର୍କୀ ଏବଂ ସାଉଦି ଆରବ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ମଜବୁତ ହୋଇସାରିଛି। ଗତ ବର୍ଷ ଜୁଲାଇ ୧୮ରେ, ସାଉଦି ଆରବ ତୁର୍କୀର ବେକର୍ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ଆକିନି ଡ୍ରୋନ୍ କିଣିବା ପାଇଁ ୩ ବିଲିୟନ ଆମେରିକୀୟ ଡଲାର ବିନିଯୋଗ କରିବାକୁ ଯୋଜନା ଘୋଷଣା କରିଥିଲା

# ନୂଆ ଅପଡେଟ୍ ସହ ଆସିଲା ୟୁନିକର୍ଣ୍ଣ ୧୬୦



**ନୂଆଦିଲ୍ଲୀ,୨୯।୧୨:** ହୋଣ୍ଡାର ଲୋକପ୍ରିୟ ବାଇକ୍ ୟୁନିକର୍ଣ୍ଣ ୧୬୦ । କ୍ଲାସିକ୍ ଡିଜାଇନ ଏବଂ ଦମ୍‌ଦାର ପରଫରମାନ୍ସ ପାଇଁ ଲୋକଙ୍କ ଭରସା ଜିତିବାରେ ସଫଳ ହୋଇଛି। କହିପାରିବା ଏହା ବାଇକ୍ ଭାରତୀୟଙ୍କ ସବୁଠୁ ପସନ୍ଦଯୋଗ୍ୟ ୧୬୦ ସିସି ବାଇକ୍। ଏମିତିରେ ଏହି ବାଇକର ଲୋକପ୍ରିୟତାକୁ ବଜାୟ ରଖିବାକୁ ଯାଇ କମ୍ପାନି ଏହାର ୨୦୨୫ ମଡେଲ ଲଞ୍ଚ କରିଛି। ଯେଉଁଥିରେ ରହିଛି ଅନେକ ନୂଆ ଫିଚର୍ସ। ୨୦୨୫ ମଡେଲକୁ ୧.୧୯ ଲକ୍ଷ ଟଙ୍କା ମୂଲ୍ୟରେ ଲଞ୍ଚ କରାଯାଇଥିବାବେଳେ ଏହା ପୁରୁଣା ମଡେଲଠାରୁ ୮ ହଜାର ଟଙ୍କା ଅଧିକ। ତେବେ ଆସନ୍ତୁ ଜାଣିବା କ'ଣ ରହିଛି ବାଇକର ନୂଆ ଫିଚର୍ସ। ହୋଣ୍ଡା ୟୁନିକର୍ଣ୍ଣ ୧୬୦ର ଏହାର କ୍ଲାସିକ ଡିଜାଇନ ପାଇଁ ଜଣାଯାଏ। ଅବଶ୍ୟ ୨୦୨୫ ମଡେଲରେ ଏହାର ଡିଜାଇନରେ ପରିବର୍ତ୍ତନ କରାଯାଇନାହିଁ। କିନ୍ତୁ ବାଇକରେ କିଛି ଟେକ୍ନିକାଲ ଅପଡେଟ କରାଯାଇଛି। ଯେଉଁଥିରେ ରହିଛି ନୂଆ ଏଲଇଡି ହେଡଲାଇଟ। ଅର୍ଥାତ ଗ୍ରାହକ ୨୦୨୫ ୟୁନିକର୍ଣ୍ଣ ୧୬୦ରେ ଏଲଇଡି ଲାଇଟ ଫିଚର୍ ପାଇବେ। ଏହା ସହ ମୋଟରସାଇକେଲର ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟରକୁ ପରିବର୍ତ୍ତନ କରାଯାଇଛି। ଏଣିକି ଗ୍ରାହକ ୟୁନିକର୍ଣ୍ଣ ୧୬୦ରେ ଡିଜିଟାଲ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ପାଇବେ। ଯେଉଁଥିରେ ଗିୟର ନମ୍ବର, ସର୍ଭିସ ରିମାଇଣ୍ଡର ଏବଂ ଇକୋ ଇଣ୍ଡିକେଟର ଭଳି ଫିଚର୍ସ ରହିଛି। ଏହା ସହ ୟୁଏସବି ସି ଚାର୍ଜିଂ ପୋର୍ଟ ମଧ୍ୟ ରହିବ। ବାଇକ୍‌ର ଇଞ୍ଜିନ ବିଷୟରେ କହିଲେ, ଏଥିରେ ୧୬୨.୭୧ ସିସି ସିଙ୍ଗିଲ ସିଲିଣ୍ଡର ଇଞ୍ଜିନ ରହିଛି। ଯାହା ୧୩.୧ ବିଏଚପି ପାୱାର ଏବଂ ୧୪.୫୮ ଏନଏମର ଟର୍କ ଜେନେରେଟ କରିଥାଏ। ଯାହା ପୁରୁଣା ମଡେଲ ତୁଳନାରେ କିଛି ମାତ୍ରାରେ ଅଧିକ। ବାଇକ୍‌ରେ ୫-ସ୍ପିଡ୍ ଗିୟରବକ୍ସ ରହିଛି।

# ୬ ମାସରେ ବ୍ୟାଙ୍କ ଠକେଇ ୮ ଗୁଣା ବଢ଼ିଛି

**ନୂଆଦିଲ୍ଲୀ,୨୯।୧୨:** ଦେଶରେ ବ୍ୟାଙ୍କ ଠକେଇ ମାମଲା ବହୁମାତ୍ରାରେ ବଢ଼ିବାରେ ଲାଗିଛି। ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ ଦେଶରେ ୧୮,୪୬୧ଟି ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିଛି ଯାହାର ପରିମାଣ ୨୧,୩୬୭ କୋଟି ଟଙ୍କା ବୋଲି ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟରୁ ଜଣାଯାଇଛି। ୨୦୨୩-୨୪ ଆର୍ଥିକବର୍ଷର ପ୍ରଥମାର୍ଦ୍ଧ ତୁଳନାରେ ଠକେଇ ସଂଖ୍ୟାରେ ୨୮ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୩-୨୪ର ଏପ୍ରିଲ-ସେପ୍ଟେମ୍ବରରେ ଏହି ଠକେଇ ସଂଖ୍ୟା ୧୪,୪୮୦ ରହିଥିଲା। କିନ୍ତୁ ଠକେଇ ରାଶିକୁ ଦେଖିଲେ ଏଥିରେ ୮ ଗୁଣା ବୃଦ୍ଧି ଘଟିଛି। ଗତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଠକେଇ ରାଶି ୨୬୨୩ କୋଟି ଟଙ୍କା ରହିଥିଲା। ୨୦୨୩-୨୪ରେ ମୋଟ ବ୍ୟାଙ୍କ ଠକେଇରେ ଇଣ୍ଟରନେଟ୍ ଓ କାର୍ଡ ଠକେଇ ରାଶି ୪୪.୭ ପ୍ରତିଶତ ରହିଛି। କିନ୍ତୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ମୋଟ ଠକେଇର ଏହାର ମାତ୍ରା ୮୫.୩ ପ୍ରତିଶତ। ମୋଟ ଠକେଇ ସଂଖ୍ୟାରେ ଘରୋଇ ବ୍ୟାଙ୍କଗୁଡ଼ିକରେ ୬୭.୧ ପ୍ରତିଶତ ଠକେଇ ହୋଇଛି। କିନ୍ତୁ ଠକେଇ ରାଶି ଦୃଷ୍ଟିରୁ ସର୍ବାଧିକ ପ୍ରଭାବ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସହିଛନ୍ତି। ବ୍ୟାଙ୍କଗୁଡ଼ିକ ଉପରେ ୨୦୨୩-୨୪ରେ ୮୬.୧ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଛି। ଠକେଇ କାରଣରୁ ବ୍ୟାଙ୍କ ପ୍ରତି ବିଭିନ୍ନ ବିପଦ ଦେଖାଦେଉଛି। ତେଣୁ ଠକେଇକୁ ରୋକିବା ପାଇଁ ବଳିଷ୍ଠ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରିଜର୍ଭ ବ୍ୟାଙ୍କ ପରାମର୍ଶ ଦେଇଛି।

# ଏଚ୍-୧ବି ଭିସାକୁ ସମର୍ଥନ କଲେ ଟ୍ରମ୍ପ୍



**ୱାଶିଂଟନ୍,୨୯।୧୨:** ଏଚ୍-୧ବି ଭିସାକୁ ନେଇ ଆମେରିକାରେ ବିତର୍କ ଆରମ୍ଭ ହୋଇଛି। ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଏହା ଉପରେ ନୀରବତା ଭାଙ୍ଗି କହିଛନ୍ତି ଯେ, ସେ ଏହି କାର୍ଯ୍ୟକ୍ରମରେ ବିଶ୍ୱାସ କରନ୍ତି। ନ୍ୟୁୟର୍କ ପୋଷ୍ଟ ସହ କଥାବାର୍ତ୍ତା କରି ସେ କହିଛନ୍ତି, ମୁଁ ଭିସାକୁ ସର୍ବଦା ପସନ୍ଦ କରେ, ମୁଁ ସବୁବେଳେ ଭିସା ସପକ୍ଷରେ ଅଛି। ସେଥିପାଇଁ ଆମର ଏହା ରହିଛି। ସେ କହିଛନ୍ତି, ମୋର ସମ୍ପତ୍ତି ଉପରେ ଅନେକ ଏଚ୍-୧ବି ଭିସା ଲୋକ ଅଛନ୍ତି। ମୁଁ ଏଚ୍-୧ବିରେ ବିଶ୍ୱାସ କରେ। ମୁଁ ଏହାକୁ ଅନେକ ଥର ବ୍ୟବହାର କରିଛି ଏବଂ ଏହା ଏକ ଉତ୍ତମ କାର୍ଯ୍ୟକ୍ରମ। ଟ୍ରମ୍ପ୍ ତାଙ୍କ ବାର୍ତ୍ତାଳାପରେ ଏଲନ୍ ମସ୍କ, ବିବେକ ରାମସ୍ୱାମୀ, ଶ୍ରୀରାମ କୃଷ୍ଣନ ଏବଂ ଡେଭିଡ ସାକ୍ସଙ୍କ ମତକୁ ସମର୍ଥନ କରିଛନ୍ତି। ଏହି ଭିସା କାର୍ଯ୍ୟକ୍ରମକୁ ନେଇ ଟ୍ରମ୍ପ୍‌ଙ୍କ ଦଳରେ ବିଭାଜନ ରହିଛି। ଏହାପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା କାର୍ଯ୍ୟକ୍ରମକୁ ସମାଲୋଚନା କରିଥିଲେ ଏବଂ ତାଙ୍କର ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ଏଥିରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଥିଲେ। କିନ୍ତୁ ଏଥର ନିର୍ବାଚନ ପ୍ରଚାରରେ ସେ କହିଥିଲେ ଯେ, ଯଦି କେହି ଜଣେ କୌଣସି ଆମେରିକୀୟ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରନ୍ତି, ତେବେ ସେ ସ୍ୱୟଂଚାଳିତ ଭାବରେ ସବୁଜ କାର୍ଡ ପାଇବା ଉଚିତ୍। ଏଚ୍-୧ବି ଆଭିମୁଖ୍ୟରେ ଟ୍ରମ୍ପ୍‌ଙ୍କ ପରିବର୍ତ୍ତନ ବିବାଦକୁ ଆହୁରି ବଢ଼ାଇ ଦେଇଛି। କାରଣ ଟ୍ରମ୍ପ ପ୍ରଶାସନ ହୁଏତ ଏଚ୍-୧ବି ଭିସା କାର୍ଯ୍ୟକ୍ରମରେ କିଛି ପରିବର୍ତ୍ତନ ଆଣିପାରନ୍ତି, ଯାହା ମାଧ୍ୟମରେ କମ୍ପାନିଗୁଡିକ ବିଦେଶୀ ଶ୍ରମିକଙ୍କୁ ନିଯୁକ୍ତି ଦେବେ। ଏହି ଭିସା କାର୍ଯ୍ୟକ୍ରମର ସମ୍ପ୍ରସାରଣ ପାଇଁ ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି, ଯାହା ଆମେରିକା ପ୍ରଥମ ନୀତିର ସମର୍ଥକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବିବେକ ରାମସ୍ୱାମୀ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି।

# ଚଳିତ ସପ୍ତାହରେ ମହଙ୍ଗା ହେଲା ସୁନା, ରୁପା



**ନୂଆଦିଲ୍ଲୀ,୨୯।୧୨:** ଚଳିତ ସପ୍ତାହରେ ଦେଶରେ ସୁନା ଓ ରୁପା ମହଙ୍ଗା ହୋଇଛି। ସୁନା ଦାମ ୧୦୫୯ ଟଙ୍କା ବୃଦ୍ଧି ଘଟି ୭୬,୪୩୬ ଟଙ୍କାରେ ଏବଂ ରୁପା ଦାମ୍ ୨୫୯୮ ଟଙ୍କା ବୃଦ୍ଧି ଘଟି ୮୭,୮୩୧ ଟଙ୍କାରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଜୁଏଲର୍ସ ଆସୋସିଏସନ୍(ଆଇବିଜେଏ) ୱେବସାଇଟ୍‌ର ସୂଚନା ଅନୁଯାୟୀ, ଗତ ଶନିବାର ୨୪ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ ପିଛା ୭୫,୩୭୭ ଟଙ୍କା ରହିଥିଲା। ୨୮ ତାରିଖରେ ଏହା ୭୬,୪୩୬ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ୧୦ ଗ୍ରାମ ପିଛା ୧୦୫୯ ଟଙ୍କା ବୃଦ୍ଧି ଘଟିଛି। ରୁପା ଦର ଗତ ଶନିବାର କିଲୋଗ୍ରାମ ପିଛା ୮୫,୧୩୩ ଟଙ୍କା ରହିଥିଲା। କିନ୍ତୁ ଚଳିତ ଶନିବାର ଏହା ୮୭,୮୩୧ ଟଙ୍କାରେ ରହିଛି। ଚଳିତ ସପ୍ତାହରେ ରୁପା ଦରରେ ୨୬୯୮ ଟଙ୍କା ବୃଦ୍ଧି ଘଟିଛି। ଆଜିର ମୂଲ୍ୟକୁ ଦେଖିଲେ ଚଳିତବର୍ଷ ଆଜି ସୁଦ୍ଧା ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୧୩ ହଜାର ୮୪ ଟଙ୍କା ମହଙ୍ଗା ହୋଇଛି। ରୁପା ମୂଲ୍ୟ ମଧ୍ୟ ସେହିଭଳି ୧୪୪୩୬ ଟଙ୍କା ବୃଦ୍ଧି ଘଟିଲାଣି।

# ଭିଆଇଏଲ୍ ସେୟାର ବଦଳରେ ନେଇଥିବା ୧୧,୬୫୦ କୋଟି ଋଣ ପରିଶୋଧ କଲା ଭୋଡ଼ାଫୋନ୍ ଗ୍ରୁପ୍




**ନୂଆଦିଲ୍ଲୀ,୨୯।୧୨:** ବ୍ରିଟେନ ସ୍ଥିତ ଭୋଡାଫୋନ୍ ଗ୍ରୁପ୍ ଭୋଡାଫୋନ୍ ଆଇଡିଆର ସେୟାର ବଦଳରେ ପ୍ରାୟ ଜୁଟାଇଥିବା ୧୧,୬୫୦ କୋଟି କିମ୍ବା ୧୦.୯ କୋଟି ପାଉଣ୍ଡର ବକେୟା ପରିଶୋଧ କରି ଦେଇଛି। ଋଣ ପରିଶୋଧ କରିବାକୁ କମ୍ପାନୀକୁ ଭୋଡାଫୋନ୍ ଗ୍ରୁପ୍ ଭିଆଇଏଲ୍‌ର ପ୍ରାୟ ସମସ୍ତ ଅଂଶଧନ ବନ୍ଧା ରଖି ଦେଇଛି ବୋଲି କମ୍ପାନୀ ଷ୍ଟକ୍ ମାର୍କେଟକୁ ସୂଚନା ଦେଇଛି। ମରିସସ୍ ଏବଂ ଭାରତ ଭିତ୍ତିକ ଭୋଡାଫୋନ୍ ଗ୍ରୁପ୍ ସଂସ୍ଥା ଦ୍ୱାରା ଉଠାଯାଇଥିବା ଋଣ ପାଇଁ ଏହି ସେୟାରଗୁଡିକ ଏଚ୍‌ଏସ୍‌ବିସି କର୍ପୋରେଟ୍ ଟ୍ରଷ୍ଟି କମ୍ପାନୀ (ୟୁକେ) ପକ୍ଷରେ ସେୟାର ବନ୍ଧା ରଖାଯାଇଛି। ଷ୍ଟକ୍ ଏକ୍ସଚେଞ୍ଜ୍ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୋଡାଫୋନ୍‌ର ପ୍ରମୋଟରଙ୍କ ଋଣଦାତାମାନଙ୍କୁ ଦେୟ ଫେରସ୍ତ କରିବା ପରେ ଋଣଦାତାମାନଙ୍କ ପାଇଁ ସୁରକ୍ଷା ଟ୍ରଷ୍ଟି ଭାବେ କାର୍ଯ୍ୟ କରୁଥିବା ଏଚ୍‌ଏସ୍‌ବିସି କର୍ପୋରେଟ୍ ଟ୍ରଷ୍ଟି କମ୍ପାନୀ (ୟୁକେ) ଲିମିଟେଡ୍ ୨୭ ଡିସେମ୍ବର ୨୦୨୪ ରେ ବନ୍ଧା ରଖିଥିବା ସେୟାରଗୁଡ଼ିକ ଜାରି କରିଛି। ସୂଚନା ଥାଉକି ଭୋଡାଫୋନ୍ ଗ୍ରୁପ୍ର ଭିଆଇଏଲ୍‌ରେ ୨୨.୫୬ ପ୍ରତିଶତ ଅଂଶଧନ ଥିବାବେଳେ ଆଦିତ୍ୟ ବିର୍ଲା ଗ୍ରୁପ୍ ପାଖରେ ୧୪.୭୬ ପ୍ରତିଶତ ଏବଂ ସରକାରଙ୍କ ପାଖରେ ୨୩.୧୫ ପ୍ରତିଶତ ଅଂଶଧନ ରହିଥିଲା।

# ୯ ମାସରେ ଗାଡ଼ି ବିକ୍ରିରେ ୧୩ ପ୍ରତିଶତ ବୃଦ୍ଧି



**ନୂଆଦିଲ୍ଲୀ,୨୯।୧୨:** ଦେଶରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏଥିଯୋଗୁ ଦେଶରେ ବିଳାସପୂର୍ଣ୍ଣ କାର୍ ବିକ୍ରି ମଧ୍ୟ ବଢ଼ିବାରେ ଲାଗିଛି। ୨୦୨୪ରେ ପ୍ରତି ଘଣ୍ଟାରେ ଦେଶରେ ୫୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ୬ଟି କାର୍ ବିକ୍ରି ହୋଇଛି। ଏହି କାର୍‌ଗୁଡ଼ିକ ମଧ୍ୟରେ ଅଡି ଏବଂ ମର୍ସିଡିଜ୍ ବେଞ୍ଜ୍ ଭଳି କମ୍ପାନିର କାର୍ ରହିଛି। ସୂଚନା ଅନୁଯାୟୀ, ୫ ବର୍ଷ ପୂର୍ବେ ଦେଶରେ ପ୍ରତି ଘଣ୍ଟାରେ ବିଳାସପୂର୍ଣ୍ଣ କାର୍ ବିକ୍ରି ସଂଖ୍ୟା ପ୍ରତି ଘଣ୍ଟାରେ ମାତ୍ର ୨ଟି ରହିଥିଲା। ତେଣୁ ଗତ ୫ ବର୍ଷ ମଧ୍ୟରେ ଏଥିରେ ୩ ଗୁଣା ବୃଦ୍ଧି ଦେଖାଦେଇଛି। ୨୦୨୫ ମସିହାରେ ଏହି ବିକ୍ରି ସଂଖ୍ୟା ଆହୁରି ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଉଛି। ୨୦୨୫ରେ ବିଳାସପୂର୍ଣ୍ଣ କାର୍ ନିର୍ମାତାମାନେ ୨ ଡଜନ୍‌ରୁ ଅଧିକ ନୂଆ ଗାଡ଼ି ଉନ୍ମୋଚନ କରିବା ଯୋଜନା ରଖିଛନ୍ତି। ସେମାନଙ୍କ ମତରେ ୨୦୨୫ରେ ବିଳାସପୂର୍ଣ୍ଣ ଗାଡ଼ି ବଜାରରେ ଅଧିକ ଉତ୍ସାହ ରହିବ। ୨୦୨୫ରେ ବିଳାସପୂର୍ଣ୍ଣ ଗାଡ଼ି ବିକ୍ରି ସଂଖ୍ୟା ୫୦ ହଜାରରୁ ଅଧିକ ରହିବ ବୋଲି ଅନୁମାନ କରାଯାଉଛି। ଏହାହେଲେ ପ୍ରଥମ ଥର ପାଇଁ ବିଳାସପୂର୍ଣ୍ଣ ଗାଡ଼ି ବିକ୍ରି ବିକ୍ରିରେ ନୂଆ ରେକର୍ଡ ସୃଷ୍ଟି ହେବ। ଅଡି ଇଣ୍ଡିଆର ବରିଷ୍ଠ ଅଧିକାରୀ ବଲବୀର ସିଂହ ଢିଲ୍ଲିୟନଙ୍କ କହିବାନୁଯାୟୀ, ୨୦୨୫ରେ ଇଣ୍ଡଷ୍ଟ୍ରିରେ ବିକ୍ରି ଅଭିବୃଦ୍ଧି ୮ରୁ ୧୦ ପ୍ରତିଶତ ରହିବ। ମର୍ସିଡିଜ୍ ବେଞ୍ଜ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ଆୟାର ମଧ୍ୟ ୨୦୨୫ ମସିହାରେ ବିଳାସପୂର୍ଣ୍ଣ ଗାଡ଼ି ବିକ୍ରିରେ ବଡ଼ ଧରଣର ଉତ୍ସାହ ଦେଖିବାକୁ ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ୨୦୨୪ରେ ମର୍ସିଡିଜ୍ ବେଞ୍ଜ୍‌ର ଗାଡ଼ି ବିକ୍ରି ସଂଖ୍ୟା ୨୦ ହଜାର ହେବ ବୋଲି ଆଶା ରଖାଯାଇଛି। ଚଳିତବର୍ଷର ସେପ୍ଟେମ୍ବର ସୁଦ୍ଧା ୯ ମାସରେ ଗାଡ଼ି ବିକ୍ରିରେ ୧୩ ପ୍ରତିଶତ ବୃଦ୍ଧି ଘଟି ୧୪,୩୭୯ ୟୁନିଟ୍ ରହିଥିଲା। ସେହିଭଳି ଜାନୁଆରି-ସେପ୍ଟେମ୍ବର ସମୟ ମଧ୍ୟରେ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆର ଗାଡ଼ି ବିକ୍ରିରେ ପ୍ରାୟ ୫ ପ୍ରତିଶତ ବୃଦ୍ଧି ଘଟି ରେକର୍ଡ ୧୦,୫୫୬ରେ ରହିଛି।

# ବଜାରରେ ଏଣ୍ଟ୍ରି କଲା କାୱାସାକି




**ନୂଆଦିଲ୍ଲୀ,୨୯।୧୨:** ଭାରତୀୟ ବଜାରରେ କାୱାସାକି ର ନୂଆ ମୋଟରସାଇକେଲ୍ କେଏଲ୍‌ଏକ୍ସ ୨୩୦ ଏଣ୍ଟ୍ରି କରିଛି । ଏହି ବାଇକ୍ ଲଞ୍ଚ ହେବା ସହିତ ଏହା ଭାରତୀୟ ବଜାରରେ ସେଲ୍ ହେଉଥିବା ସବୁଠାରୁ ମହଙ୍ଗା ରୋଡ୍-ଲିଗଲ୍ ଡୁଆଲ-ସ୍ପୋର୍ଟ୍ସ ମୋଟରସାଇକେଲ ହୋଇଛି । ଏହି ବାଇକର ପାୱାର୍ ଏବଂ ଫିଚର୍ସ ବହୁତ ଦମଦାର୍ ହୋଇଛି । କାୱାସାକି ବାଇକର ପ୍ରାଇସ୍ ଏତେ ଅଧିକ ଯେ ଏହି ବ୍ରାଣ୍ଡର ମୋଟରସାଇକେଲ୍ ମୂଲ୍ୟରେ ଅନେକ ଉନ୍ନତ ମାଇଲେଜ୍ ଟୁ-ହୁଇଲର କିଣାଯାଇପାରିବ। ଭାରତରେ କାୱାସାକି ର ଏକ୍ସ-ସୋରୁମ୍ ପ୍ରାଇସ୍ ୩.୩୦ ଲକ୍ଷ ଟଙ୍କା ରହିଛି ।

# ୧୯ ହଜାର କର୍ମଚାରୀଙ୍କୁ ଭିଆର୍‌ଏସ୍ ଦେଇପାରେ ବିଏସ୍‌ଏନ୍‌ଏଲ୍




**ନୂଆଦିଲ୍ଲୀ,୨୯।୧୨:** ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନି ବିଏସ୍‌ଏନ୍‌ଏଲ୍ ଏହାର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଆଉ ଏକ ସ୍ୱେଚ୍ଛାକୃତ ଅବସର ଯୋଜନା (ଭିଆର୍‌ଏସ୍) ଆଣିପାରେ। ବିଏସ୍‌ଏନ୍‌ଏଲ୍ ଏହାର କର୍ମଚାରୀଙ୍କ ସଂଖ୍ୟା ୩୫ ପ୍ରତିଶତ ହ୍ରାସ କରିବା ଲାଗି ପ୍ରୟାସ ଚଳାଇଛି। ଭିଆର୍‌ଏସ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଦୂରସଂଚାର ବିଭାଗ (ଡଟ୍) ପକ୍ଷରୁ ଅର୍ଥ ମନ୍ତ୍ରାଳୟର ମଞ୍ଜୁରି ଲୋଡ଼ାଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ଭିଆର୍‌ଏସ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ମନ୍ତ୍ରାଳୟକୁ ୧୫ ହଜାର କୋଟି ଟଙ୍କା ମଗାଯାଇଛି। କମ୍ପାନି ଏହାର କର୍ମଚାରୀ ସଂଖ୍ୟାକୁ ଏହି ଯୋଜନା ଜରିଆରେ ୧୮ ହଜାରରୁ ୧୯ ହଜାର ହ୍ରାସ କରିବ।

# ଆନନ୍ଦ ମହିନ୍ଦ୍ରାଙ୍କ ପରେ କିଏ ?



**ନୂଆଦିଲ୍ଲୀ,୨୯।୧୨:** ଭାରତର ଲୋକପ୍ରିୟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା । ମହିନ୍ଦ୍ରା ଗ୍ରୁପ୍ର ଚେୟାରମ୍ୟାନ୍ ସେ। ଏକ ସଫଳ ତଥା ସମୃଦ୍ଧ ବ୍ୟବସାୟ ସାମ୍ରାଜ୍ୟ ଗଠନ କରିବାରେ ତାଙ୍କର ରହିଛି ବଡ ଅବଦାନ। ସେ ନିଜର ବ୍ୟବସାୟିକ ଉଦ୍ୟୋଗ ପାଇଁ ବେଶ୍ ପରିଚିତ । କେବଳ ଏତିକି ନୁହେଁ ସେ ନିଜର ସୋସିଆଲ ମିଡିଆ ପୋଷ୍ଟ ପାଇଁ ସବୁବେଳେ ଚର୍ଚ୍ଚିତ। ଆନନ୍ଦ ମହିନ୍ଦ୍ରା ସୋଶିଆଲ୍ ମିଡିଆ ପ୍ଲାଟଫର୍ମରେ ବହୁତ ଆକ୍ଟିଭ୍ । କିଛି ନା କିଛି କାରଣରୁ ସବୁବେଳେ ରହିଥାନ୍ତି ଚର୍ଚ୍ଚାରେ । କିନ୍ତୁ ତାଙ୍କ ପରିବାରକୁ ନେଇ କ୍ୱଚିତ ହିଁ କାହା ପାଖରେ ଖବର ରହିଥିବ । ୧.୯ ଲକ୍ଷ କୋଟି ସମ୍ପତ୍ତିର ମାଲିକ ହେଉଛନ୍ତି ଆନନ୍ଦ ମହିନ୍ଦ୍ରା । ତାଙ୍କ ପତ୍ନୀ ହେଉଛନ୍ତି ଅନୁରାଧା । ସେ ଥିଲେ ଜଣେ ସାମ୍ବାଦିକ ଥିଲେ । ଏହାପରେ ବର୍ବ ନାମକ ଏକ ପତ୍ରିକା ଆରମ୍ଭ କରିଥିଲେ । ସେ ବର୍ତ୍ତମାନ ବର୍ବ ଏବଂ ମ୍ୟାନ୍ ୱାର୍ଲ୍ଡ ପତ୍ରିକାର ସମ୍ପାଦକ ଅଟନ୍ତି । ଦମ୍ପତ୍ତିଙ୍କର ୨ଟି ଝିଅ ଅଛନ୍ତି ଦିବ୍ୟା ଏବଂ ଅଲିକା । ଉଭୟ ବିଦେଶରେ ରୁହନ୍ତି । ଦୁହିଁଙ୍କ ମଧ୍ୟରୁ କେହି ବି ମହିନ୍ଦ୍ରା ଗ୍ରୁପର ନେତୃତ୍ୱ ପଦରେ ନାହାନ୍ତି। ଏମତିକି ଆନନ୍ଦ ମହିନ୍ଦ୍ରାଙ୍କ ପତ୍ନୀ ଅନୁରାଧା ମଧ୍ୟ ପରିବାର ବ୍ୟବସାୟର ଅଂଶ ନାହାନ୍ତି । ଦିବ୍ୟା ନ୍ୟୁୟର୍କରୁ ଡିଜାଇନିଙ୍ଗ୍ ଏବଂ ଭିଜୁଆଲ୍ କମ୍ୟୁନିକେସନ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଡିଗ୍ରୀ ସମାପ୍ତ କରିବା ପରେ ସେ ୨୦୦୯ରେ ଜଣେ ଫ୍ରିଲାନ୍ସର୍ ଭାବରେ କାମ କରିଥିଲେ । ୨୦୧୫ ପରଠାରୁ ସେ ବର୍ବ ମ୍ୟାଗେଜିନରେ କଳା ନିର୍ଦ୍ଦେଶକ ଭାବରେ କାମ କରି ଆସୁଛନ୍ତି । ସେ ମେକ୍ସିକୋରେ ଜନ୍ମିତ କଳାକାର ଡାର୍ଡ ଜାପାଟାଙ୍କୁ ବିବାହ କରିଛନ୍ତି। ଆଉ ଆମେରିକାର ବାସିନ୍ଦା ହୋଇଯାଇଛନ୍ତି। ଆନନ୍ଦ ମହିନ୍ଦ୍ରାଙ୍କ ଦ୍ୱିତୀୟ ଝିଅ ହେଉଛନ୍ତି ଅଲିକା। ସେ ଜଣେ ଫ୍ରାନ୍ସ ନାଗରିକଙ୍କୁ ବିବାହ କରିଛନ୍ତି । ଆନନ୍ଦ ମହିନ୍ଦ୍ରାଙ୍କ ଦୁଇ ଝିଅ ଏବଂ ପତ୍ନୀ ମହିନ୍ଦ୍ରାଙ୍କ ବ୍ୟବସାୟ ଠାରୁ ଦୂରରେ ରୁହନ୍ତି। ଥରେ ବୋର୍ଡ ମିଟିଙ୍ଗରେ ତାଙ୍କୁ ପଚରାଯାଇଥିଲା ଯେ ତାଙ୍କ ଝିଅମାନେ କାହିଁକି ବ୍ୟବସାୟର ଅଂଶ ନୁହଁନ୍ତି ? ଏହା ଉପରେ ଆନନ୍ଦ କହିଥିଲେ ଯେ ତାଙ୍କର ୨ ଝିଅ ପାରିବାରିକ ବ୍ୟବସାୟର ଏକ ଅଂଶ । କିନ୍ତୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ତାଙ୍କ ପାଇଁ ପାରିବାରିକ ବ୍ୟବସାୟ ନୁହେଁ ଏବଂ ତାଙ୍କ ଝିଅମାନଙ୍କୁ ମଧ୍ୟ ମହିନ୍ଦ୍ରା ଗ୍ରୁପରେ ଆଗ୍ରହ ନାହିଁ। ସେ ତାଙ୍କ ମାଆଙ୍କୁ ପତ୍ରିକା କାମରେ ସାହାଯ୍ୟ କରିଥାନ୍ତି । ଦିବ୍ୟା ମାଙ୍କ ପ୍ରତିଷ୍ଠିତ ପତ୍ରିକାର କ୍ରିଏଟିଭ୍ ନିର୍ଦ୍ଦେଶକ ଏବଂ ଅଲିକା ଏହାର ଏଡିଟୋରିଆଲ୍ ଡାଇରେକ୍ଟର ରହିଛନ୍ତି । ଆନନ୍ଦ ମହିନ୍ଦ୍ରା କହିଛନ୍ତି ଯେ ତାଙ୍କ ଜେଜେବାପା ୧୯୪୫ ମସିହାରେ ଦେଶପ୍ରେମ ଭାବନା ସହିତ କମ୍ପାନୀ ଆରମ୍ଭ କରିଥିଲେ। ସେମାନେ ସେମାନଙ୍କର ବ୍ୟବସାୟକୁ ସର୍ବସାଧାରଣ ଅର୍ଥର ରକ୍ଷକ ଭାବରେ ଦେଖିଥିଲେ । ତେଣୁ ସେ ମଧ୍ୟ ବିଶ୍ୱାସ କରନ୍ତି ଯେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ତାଙ୍କ ପରିବାର ବ୍ୟବସାୟ ନୁହେଁ। ତେବେ ଆନନ୍ଦ ମହିନ୍ଦ୍ରାଙ୍କ ପରେ ମହିନ୍ଦ୍ରା ଗ୍ରୁପର କୋଟି କୋଟି ଡଲାରର ବ୍ୟବସାୟ ସାମ୍ରାଜ୍ୟକୁ କିଏ ଆଗକୁ ନେବ ତାକୁ ନେଇ ଏବେବି ଲାଗି ରହିଛି ସସ୍‌ପେନ୍ସ...

# ଅଙ୍ଗନବାଡି କେନ୍ଦ୍ର ଉପରେ ମହଙ୍ଗା ମାଡ଼

## ଅଣ୍ଡା ଗୋଟାକୁ ୮ଟଙ୍କା, ମିଳୁଛି ୫



**କାକଟପୁର/ଅସ୍ତରଙ୍ଗ, ୨୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳରେ ଅଣ୍ଡା ଦର ହୁ ହୁ ହୋଇ ବଢ଼ି ଚାଲିବା ସହ ଡାଲି ଦର କ୍ରମାଗତ ଭାବେ ବଢ଼ିଛି। ଏହାର ସିଧା ସଳଖ ପ୍ରଭାବ ପଡିଛି ସରକାରଙ୍କ ପକ୍ଷରୁ ଚାଲିଥିବା ସମ୍ମନୀତ ଶିଶୁବିକାଶ ଯୋଜନା ଉପରେ। ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ଓ କିଶୋରୀଙ୍କ ଲାଗି କାର୍ଯ୍ୟକାରୀ କରାଯାଉଥିବା ପୃଷ୍ଟିକର ଖାଦ୍ୟ ପ୍ରଦାନ କ୍ଷେତ୍ରରେ ଅଙ୍ଗନବାଡି କେନ୍ଦ୍ର ଉପରେ ମହଙ୍ଗା ମାଡ଼ ପଡିଛି।

ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢ଼ୁଥିବା ୩ରୁ ୬ବର୍ଷର ଶିଶୁଙ୍କ ସୁଷମ ଖାଦ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ଅଙ୍ଗନବାଡି କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ପିଲାଙ୍କ ପିଛା ୭ଟଙ୍କା ୭୦ପଇସା ଦର ଧାର୍ଯ୍ୟ ହୋଇଥିବା ବେଳେ ଅଣ୍ଡା ଦର ବୃଦ୍ଧି ଯୋଗୁଁ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ଓ କାକଟପୁର ବ୍ଲକଅଞ୍ଚଳରେ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ଅଣ୍ଡା ପ୍ରତି ୫ଟଙ୍କା ଦେଉଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ଅଣ୍ଡା ଦର ଏବେ ବଜାରରେ ୮ଟଙ୍କା ରହୁଛି। ଏହାର ଅର୍ଥ ରାଜ୍ୟ ସରକାର ଦେଉଥିବା ଟଙ୍କା ବଜାର ଦର ଭିତରେ ପାଖାପାଖି ୩ଟଙ୍କା ଫରକ ରହୁଛି। ସରକାରଙ୍କ ପକ୍ଷରୁ ପ୍ରତି କେନ୍ଦ୍ରକୁ ୩ରୁ ୬ବର୍ଷର ପିଲାଙ୍କ ଲାଗି ୭ଟଙ୍କା ୭୦ପଇସା ମିଳୁଛି। ସେଥିରୁ ସକାଳ ଜଳଖିଆ ଲାଗି ୧ଟଙ୍କା ୨୪ପଇସା ଓ ମିଲ୍ସ ଲାଗି ୬ଟଙ୍କା ୪୬ପଇସା ରହୁଛି। ଏଥି ସହିତ ମାସକୁ କିଶୋରୀ ବାଳିକାଙ୍କୁ ୧୬ଟି ଅଣ୍ଡା, ଗର୍ଭବତୀ ପ୍ରସୂତି, ୬ମାସରୁ ୩ବର୍ଷ ପିଲାଙ୍କ ଲାଗି ୧୨ଟି ଅଣ୍ଡା ଦେବାକୁ ସରକାର ନିୟମ କରିଛନ୍ତି। ଏପଟେ ଡାଲି ଦର କ୍ରମାଗତ ଭାବେ ବଢ଼ି ଚାଲିଛି, କମିବାର ନାଁ ନେଉନାହିଁ। ଏଥିଯୋଗୁଁ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି।

ଅନେକ ଜାଗାରେ ଠିକ ସମୟରେ ଅଣ୍ଡା ନ ମିଳିବାରୁ ଗାଁ ଗାଁରେ ଅସନ୍ତୋଷ ଦେଖିବାକୁ ମିଳୁଛି। ବର୍ତ୍ତମାନ ଯେଉଁଭଳି ଡାଲି ଏବଂ ଅଣ୍ଡା ଦର ଆକାଶଛୁଆଁ ହେଲାଣି, ସେହି ଅନୁଯାୟୀ ଅଙ୍ଗନବାଡି କେନ୍ଦ୍ରକୁ ସରକାର ଅନୁଦାନ ବଢ଼ୁନାହିଁ। ଏଭଳି ସ୍ଥିତିରେ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କ ପୃଷ୍ଟିକର ଯୋଜନା ଉପରେ ଦରବୃଦ୍ଧିର ପ୍ରଭାବ ପଡିଛି। ଉଚିତ ପ୍ରାପ୍ୟ ନ ପାଇବାରୁ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ ଭାବେ ଅଣ୍ଡା ଯୋଗାଇ ଦେବାରେ ଅଙ୍ଗନବାଡି କର୍ମୀମାନେ ଅସମର୍ଥ ହେଉଛନ୍ତି। ପ୍ରସୂତିଙ୍କୁ ମାସକୁ ୧୨ଟି ଅଣ୍ଡା ଦେବା ଲାଗି ନିୟମ ରହିଛି କିନ୍ତୁ ୮ଟି ଅଣ୍ଡା ଦିଆଯାଉଛି। ସେହିପରି ସପ୍ତାହରେ ସୋମବାର ବ୍ୟତୀତ ସପ୍ତାହକୁ ୫ଦିନ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦେବାକୁ ବ୍ୟବସ୍ଥା ଥିଲେ ବି ଏହା ସବୁବେଳେ ସମ୍ଭବ ହେଉନାହିଁ। ଅପରପକ୍ଷେ, ସ୍ୱଳ୍ପ ବେତନରେ ଅଙ୍ଗନବାଡି କର୍ମୀ ନିଜ ହାତରୁ ପଇସା ଦେଇ ପିଲାଙ୍କ ପାଇଁ ଅଣ୍ଡା କିଣୁଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ଦାବୀ ହୋଇଛି।

# ଗାଁରେ ବୁଲୁଛନ୍ତି ନକଲି କ୍ୱାକ୍ କାର୍ଯ୍ୟାନୁଷ୍ଠାନ ଦାବି



**ଖପ୍ରାଖୋଲ, ୨୯।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଗ୍ରାମରେ କ୍ୱାକମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ବିନା ଲାଇସେନ୍ସରେ ବେଧଡ଼କ ଚାଲିଛି ରୋଗୀ ଚିକିତ୍ସା ତା ସହିତ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି କ୍ୱାକମାନେ। ବିଭିନ୍ନ ଦୁରାରୋଗରେ ପୀଡିତ ନିରୀହ ଲୋକମାନଙ୍କୁ ଚିକିତ୍ସା ନାଁରେ ଲୁଟି ଚାଲିଛନ୍ତି । ନକଲି ଡାକ୍ତରମାନେ ଗାଁ ଗାଁରେ ଏବେ କ୍ଲିନିକ ଖୋଲି ଘରକୁ ଘର ସ୍ୱାସ୍ଥ୍ୟସେବା ଦେବା ନାଁରେ ଭୁଲ ଚିକିତ୍ସା କରୁଛନ୍ତି ଯାହାଫଳରେ ରୋଗୀ ସ୍ୱାସ୍ଥ୍ୟ ଅବସ୍ଥା ସାଙ୍ଘାତିକ ହୋଇ ଶେଷରେ ଜୀବନ ଯାଉଛି। ରୋଗୀ ଆରୋଗ୍ୟ ନ ହେଲେ ସରକାରୀ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଉଛନ୍ତି। ଲୋକଙ୍କୁ ଖର୍ଚ୍ଚାନ୍ତ କରାଉଛନ୍ତି। ଏଠି ପ୍ରଶ୍ନ ଉଠୁଛି କାହାର ଛତ୍ରଛାୟା ତଳେ ରହି କୌଣସି ଡାକ୍ତରୀ ପ୍ରମାଣ ପତ୍ର ନଥାଇ ଡାକ୍ତରୀ କାମ କରୁଛନ୍ତି। ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରୁନଥିବାରୁ ଉଚ୍ଚସ୍ତରୀୟ ପ୍ରଶାସନ ତଦନ୍ତ କରି କ୍ୱିକ ଡାକ୍ତରମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଚୋରା ଖାଦାନରେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ଗୁରୁତର

**ନୀଳଗିରି, ୨୯।୧୨ (ସଂଚାର ବ୍ୟୁରୋ):** ବେଆଇନ ବାଘମରା ଚୋରା ପଥର ଖାଦାନରେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ କଟକ ମେଡିକାଲକୁ ସ୍ଥାନାନ୍ତର। ସୁଚନା ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧୀନ ବାଘମରା ଚୋରା ପଥର ଖାଦାନକୁ ରବିବାର ୧୨ ଘଟିକା ସମୟରେ ଏକ ଟ୍ରାକ୍ଟର ପଥର ଆଣିବା ପାଇଁ ଯାଉଥିବା ବେଳେ ଭାରସାମ୍ଯ ହରାଇ ଖାଦାନ ଭିତରେ ଓଲଟି ପଡିଥିଲା। ଏଥିରେ ଟ୍ରାକ୍ଟର ଡ୍ରାଇଭର ମହିଷାପଙ୍ଗା ଗ୍ରାମର ସମା ସିଂ ଙ୍କ ପୁଅ ଡ୍ରାଇଭର ଲିପୁ ସିଂ (୩୫) ଗୁରୁତର ହୋଇଥିଲେ।ଏଥିରେ ତାଙ୍କର ମସ୍ତିଷ୍କ, ମୁହାଁ ରେ ଗଭୀର କ୍ଷତ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ଏକ ଆମ୍ବୁଲେନସରେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଯାଇଥିବା ବେଳେ ଟ୍ରାକ୍ଟର ମାଲିକର ଘର ପାଖାପାଖି ହୋଇଥିବାରୁ ଘଟଣା ସ୍ଥଳରୁ ଟ୍ରାକ୍ଟର ଟିକୁ ଫେରାର କରିଥିବା ସଫଳ ହୋଇଥିଲେ। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ବେଆଇନ ପଥର ଖାଦାନ ସହ ବ୍ଲାଷ୍ଟିଙ୍ଗ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ହେଲେ ନିଯନ୍ତ୍ରଣ କରିବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବେଆଇନ ପଥର ଖାଦାନ ସହ ବ୍ଲାଷ୍ଟିଙ୍ଗ ଫଳରେ ସରକାର ଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଓ ଖଣି ବିଭାଗର ରାଜସ୍ୱ ହାନି ହେଉଛି। ହେଲେ ବିଭାଗୀୟ ଅଧିକାରୀ ଙ୍କ ନଜର ପଡୁ ନଥିଲା। ପଥର ଖାଦାନ ନିମନ୍ତେ ଖଣି ବିଭାଗ ଠାରୁ ଅନୁମତି ନେବାର ପ୍ରାବଧାନ ରହିଥିବା ବେଳେ ବ୍ଲାଷ୍ଟିଙ୍ଗ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ରୁ ଅନୁମତି ନେବାକୁ ନିୟମ ରହିଛି। ହେଲେ କୌଣସି ଅନୁମତି ନ ନେଇ ଚାଲିଛି ବେଆଇନ କାର୍ଯ୍ୟ।



# ମଦ ବିକ୍ରି ଘଟଣାରେ ମହାକାଳପଡ଼ା ଥାନା ଅଧିକାରୀଙ୍କ ଚଢ଼ାଉ

ସଂଚାର ପ୍ରଭାବ

**ମହାକାଳପଡ଼ା, ୨୯।୧୨ (ସଂଚାର ବ୍ୟୁରୋ):** ଆକ୍ସନ ମୁଡ୍ ରେ ମହାକାଳପଡ଼ା ଥାନା ଅଧିକାରୀ ଧିରେଜ ଲେଙ୍କା। ବାଙ୍କି ଛନ୍ଦା ଗ୍ରାମରେ ଆଜି ରାତି ପ୍ରାୟ ୮ ଘଟିକା ସମୟରେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିଙ୍କ ଘରେ ମଦ ବ୍ୟବସାୟ ଖବର ପାଇ ଚଢାଉ କରିଛନ୍ତି ଥାନା ଅଧିକାରୀ। ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଟିମ୍ ସହ ପହଞ୍ଚି ପଚରାଉଚରା କରି ମଦ ବ୍ୟବସାୟ ସମ୍ପର୍କରେ ପଚାରି ବୁଝିଛନ୍ତି। ହେଲେ ସେମାନେ ମଦ ବ୍ୟବସାୟ ସମ୍ପର୍କରେ କୌଣସି ସମ୍ପୃକ୍ତି ନଥିବା କହିଛନ୍ତି। ପଚରାଉଚରା କରି ପୋଲିସ ଫେରି ଆସିଥିବା ଜଣାପଡିଛି।

ସୂଚନା ଥାଉକି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ବାଙ୍କିଛନ୍ଦାରେ ବେଧଡକ ମଦ ବ୍ୟବସାୟ ଓ ଜୁଆ ଖେଳକୁ ନେଇ ୨୭ ଡିସେମ୍ବରରେ ବାଙ୍କିଛନ୍ଦାରେ ଚାଲିଛି ବେଧଡକ୍ ଚୋରା ମଦ ବ୍ୟବସାୟ ଓ ଜୁଆ ଖେଳ ସମ୍ପର୍କିତ ଖବର ଦୈନିକ ଖବରକାଗଜ "ସଂଚାର"ରେ ପ୍ରକାଶିତ ହୋଇଥିଲା। ଯାହାକୁ ମହାକାଳପଡ଼ା ଥାନା ଅଧିକାରୀ ଗୁରୁତର ସହ ନେଇ ଆଜି ଏହି ଚଢାଉ କରିଛନ୍ତି। ଅସାଧୁ ବ୍ୟକ୍ତି ମାନେ ମଦ ବିକ୍ରି କରୁଥିଲେ ମଧ୍ୟ ବିଭିନ୍ନ ଆଳରେ ଖସି ଯାଉଛନ୍ତି। ସେମାନଙ୍କ ଏହି ମଦ ବ୍ୟବସାୟ ଫଳରେ ଗାଁର ସ୍ଥିତି ବିଗୁଡୁଛି। ଛୋଟ ପିଲାଙ୍କ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ଆଜିର ଏହି ଚଢାଉ ପରେ ସମସ୍ତ ଗାଁ ଶାନ୍ତ ପଡ଼ିଯିବା ସହିତ ଲୋକମାନେ ମଧ୍ୟ ଥାନା ଅଧିକାରୀଙ୍କ ଏହି ଚଢ଼ାଉରେ ଖୁସି ଅଛନ୍ତି। ଏମିତି ନିୟମିତ ପେଟ୍ରୋଲିଂ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।




# ବିଶ୍ୱ ସନାତନ ଯୁବ ସେବା ସଂଘର ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

**ନାଉଗାଁ, ୨୯।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ତିହୁଡ଼ା ସ୍ଥିତ ମା ଜାଗୁଳାଇ ମନ୍ଦିର ପରିସରରେ ବିଶ୍ୱ ସନାତନ ଯୁବ ସେବା ସଂଘର ୩୦ତମ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ତ୍ରିଦିନାତ୍ମକ ଉତ୍ସବରେ ସନାତନ ଧର୍ମ ପ୍ରଚାର ସହିତ କୋମଳ ମତି ଶିଶୁ ମାନଙ୍କର ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରୁ ପଞ୍ଚମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ବିଭିନ୍ନ ସାଧୁସନ୍ଥ ମାନଙ୍କ ଦ୍ୱାରା ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ ସନାତନ ଧର୍ମ ସନ୍ଧ୍ୟା ଅଧିବେଶନ ସଂଘର ସଭାପତି ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାବା ଅଭିରାମ ସରସ୍ୱତୀ, ମୁଖ୍ୟ ବକ୍ତା ଭାବେ ବିଧାନସଭା ସଚିବ ଦାଶରଥି ଶତପଥି ସମେତ ବିଶିଷ୍ଟ ଅତିଥି ଓ ସାଧୁସନ୍ଥ ମାନେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଅତିଥି ପରିଚୟ ସଂଘର ଉପ-ସଭାପତି ତ୍ରିଲୋଚନ ପାଢ଼ୀ ଦେଇଥିଲେ। ନାଉଗାଁ ବ୍ଲକର ବିଭିନ୍ନ କ୍ଷେତ୍ରରେ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଙ୍କୁ ସମାଜ ସେବା ପାଇଁ ନାଉଗାଁ ଗୌରବ ସାମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଲିଙ୍ଗରାଜ ମହାନ୍ତି, ସମାଜ ସେବୀ ଦୀପକ ବିଶ୍ୱାଳ ଓ ସମାଜ ସେବୀ ରାଜନୀକାନ୍ତ ଲେଙ୍କା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭା କୁ ସଂଘର କର୍ମକର୍ତା ହରେକୃଷ୍ଣ ମହାନ୍ତି, ଶୀଧେଶ୍ୱର ବାରିକ, ରାମକୃଷ୍ଣ ସାହୁ ପରିଚାଳନା କରିଥିଲେ। ଶେଷରେ ସଂଘର ସମ୍ପାଦକ ନିରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତିଖୋରଙ୍କୁ ଅଣନିଶ୍ୱାସୀ କରୁଛନ୍ତି ସୁବ୍ରତ

## ● ମାଧ୍ୟମ ସାଜିଛି ସୂଚନା ଅଧିକାର ଆଇନ ● ଖୋଲୁଛନ୍ତି ମିଛୁଆ, ଲାଞ୍ଚୁଆଙ୍କ ପେଡ଼ି

**ମହାକାଳପଡ଼ା, ୨୯।୧୨ (ସଂଚାର ବ୍ୟୁରୋ):** ସୂଚନା ଅଧିକାର ଆଇନ ବଳରେ ସେ କରୁଛନ୍ତି ବଡ଼ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ। ଅଞ୍ଚଳରେ ହେଉଥିବା ଦୁର୍ନୀତି ଭ୍ରଷ୍ଟାଚାରକୁ ସୂଚନା ଅଧିକାର ଆଇନ ବଳରେ ସାମ୍ନାକୁ ଆଣି ମିଛୁଆ ଲାଞ୍ଚୁଆଙ୍କ ଗଡ୍ ଫାଦର୍ ମାନଙ୍କୁ କରୁଛନ୍ତି ଅଣନିଃଶ୍ୱାସୀ। ତାଙ୍କର ନାମ ଶୁଣିଲେ ଅସହ୍ୟ ଯନ୍ତ୍ରଣା ହୁଏ ଭ୍ରଷ୍ଟାଚାରୀଙ୍କର। ଯଦି ମହାକାଳପଡ଼ାରେ ଆଜି ଭଳିକି ଭଳି ଦୁର୍ନୀତି ସାମ୍ନାକୁ ଆସି ପାରୁଛି ତାହା କେବଳ ଏହି ଯୁବ ସୂଚନା ଅଧିକାର କର୍ମୀଙ୍କ ପାଇଁ। ଯାହାଙ୍କୁ ନେଇ ଏବେ ମହାକାଳପଡ଼ାରେ ଚର୍ଚ୍ଚା ଜୋର୍।

ତାଙ୍କର ଦୁର୍ନୀତି ବିରୋଧୀ କାର୍ଯ୍ୟ ତାଙ୍କୁ ସମାଜରେ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତେର ଗାଁ ପଞ୍ଚାୟତ ଅନ୍ତର୍ଗତ ତେର ଗାଁ ଗ୍ରାମର ସୁବ୍ରତ କୁମାର ସେଠୀ। ପିତା ସୁଧାଂଶୁ ସେଠୀ ଓ ମାତା ବାସନ୍ତୀ ସେଠୀଙ୍କର ସୁପୁତ୍ର ସୁବ୍ରତ ୧୦ ମେ ୧୯୯୫ ରେ



ଜନ୍ମ ଗ୍ରହଣ କରନ୍ତି। ୨୦୧୦ ମସିହାରେ ମାଧ୍ୟମିକ ଶିକ୍ଷା ଶେଷ କରିବା ପରେ ୨୦୧୦ ରୁ ୨୦୧୨ ପର୍ଯ୍ୟନ୍ତ ଶିଳ୍ପ ତାଲିମ ପ୍ରତିଷ୍ଠାନ ଓ ୨୦୧୬ ରେ +୨ କଳା ବିଭାଗରେ କୃତକାର୍ଯ୍ୟ ହୋଇଛନ୍ତି। ପାଠପଢା ପରେ ଟେଲିକମ କମ୍ପାନୀରେ ଯୋଗଦେଇ ନିଜର କର୍ମମୟ ଜୀବନ ଆରମ୍ଭ କରନ୍ତି। ଦରମା କମ୍ ଥିବାରୁ ଓଡ଼ିଶା ବାହାରକୁ ପଳାଇ ସେଠି ଗୋଟେ ଆଇଟି କମ୍ପାନୀରେ ଇଲେକ୍ଟ୍ରିକ ଟେକନିସିଆନ ଭାବରେ କାମ କରନ୍ତି। ସୋସିଆଲ ମିଡିଆରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଭଳି ଏକ ଦୁର୍ନୀତି ବିରୋଧୀ ସାମାଜିକ ସଙ୍ଗଠନ ଯୋଗାଯୋଗରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଜଡିତ ହୋଇ କାର୍ଯ୍ୟ କରିବାର ସୁଯୋଗ ପାଆନ୍ତି। ପ୍ରତାପ ମହାନ୍ତି ,ସୁନିଲ୍ ଗନ୍ତାୟତ,ବିଭୂତି ରାଉତ ଦ୍ୱାରା ପରିଚୟ ଆରମ୍ଭ ହୁଏ । ସେହି ଗ୍ରୁପ୍ ରୁ ବିଭିନ୍ନ ଦୁର୍ନୀତି, ଭ୍ରଷ୍ଟାଚାର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଜାଣି ହେଉଥିବା ଜାଣି ସେଇଠୁ ସେ ପ୍ରତାପ ମହାନ୍ତିଙ୍କୁ ଆଦର୍ଶ ମାନି ସୂଚନା ଅଧିକାର ଆଇନ ବିଷୟରେ ଜାଣିବାକୁ ଭଲସେ ବୁଝା ବୁଝି କରି ଆଗକୁ ବଢନ୍ତି। ସେବେଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ଯଥା ରାସ୍ତା ଦୁର୍ନୀତି, ଆବାସ କେଳେଙ୍କାରୀ, ଭତ୍ତା ହଡ଼ପ, ଛତୁଆ ଘୋଟାଲା,ଚାକିରୀ ଜାଲିଆତି ଆଦି ଘଟଣାରେ ସୂଚନା ମାଗି ତଥ୍ୟ ଲୋକଲୋଚନାକୁ ଆଣୁଛନ୍ତି।

# ବେତନଟୀ ପ୍ରିମିୟର ଲିଗ୍
# ଫାଇନାଲରେ ଆରିୟନ ଫାଇଟର




**ବେତନଟୀ, ୨୯।୧୨ (ସଂଚାର ବ୍ୟୁରୋ):** ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୧ ର ୧୨ ଦିନରେ ସେମିଫାଇନାଲ-୨ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚଟି ଆରିୟନ ଫାଇଟର ଓ ମା ଦୁର୍ଗା ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ମା ଦୁର୍ଗା ଫାଇଟର ୨୫ ଓଭରରେ ୨୪.୪ ସମସ୍ତ ୱିକେଟ ହରାଇ ୧୮୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୨୩.୩ ଓଭରରେ ୫ ୱିକେଟ ହରାଇ ୧୮୯ ରନ କରି ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛି । ଆରିୟନ ଫାଇଟରର ଖେଳାଳି ଜଗଜିତ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଏହି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ବରିଷ୍ଠ ଖେଳାଳି ପ୍ରଶାନ୍ତ ନାଥ ପୁରସ୍କୃତ କରିଥିଲେ। ଏହି ଖେଳକୁ କେ ଇନ୍ଦ୍ର ପ୍ରସାଦ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚ ବାହାନଡା ଟାଇଗର ଓ ଆରିୟନ ଫାଇଟର ମଧ୍ୟରେ ଅନୁଷ୍ଠିତ ହେବ।

# ଡ. ସଂଜୀବ କୁମାର ନାଏକ ପଶ୍ଚିମ ପ୍ରାନ୍ତର ସଭାପତି

**ସୁନ୍ଦରଗଡ, ୨୯।୧୨ (ସଂଚାର ବ୍ୟୁରୋ):** ବିଶ୍ୱର ସର୍ବବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୯ତମ ରାଜ୍ୟ ଅଧିବେଶନ କଟକ ଜବାହର ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନ ଗତ ଡିସେମ୍ବର ୨୬ରୁ ୨୮ ତାରିଖ ଦୀର୍ଘ ୩ ଦିନ ପାଇଁ ହୋଇଥିଲା। ଏହି ଅଧିବେଶନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କର ରାଷ୍ଟ୍ର ପ୍ରତି ଭଲପାଇବା, ନିଷ୍ଠା, କର୍ତ୍ତବ୍ୟବାନ ଓ ଶିକ୍ଷା କ୍ଷେତ୍ରରେ କେମିତି ବିକାଶ ହେବ ଦିଗଦର୍ଶନ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାର କୋଣ



ଅନୁକୋଣରେ କାର୍ଯ୍ୟ କରୁଥିବା ବିଭିନ୍ନ କାର୍ଯ୍ୟକର୍ତ୍ତା ମାନଙ୍କୁ ନୂତନ ଦାୟିତ୍ୱ ମଧ୍ୟ ଘୋଷାଣ ହୋଇଥିଲା।

ତେବେ ଏହି ନୂତନ ଦାୟିତ୍ୱ ଘୋଷଣାରେ ସୁନ୍ଦରଗଡର ଡାଃ ସଂଜୀବ କୁମାର ନାଏକଙ୍କୁ ଓଡିଶା ପଶ୍ଚିମ ପ୍ରାନ୍ତର ନୂତନ ଓ ପ୍ରଥମ ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଡାଃ ନାଏକ ସୁନ୍ଦରଗଡ ଜିଲ୍ଲା ପ୍ରମୁଖ ସମେତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପ୍ରାନ୍ତର ଉପ ସଭାପତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ଏହି ଅଧିବେଶନରେ ସୁନ୍ଦରଗଡ଼ ବିଭାଗ ସଂଯୋଜକ ଗୋପାଳ ନାଏକଙ୍କୁ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସୋସିଆଲ ମିଡ଼ିଆ ସଂଯୋଜକ, ସୁନ୍ଦରଗଡ଼ ଜିଲ୍ଲା ସଂଗଠନ ସମ୍ପାଦକ ନାରାୟଣ ବେହେରାଙ୍କୁ ଛାତ୍ର ସନ୍ଦେଶ ପ୍ରମୁଖ, ମହୁଲପାଲି ମହାବିଦ୍ୟାଳୟ ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜିକା ଚୁମୁକି ନାଏକ ଓ ସୁନ୍ଦରଗଡ ନଗର ସମ୍ପାଦିକା ହ୍ରିତିକା ପଟେଲଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଳି ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

# 'ଆହତ ଜହ୍ନର ଆକାଶ' ଉନ୍ମୋଚିତ

**ରାଜକନିକା, ୨୯।୧୨ (ସଂଚାର ବ୍ୟୁରୋ) :** ରାଜକନିକା ବ୍ଲକ ତରାସ ଗ୍ରାମର ସୁନାମ ଧନ୍ୟ କବି ପ୍ରସନ୍ନ କୁମାର ସାହୁଙ୍କ 'ଆହତ ଜହ୍ନର ଆକାଶ' କବିତା ପୁସ୍ତକ ମା କନିକେଶ୍ୱରୀ ଦୂର୍ଗା ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଯାଇଛି। ସମ୍ଭାବନା ଓ ସୁଧା ପରିବାର ରାଜକନିକା ଆନୁକୂଲ୍ୟରେ ପ୍ରଫେସର ବୈକୁଣ୍ଠ ନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ନିରଞ୍ଜନ ବେହୁରିଆ, ସମ୍ମାନିତ ଅତିଥି ଭାବେ ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଶିକ୍ଷାବିତ କାଳୀ ପ୍ରସାଦ ନାୟକ, ଦାମୋଦର ଧଳ, ଗୋପୀନାଥ ବିଶ୍ୱାଳ, ପ୍ୟାରୀମୋହନ ସ୍ୱାଇଁ, ପ୍ରସନ୍ନ କୁମାର ଧଳ, କୃତିବାସ ଜେନା, ପତିତପାବନ ବେହେରା, ଗୟାଧର ନାଥ, ସୁବାସ ଚନ୍ଦ୍ର ସାହୁ, ରମାକାନ୍ତ ନାୟକ, ପ୍ରସନ୍ନ କୁମାର ମହାରଣା, ମୁରଲୀ ଧର ନାୟକ, ତ୍ରିଲୋଚନ ଜେନା, କରୁଣାକର ଜେନା ପ୍ରମୁଖ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିବା ସହିତ ଏହା ଓଡ଼ିଆ କବିତା ଜଗତରେ ଏକ ପରିଚୟ ସୃଷ୍ଟି କରିପାରିବ ବୋଲି କହିଥିଲେ।



# ବଜାରରେ ବିକ୍ରି ପାଣିର ବିଶୁଦ୍ଧତା ଉପରେ ପ୍ରଶ୍ନବାଚୀ

**ବାଲିଆପାଳ, ୨୯।୧୨ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ଲୋକେ ଘରୁ ବାହାରକୁ ଯିବା ସମୟରେ ଘରୁ ପାଣି ବୋତଲ ନନେଇ ବଜାରରୁ ପାଣି ବୋତଲ କିଣି ବ୍ୟବହାର କରିବା ଏକ ନିତିଦିନିଆ ଫେସନରେ ପରିଣତ ହୋଇଯାଇଛି। ତେବେ ସବୁଠାରୁ ଉଦବେଗର ବିଷୟ ହେଲା ଲୋକେ ଟଙ୍କା ଦେଇ ଯେଉଁ ପାଣି ବୋତଲ କିଣୁଛନ୍ତି ତାହାର ବିଶୁଦ୍ଧତା କେତେ କେହି ମଧ୍ୟ ଜାଣିନାହାନ୍ତି। ଆଉ ସେହି ପାନୀୟ ଜଳ ଏବେ ମାତ୍ର ୧୦ ଟଙ୍କାରେ ବଜାରରେ ମିଳୁଛି। ପାଣି ବୋତଲ



ଗୁଡିକରେ ମିନେରାଲ ଠାରୁ ଆରମ୍ଭ କରି ଭିଟାମିନ୍ ଯୁକ୍ତ ଓ ବିଆଇଏସ ମାର୍କା ବୋଲି ମଧ୍ୟ ବଜାରରେ ବିକ୍ରି ହେଉଥିବା ବହୁ ପାଣି ବୋତଲ ଉପରେ ଲେଖା ହୋଇଥିବା ଦେଖୁବାକୁ ମିଳିଛି। ୧ ଲିଟର ପାଣି ବୋତଲ ପିଛା ଖର୍ଚ୍ଚ ମାତ୍ର ୩ରୁ ୪ ଟଙ୍କା ଥିବା ବେଳେ ଦୋକାନୀଙ୍କୁ ୭ରୁ ୮ ଟଙ୍କାରେ ଯୋଗାଣ ହେଉଛି। ଗ୍ରାହକଙ୍କୁ ବିକ୍ରି କରିବା ବେଳେ ନାମ ଅନୁସାରେ ୧୦ରୁ୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ନା ଅଛି ବିଶୁଦ୍ଧତାର ମାପଦଣ୍ଡ ନା ଅଛି ଅଧିକୃତ ମୋହର ।

ସ୍ୱଳ୍ପ କିଛି ପାଣି ବୋତଲ ବ୍ୟବସାୟୀଙ୍କ ନିକଟରେ ଆବଶ୍ୟକୀୟ କାଗଜପତ୍ର ଥିବାବେଳେ ଅନେକ ବ୍ୟବସାୟୀ ବିନା କାଗଜପତ୍ରରେ ବେଧଡକ ଭାବେ ବ୍ୟବସାୟ ଚଳାଇ ଆସୁଥିବା ନଜର ରହିଛି। ପାଣି କାରବାର କରୁଥିବା ବ୍ୟବସାୟୀ ପ୍ରତିବର୍ଷ ଲାଇସେନ୍ସ ପ୍ରମାଣପତ୍ର ପୁନଃ ପଞ୍ଜିକରଣ କରିବା ପାଇଁ ନିୟମ ରହିଥିଲେ ମଧ୍ୟ ତାହା ନକରି ଫ୍ୟାକ୍ଟ୍ରି ଆରମ୍ଭ ବେଳେ ଯେଉଁ ଲାଇସେନ୍ସ ଆଣିଛନ୍ତି ସେଥିରେ ହିଁ ବର୍ଷ ବର୍ଷ ଧରି ଫ୍ୟାକ୍ଟ୍ରି ଚଳାଇ ଆସୁଛନ୍ତି। ଅନେକ ପାଣି ବ୍ୟବସାୟ ଚଳାଇ ଆସୁଥିବା ମାଲିକମାନଙ୍କ ନିକଟରେ ଆଇଏସଓ ମାର୍କା ନଥିବା ବେଳେ ପାଣି ବୋତଲ କେବେ ତିଆରି ହୋଇଛି ଏବଂ ଏହାର ବୈଦ୍ଧତା କେତେଦିନ ତାହା ମଧ୍ୟ ଉଲ୍ଲେଖ କରାଯାଉନାହିଁ। ବାଲିଆପାଳ ସମେତ ପଡୋଶୀ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଅନାମଧେୟ ପାଣି ବୋତଲ କରାଖାନା ରହିଥିବା ଜଣାପଡ଼ିଛି। ଯେଉଁମାନେ କି ରାଜ୍ୟ ସରକାର କିମ୍ବା ଖାଦ୍ୟ ସୁରକ୍ଷା ବିଭାଗର କୌଣସି ନିୟମ ନମାନି କେବଳ ପ୍ୟାକିଂ ମେସିନ ଆଣି ବୋରୱେଲରୁ ପାଣି ସଂଗ୍ରହ କରି ପାଣିରେ ଫିଟିକିରି ମିଶାଇ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ଛାଡୁଥିବା ଅଭିଯୋଗ ହୋଇଛି।

ବିଭାଗ ପକ୍ଷରୁ ବିନା ପ୍ରମାଣପତ୍ରରେ ଚାଲିଥିବା ପାଣି ବୋତଲ ଫ୍ୟାକ୍ଟ୍ରି ଗୁଡ଼ିକ ଉପରେ ଚଢାଉ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ବଡ଼ଚଣାରୁ କେନ୍ଦ୍ରାପଡ଼ାକୁ ଲୁଟ୍ ହେଉଛି ବାଲି

## କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ଲୁଟେରା, ବିଧାୟକ ଦୃଷ୍ଟି ଦେବାକୁ ଦାବି

**ବାଲିଚନ୍ଦ୍ରପୁର, ୨୯।୧୨ (ସଂଚାର ବ୍ୟୁରୋ):** ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟେକ ରାତିରେ ୩ ଶହ ଟ୍ରିପରୁ ଊର୍ଦ୍ଧ୍ୱ ବାଲି ହାଇୱା ଟ୍ରକ ଯୋଗେ ଲୁଟ ହେଉଛି। ୩ ଗୋଟି ମେଶିନ ଲଗାଇ ରାତିରେ ଲୁଟୁଛନ୍ତି ଲୁଟେରା। କୋଟି କୋଟି ଟଙ୍କା ଲୁଟିବାରେ ସମର୍ଥ ହେଉଛନ୍ତି ମାଫିଆ। ବଡ଼ଚଣାରୁ ବାଲି ଲୁଟ କରି କେନ୍ଦ୍ରାପଡ଼ାରେ ବିକୁଛନ୍ତି। ସନ୍ଧ୍ୟା ୬ଟାରୁ ଏହି ଲୁଟ ଆରମ୍ଭ ହୋଇ ସକାଳ ୬ଟାରେ ଶେଷ ହେଉଛି। ରାତି ଅନିଦ୍ରା ହୋଇ ଲୁଟେରାମାନେ ନାମିଦାମି ଗାଡ଼ିରେ ସମ୍ପୃକ୍ତ ଘାଟ ନିକଟରେ ମାରଣାସ୍ତ୍ର ଧରି ଜଗିରହି ଲୁଟ କରୁଛନ୍ତି। ଭୟଭିତ ହୋଇ ସ୍ଥାନୀୟ ଅଧିବାସୀ ଚୁପ ରହୁଛନ୍ତି। ଶନିବାର ସନ୍ଧ୍ୟା ସମୟରେ ଜନୈକ ସରପଞ୍ଚ ତାଙ୍କ ସମର୍ଥଙ୍କୁ ଧରି ବାଲି ପରିବହନ ହେଉଥିବା ରାସ୍ତାକୁ ଖୋଲି ଦେଇଥିଲେ ଏବଂ ସେଠାରେ ଏକ ବିରାଟ ଗଛର ମୂଳକୁ ରାସ୍ତା ମଝିରେ ପକାଇ ଅବରୋଧ କରି ବାଲି ପରିବହନ ବନ୍ଦ କରିଥିଲେ। ମାତ୍ର ବାଲି ମାଫିଆ ଓ ସରପଞ୍ଚଙ୍କ ମଧ୍ୟରେ ବୁଝାବଣା ହେବା ପରେ ରାତିରେ ପରିବହନ ଜାରି ରହିଥିଲା। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଧିନ ରଇପୁର ପଞ୍ଚାୟତ ରାମଦାସପୁର-୨ ନିଲାମି ବାଲିଘାଟରେ।

ଚଳିତ ବର୍ଷ ଡ଼ିସେମ୍ବର ମାସ ଆରମ୍ଭରୁ ବିନା କାଗଜପତ୍ରରେ ପ୍ରତ୍ୟେକ ରାତିରେ ସ୍ଥାନୀୟ ଅଞ୍ଚଳର



ଜନସାଧାରଣଙ୍କୁ ଭୟଭିତ କରାଇ ଶହ ଶହ ଟ୍ରିପ ବାଲି ଲୁଟି ନେଉଛନ୍ତି। ରାମଦାସପୁର-୨ ଘାଟରୁ ବାଲି ଲୋଡ଼ କରି ବରୀ ବ୍ଲକ କମ୍ପଗଡ଼ ଓ ପାଟକୁରା ବ୍ଲକ ବେଣିପୁର ଗ୍ରାମ ଦେଇ କେନ୍ଦ୍ରାପଡ଼ା ଅଞ୍ଚଳକୁ ରାତିରେ ଚାଲାଣ ହେଉଛି। ଉକ୍ତ ଅଞ୍ଚଳଟି ବାଲିଚନ୍ଦ୍ରପୁର ଥାନା ଅଧିନରେ ଯାଉଥିଲେ ମଧ୍ୟ ମାଫିଆମାନେ ପୋଲିସକୁ ଚକମା ଦେଇ ନିଲାମ ଘାଟ କହି ଟୁକନ ସାହାର୍ଯ୍ୟରେ ଲୁଟୁଛନ୍ତି ବାଲି। ଲୁଟେରାମାନେ ଚାହିଁଲେ ବି ଖଣ୍ଡିଏ ହେଲେ ଟି.ପି ଦେଖାଇପାରୁନାହାଁନ୍ତି। ଯେଉଁ ବାଟ ଦେଇ ବାଲି ପରିବହନ କରାଯାଉଛି ସେ ସବୁ ଅଞ୍ଚଳ କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ଅଧିନରେ ରହୁଛି। ଲୁଟେରାମାନେ ମଧ୍ୟ କେନ୍ଦ୍ରାପଡ଼ା ଅଞ୍ଚଳର ତେଣୁ କେନ୍ଦ୍ରାପଡ଼ା ପୋଲିସକୁ ହାତବାରିଶି କରି ସହଜରେ ଲୁଟି ନେଉଛନ୍ତି। ଏ ନେଇ ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ତେଣୁ ଏଥିପ୍ରତି ବଡ଼ଚଣା ବିଧାୟକ ଅମର ନାୟକ, ଜିଲ୍ଲାପାଳ ଯାଜପୁର ପି.ଅନ୍ୱେଷା ରେଡ୍ଡୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।